ବର୍ଷ-୨୫, ସଂଖ୍ୟା-୧୭୩
ଭୁବନେଶ୍ୱର
୨୮, ଜୁନ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 173
Bhubaneswar
28, June, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମାଉସୀମା ମନ୍ଦିର ଆଗରେ ୩ ରଥ

**ପୁରୀ,୨୮।୬(ମହାଭାରତ):** ଶ୍ରୀଜିଉମାନଙ୍କର ତିନି ରଥ ଶରଧା ବାଲିରେ ପହଞ୍ଚିଛି। ଆଜି ସକାଳ ପୂଜାର୍ଚ୍ଚନା ପରେ ପ୍ରାୟ ୯:୩୦ ରେ ପୁନର୍ବାର ରଥଟଣା ଆରମ୍ଭ ହୋଇଥିଲା। ଶରଧାବାଲିରେ ପ୍ରଥମେ ତାଳଧ୍ୱଜ, ତାପରେ ଦର୍ପଦଳନ ଏବଂ ଶେଷରେ ନନ୍ଦିଘୋଷ ରଥ ପହଞ୍ଚିଛି। ତିନି ରଥ ଏଠାରେ ପହଞ୍ଚିଲା ପରେ ଶ୍ରଦ୍ଧାଳୁଙ୍କର ଘଣ୍ଟ, ଶଙ୍ଖ, ହରିବୋଲ ଓ ହୁଳହୁଳିରେ ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଛି। ଏଠାରେ ରଥାରୁଢ଼ ଶ୍ରୀଜିଉମାନଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନଙ୍କର ମନରେ ଉତ୍ସାହ ଦେଖାଯାଇଛି। ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ର ଲୋକାରଣ୍ୟ ହୋଇଛି। ବଡ଼ଦାଣ୍ଡରେ ଭକ୍ତମାନଙ୍କର ଗହଳି ଲାଗିଛି। ରଥଯାତ୍ରା ଅବସରରେ ପୁରୀ ସହରକୁ ଲକ୍ଷଲକ୍ଷ ଭକ୍ତମାନଙ୍କର ଆଗମନ ହୋଇଛି। ଶ୍ରୀକ୍ଷେତ୍ରକୁ ବାହାରୁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ପହଞ୍ଚିଛନ୍ତି।

ଆସନ୍ତା କାଲି ଆଡ଼ପ ମଣ୍ଡପ ବିଜେ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରଥ ଉପରେ ମହାପ୍ରଭୁଙ୍କୁ ଶୁଖିଲା ଭୋଗର ପରମ୍ପରା ରହିଛି। ଏହା ସହିତ ବିଭିନ୍ନ ମଠବାଡି ମାନଙ୍କରୁ ମଧ୍ୟ ଭୋଗ ଆସି ମହାପ୍ରଭୁଙ୍କୁ ଲାଗି ହୋଇଥାଏ। କାଲି ପହଣ୍ଡି ଥିବାରୁ ସନ୍ଧ୍ୟାଧୂପ ପରେ ଆଡପ ମଣ୍ଡପକୁ ଗୋଟି ପହଣ୍ଡି କରାଯିବ। ଏ ନେଇ ଦଇତାପତି ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସକଙ୍କ ମଧ୍ୟରେ ଆଲୋଚନା କରାଯାଇଛି। ଆଉ ନୀତି ଶୃଙ୍ଖଳିତ କରିବାକୁ କହିଛନ୍ତି ସେବାୟତ। ଶ୍ରୀମନ୍ଦିର ବ୍ୟବସ୍ଥାବଳୀ ଅନୁସାରେ ତିନି ରଥକୁ ବ୍ୟାରିକେଡ ଭିତରେ ରଖାଯାଇଛି। ସମ୍ପୂର୍ଣ୍ଣ ସିସିଟିଭି ବଳୟରେ ରହିଛି ତିନି ରଥ।



ଗତକାଲିର ଅପ୍ରତ୍ୟାଶିତ ପରିସ୍ଥିତି, ଯାହା ଭକ୍ତମାନଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଥିଲା। ଯାତ୍ରାର ଏହି ପର୍ଯ୍ୟାୟର ସଫଳ ସମାପ୍ତି ଲକ୍ଷ ଲକ୍ଷ ଲୋକଙ୍କ ଅଟଳ ବିଶ୍ୱାସକୁ ଆହୁରି ଦୃଢ଼ କରିଛି। ସବୁଠାରୁ ପ୍ରମୁଖ ପ୍ରସଙ୍ଗ ଥିଲା ରଥ ଟାଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ବିଳମ୍ବ, ବିଶେଷକରି ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ। ଏହା ଏକ ଘଣ୍ଟାରୁ ଅଧିକ ସମୟ ପାଇଁ ଗ୍ରାଣ୍ଡ ରୋଡ୍ (ବଡ଼ ଦଣ୍ଡ)ର ଏକ ପ୍ରମୁଖ ମୋଡ଼ରେ ଫସି ରହିଥିଲା, ଯାହା ଅନ୍ୟ ଦୁଇଟି ରଥକୁ ଆଗକୁ ବଢ଼ିବାରୁ ବାଧା ଦେଇଥିଲା।

ଏହା ପବିତ୍ର ରଥଯାତ୍ରାକୁ ଦୀର୍ଘ ସମୟ ପାଇଁ ଅଟକାଇ ଦେଇଥିଲା। ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ମଧ୍ୟ କେବଳ ପ୍ରତୀକାତ୍ମକ ଭାବରେ ଅଳ୍ପ ଦୂରତା ପାଇଁ ଟଣାଯାଇ ଅଟକାଇ ଦିଆଯାଇଥିଲା।

ସରକାରୀ ଆକଳନଠାରୁ ବହୁତ ଅଧିକ ଭକ୍ତଙ୍କ ଗହଳି, କଠୋର ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଘେରାବନ୍ଦୀ ଅଞ୍ଚଳରେ ପ୍ରବେଶ କରିଥିଲା। ଏହି ବିଶାଳ ଭିଡ଼ କେବଳ ରଥର ଗତିକୁ ବାଧାପ୍ରାପ୍ତ କରିନଥିଲା ବରଂ ଅନେକ ଆହତ ଏବଂ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ସୃଷ୍ଟି କରିଥିଲା।

ଥକାପଣ ଏବଂ ଭିଡ଼ ଚାପ ଯୋଗୁଁ ୭୫୦ରୁ ଅଧିକ ଭକ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିଥିଲା। ଅନେକଙ୍କୁ ସାମାନ୍ୟ ଆଘାତ, ବାନ୍ତି ଏବଂ ଅଚେତ ହେବାକୁ ପଡିଥିଲା, ଯାହା ମୁଖ୍ୟତଃ ପ୍ରଚଣ୍ଡ ଗରମ ଏବଂ ଉଚ୍ଚ ଆର୍ଦ୍ରତା ଯୋଗୁଁ ହୋଇଥିଲା। ପ୍ରାୟ ୬୨୫ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

ବଳଗଣ୍ଡି ଅଞ୍ଚଳ ନିକଟରେ ପ୍ରଭୁ ବଳଭଦ୍ରଙ୍କ ରଥ ଦୀର୍ଘ ସମୟ ଧରି ଅଟକି ରହିବା ଯୋଗୁଁ ଲୋକଙ୍କ ଭିଡ଼ ଜମିଥିଲା, ଯାହା ଫଳରେ ଭକ୍ତମାନେ ଭିଡ଼ ସ୍ଥାନରୁ ଖସି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ଆହତ ହୋଇଥିଲେ। ରଥଯାତ୍ରା ସମୟରେ ନୀତିକାନ୍ତି ସୁରୁଖୁରରେ ସମ୍ପନ୍ନ ହେବାପରେ ରଥଟଣାରେ ବିଳମ୍ବ କାହିଁକି ହେଲା, କିଏ ଦାୟୀ ଓ ତିନି ଠାକୁରଙ୍କ ରଥ ଦାୟିତ୍ୱରେ ଥିବା ଅଫିସରମାନେ କ'ଣ କରୁଥିଲେ ଏସବୁର ଖୋଳତାଡ଼ ହେବା ଜରୁରୀ। ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଏଭଳି ଅବ୍ୟବସ୍ଥାକୁ ନେଇ ସରକାର କଠୋର ଆଭିମୁଖ୍ୟ ପୋଷଣ କରିବାର ଆବଶ୍ୟକତା ରହିଛି। ଏହାର ନିରପେକ୍ଷ ତଦନ୍ତ ହେଲେ ହିଁ ରଥଯାତ୍ରା ଆରମ୍ଭରୁ ଶେଷପର୍ଯ୍ୟନ୍ତ କିଏ ଓ କେଉଁସ୍ତରରେ ଦାୟୀ ତାହା ଲୋକଲୋଚନକୁ ଆସିପାରନ୍ତା ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।

ପୁଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି, ଚଳିତବର୍ଷ ପୁଲିସ ବ୍ୟବସ୍ଥାକୁ ୮ଟି ଭାଗରେ ବିଭକ୍ତ କରାଯାଇଛି। ଟ୍ରାଫିକ୍ ବ୍ୟବସ୍ଥା, ଶ୍ରୀମନ୍ଦିର ଭିତର ସୁରକ୍ଷା, କର୍ଡନ ଭିତର ସୁରକ୍ଷା, କର୍ଡନ ବାହାର ସୁରକ୍ଷା, ଗହଳି ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା, କୋଷ୍ଟାଲ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ପ୍ରଥମ ଥର ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସିଷ୍ଟମ୍ କରାଯାଇଛି। ଏହି ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମରେ ରହି ୨୭୫ଟି ଏଆଇ କ୍ୟାମେରା ମାଧ୍ୟମରେ ଉତ୍ତରା ଛକରୁ ପୁରୀ ସହର, ପୁରୀରୁ କୋଣାର୍କ ଓ ପୁରୀ ସହରାଞ୍ଚଳର କୌଣସିଠାରେ ଟ୍ରାଫିକ୍ ଜାମ୍ ସମସ୍ୟାର ମୁକାବିଲା ପାଇଁ ନିଷ୍ପତ୍ତି ନେଇହେବ। ସେହିପରି ଆଣ୍ଟିଡ୍ରୋନ୍ ସିଷ୍ଟମ୍, ବହୁ ସଂଖ୍ୟାରେ ଆଣ୍ଟିସାବୋଟାଜ୍ ଟିମ୍, ଡଗ୍ ସ୍କ୍ୱାଡ୍ ମୁତୟନ ରହିଛି। ସେହିପରି ଚଳିତବର୍ଷ ୨୧ ଆଇପିଏସ୍, ୧୨ଶହ ଅଫିସରଙ୍କ ସହିତ ୨୦୫ ପ୍ଲାଟୁନ୍ ପୁଲିସ ଫୋର୍ସର ବ୍ୟବସ୍ଥା କରାଯାଇଛି। ଜଳପଥ ତଟ ସୁରକ୍ଷା ପାଇଁ ମେରାଇନ୍ ପୁଲିସ ଟିମ୍, କୋଷ୍ଟଗାର୍ଡ, ନେବାହିନୀ (ନାଭାଲ୍)ର ପାଟ୍ରୋଲିଂ ରହିବ। କୋଷ୍ଟଗାର୍ଡର ଆଉ ଏକ ଟିମ୍ ଆକାଶମାର୍ଗରୁ ସମୁଦ୍ରକୂଳକୁ ତୀକ୍ଷ୍ଣ ନଜର ରଖିବେ।

# 'ର' ର ନୂତନ ମୁଖ୍ୟ ହେଲେ ପରାଗ ଜୈନ

**ନୂଆଦିଲ୍ଲୀ,୨୮।୬ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର)ର ନୂତନ ମୁଖ୍ୟଙ୍କୁ ନିଯୁକ୍ତ କରିଛନ୍ତି। ସରକାର ଏହି ପଦବୀ ପାଇଁ ଆଇପିଏସ ଅଧିକାରୀ ପରାଗ ଜୈନଙ୍କୁ ବାଛିଛନ୍ତି। ପରାଗ ଜୈନ ପଞ୍ଜାବ କ୍ୟାଡରର ୧୯୮୯ ବ୍ୟାଚ୍ ଆଇପିଏସ ଅଧିକାରୀ, ତାଙ୍କର କାର୍ଯ୍ୟକାଳ ଦୁଇ ବର୍ଷର ହେବ। ବର୍ତ୍ତମାନର 'ର'ମୁଖ୍ୟ ରବି ସିହ୍ନାଙ୍କ କାର୍ଯ୍ୟକାଳ ଜୁନ୍ ୩୦ରେ ଶେଷ ହେଉଛି।



ଆଇପିଏସ ପରାଗ ଜୈନ ପୂର୍ବରୁ ଚଣ୍ଡିଗଡ଼ର ଏସ୍ଏସ୍ପି ଥିଲେ। ଏହା ବ୍ୟତୀତ ପରାଗ କାନାଡା ଏବଂ ଶ୍ରୀଲଙ୍କାରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ତାଙ୍କୁ ଜମ୍ମୁ ଏବଂ କଶ୍ମୀରରେ ମଧ୍ୟ ନିଯୁକ୍ତି ଦିଆଯାଇଛି, ଯେଉଁଠାରେ ସେ ସଂଘର୍ଷଗ୍ରସ୍ତ କେନ୍ଦ୍ରଶାସିତ ଅଞ୍ଚଳରେ କେନ୍ଦ୍ରର ଆତଙ୍କବାଦ ବିରୋଧୀ ରଣନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପରାଗ ଜୈନଙ୍କ କ୍ୟାରିୟର ଜଣେ ଅଭିଜ୍ଞ ଗୁଇନ୍ଦା ଅଧିକାରୀଙ୍କ ଉଦାହରଣ। ସେ ପଞ୍ଜାବରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ, ଯେତେବେଳେ ରାଜ୍ୟ ଆତଙ୍କବାଦର କବଳରେ ଥିଲା। ସେ ଭଟିଣ୍ଡା, ମାନସା ଏବଂ ହୋସିଆରପୁର ଭଳି ସମ୍ବେଦନଶୀଳ ଜିଲ୍ଲାରେ କାର୍ଯ୍ୟକ୍ଷମ ଭାବେ ଦାୟିତ୍ୱ ତୁଲାଇଥିଲେ। ପରେ ସେ ଚଣ୍ଡିଗଡ଼ର ଏସଏସପି ଏବଂ ଲୁଧିଆନାର ଡିଆଇଜି ମଧ୍ୟ ଥିଲେ। 'ର'ରେ ତାଙ୍କର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ, ପରାଗ ଜୈନ ପାକିସ୍ତାନ ଡେସ୍କକୁ ପରିଚାଳନା କରିଥିଲେ। ବିଶେଷକରି ଧାରା ୩୭୦ର ଉଚ୍ଛେଦ ଏବଂ ବାଲାକୋଟ ଏୟାରଷ୍ଟ୍ରାଇକ ଭଳି ଗୁରୁତ୍ୱପୂର୍ଣ୍ଣ ଅପରେସନ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଅପରେସନ ସିନ୍ଦୁରରେ, ଭାରତୀୟ ସେନା ପାକ୍ ଅଧିକୃତ କଶ୍ମୀର ଏବଂ ବାହାବଲପୁରରେ ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ବୋମା ମାଡ଼ କରି ଧ୍ୱଂସ କରିଥିଲା। ଭାରତର ଏହି କାର୍ଯ୍ୟାନୁଷ୍ଠାନରେ ପ୍ରାୟ ୧୦୦ଆତଙ୍କବାଦୀ ନିହତ ହୋଇଥିଲେ। ଏଥିରେ ଅନେକ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ମଧ୍ୟ ଥିଲେ। 'ର' ହେଉଛି ଭାରତର ଗୁଇନ୍ଦା ସଂସ୍ଥାୟ ଯାହା ବିଦେଶରେ ଏବଂ ଦେଶ ଭିତରେ ଘଟୁଥିବା ଦେଶ ବିରୋଧୀ ଷଡ଼ଯନ୍ତ୍ର ବିଷୟରେ ସୂଚନା ସଂଗ୍ରହ କରେ।

# କୋଟିଆରେ ଗଡ଼ିଲା ରଥ



**କୋରାପୁଟ,୨୮।୬ (ମହାଭାରତ):** ପୁରୀରେ ରୀତିନୀତି ଅନୁଯାୟୀ ୩ ଠାକୁରଙ୍କ ରଥଯାତ୍ରା ପାଳନ ହୋଇଥିବା ବେଳେ ଏହାର ଗୋଟିଏ ଦିନ ପରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସୀମାନ୍ତ କୋଟିଆ। ପଞ୍ଚାୟତରେ ରଥଟଣା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟସ୍ତ ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ପରିବହନ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କୋରାପୁଟ ଏମ୍ପି ସପ୍ତଗିରି ଉଲକା, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ୍, କୋରାପୁଟ ବିଧାୟକ ରଘୁରାମ ମାଛ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲାପାଳ ଭି.କୀର୍ତ୍ତି ୱାସନ ଓ ଜିଲା ଏସ୍ପି ରୋହିତ ଭର୍ମା ପ୍ରମୁଖ ଯୋଗଦେଇଥିଲେ। ଜଗନ୍ନାଥଙ୍କୁ ଦର୍ଶନ କରି ଛେରା ପହଁରା କରିଥିଲେ।

ଏହାପରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଅନ୍ୟ ମନ୍ତ୍ରୀ, ଏମ୍ପି ଓ ବିଧାୟକମାନେ ରଥ ଟାଣି ଅଙ୍ଗନୱାଡି କେନ୍ଦ୍ରର ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ପହଞ୍ଚାଇଥିଲେ। ୩ ଠାକୁରଙ୍କ ପହଣ୍ଡିରେ ଅଂଶଗ୍ରହଣ କରିଥିଲେ। ସମସ୍ତେ କୋଟିଆ। ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଥାନା ନିକଟରେ ନବନିର୍ମିତ ଗେଷ୍ଟ ହାଉସ୍ ଉଦଘାଟନ କରିଥିଲେ। କୋରାପୁଟ ଫେରିବା ବେଳେ ଦେଓମାଳି ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରି ଉନ୍ନୟନମୂଳକ କାର୍ଯ୍ୟ ଦେଖିଥିଲେ।

ଏହି ସମୟରେ ପଟ୍ଟାଙ୍ଗି ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ଉପଜିଲାପାଳ ପ୍ରେମଲାଲ୍ ହିଆଲ୍, ସିଡିଓ ବେଣୁଧର ଶବର,ଜିଲା ଭାଜପା ସଭାପତି ଶିବ ମୁଦୁଲି, ପୂର୍ବତନ ସଭାପତି ସୁମନ୍ତ ପ୍ରଧାନ, ପୂର୍ବତନ ଏମ୍ପି ତଥା କଂଗ୍ରେସ ଦଳ ନେତା ଜୟରାମ ପାଙ୍ଗୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ସରପଞ୍ଚ ଲିଉ ଗେମେଲ୍, ସମିତି ସଭ୍ୟା ଅମ୍ବିକା ପାଙ୍ଗୀ, ଜୋନ୍ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ପୂର୍ବତନ ମାଲକାନଗିରି ବିଧାୟକ ଡମ୍ବରୁ ଶୀସା ପ୍ରମୁଖ ଯୋଗଦେଇଥିଲେ। ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣା ନାୟକ ଓ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆଙ୍କ ତତ୍ତ୍ୱାବଧାନରେ ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଭିଜିଲାନ୍ସ ଜାଲରେ ଯନ୍ତ୍ରୀ

**ବ୍ରହ୍ମପୁର,୨୮।୬(ମହାଭାରତ):** ଆୟ ବହିର୍ଭୁତ ସଂପତି ଠୁଳ କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଗଂଜାମ ବ୍ଲକର ସହାୟକ କାର୍ଯ୍ୟକାରୀ ଅଭିଯନ୍ତା (ଏଇଇ) ସୁଶୀଲ କୁମାର ପଣ୍ଡାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇ ଗଂଜାମ ଓ ପୁରୀ ଜିଲ୍ଲାରେ ତାଙ୍କର ୭ଟି ଠିକଣାରେ ଚଢାଉ କରିଛି। ଏନେଇ ପ୍ରେସ ବିଜ୍ଞପ୍ତି ଜରିଆରେ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା ଭିଜିଲାନ୍ସ ଟିମ୍ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ଯେଉଁଥିରେ ୬ଟି ଡେପୁଟି ଏସପି, ୭ ଇନସପେକ୍ଟର ଓ ଅନ୍ୟ ସହଯୋଗୀ କର୍ମୀ ସାମିଲ ଅଛନ୍ତି। ବ୍ରହ୍ମପୁରର ରାମ ହରି ନଗରସ୍ଥିତ ତିନି ମହଲା ବିଲ୍ଡିଂ, ଅଙ୍କୁଲି ଅଞ୍ଚଳରେ ଅବସ୍ଥିତ ମୁକ୍ତେଶ୍ୱର ଆପାର୍ଟମେଣ୍ଟର ଫ୍ଲାଟ୍ ନଂ-୨୦୫, ସେହି ଆପାର୍ଟମେଣ୍ଟରେ ତାଙ୍କ ଭାଇଙ୍କ ନାମରେ ଥିବା ଅନ୍ୟ ଜଣେ ଏକ ଫ୍ଲାଟ୍, ପୁରୀ ଜିଲ୍ଲାର ଚୂଡ଼ଙ୍ଗ ସାହିରେ ଥିବା ଏକ ଫ୍ଲାଟ୍, ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ଅଞ୍ଚଳରେ ତାଙ୍କର ଜନ୍ମଗ୍ରାମ ଗୁଡଲିର ପୈତୃକ ଘର, ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ଅଞ୍ଚଳରେ ଥିବା ତାଙ୍କ ଶ୍ୱଶୁର ଘର, ଓ ଗଞ୍ଜାମ ବ୍ଲକସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଚଢାଉ କରାଯାଇଛି।

# ୩ ଯୁବତୀଙ୍କ ଉପରେ ଚଢ଼ିଗଲା ସରକାରୀ ବସ୍

**ପୁରୀ,୨୮।୬(ମହାଭାରତ):** ଜାତୀୟ ରାଜପଥରେ ରାଜ୍ୟ ସରକାରୀ ବସ୍ ପୁଣି ଅଘଟଣ ଘଟାଇଛି। ଭୁବନେଶ୍ୱର-ପୁରୀ ୩୧୭ ନମ୍ବର ଜାତୀୟ ରାଜପଥ ଉପରେ ନିୟନ୍ତ୍ରଣ ହରାଇଛି। ବସ୍‌ର ଚାଳକ ଅନିୟନ୍ତ୍ରିତ ହୋଇ ଆଜି ଅପରାହ୍ଣରେ ଜଗା ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଅଭିମୁଖେ ସ୍କୁଟିରେ ଯାଉଥିବା ତିନି ଜଣ ଯୁବତୀଙ୍କ ଉପରେ ଚଢ଼ାଇ ଦେଇଛନ୍ତି। ଏହି ମର୍ମନ୍ତୁଦ ଦୁର୍ଘଟଣା ପିପିଲି ଥାନା ଅଧୀନ ତରାକାଜ ନିକଟରେ ଘଟିଛି। ଏଥିରେ ତିନି ଜଣ ଯୁବତୀଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ରିମଝିମ ପ୍ରିୟଦର୍ଶିନୀ ସାହୁ (୨୦), ଏଲିନା ଦାସ (୨୦) ଓ କାଜଲ ଦାସ (୨୦)। ଶରଧାବାଲିରେ ରଥାରୁଢ଼ ମହାପ୍ରଭୁଙ୍କୁ ଦର୍ଶନ କରିବେ ବୋଲି ତିନି ଯୁବତୀ ବହୁତ ଖୁସିରେ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଥିଲେ। ଦୁର୍ଭାଗ୍ୟର ବିଷୟ ସ୍କୁଟି ଆରୋହୀମାନଙ୍କର ଅନ୍ୟ ଏକ ଗାଡ଼ି ସହିତ ସାମାନ୍ୟ ଧକ୍କା ଦେଇଥିଲା, ଯେଉଁଥିରେ ସେମାନେ ପଡ଼ି ଯାଇଥିଲେ। ଏହି ସମୟରେ ସରକାରୀ ବସ୍ ଘଟଣାସ୍ଥଳରେ ପହଞ୍ଚି ଧକ୍କା ଦେଇଥିଲା।



ଲିଙ୍ଗରାଜ ଥାନା ବାରିକସାହିର ରିମ୍‌ଝିଡ଼ ପ୍ରିୟଦର୍ଶିନୀ ସାହୁ, କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅଞ୍ଚଳର ଏଲିନା ଦାସ ଓ କାଜଲ ଦାସ ଆଜି ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଏକ ସ୍କୁଟିରେ ଭୁବନେଶ୍ୱରରୁ ପୁରୀ ଅଭିମୁଖେ ବାହାରି ଥିଲେ। ଶରଧାବାଲିରେ ପହଞ୍ଚି ରଥାରୁଢ଼ ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ଆଶା କରିଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ବହୁତ ଖୁସିରେ ଆଗକୁ ବଢୁଥିଲେ। କିନ୍ତୁ ସେମାନଙ୍କର ଆଶା ପୂରା ହୋଇପାରିଲା ନାହିଁ।

ପିପିଲି ଥାନା ତରାକାଜ ନିକଟରେ ସାମ୍ନାରୁ ଆସୁଥିବା ଏକ ଗାଡ଼ି ତିନି ଯୁବତୀଙ୍କୁ ଧକ୍କା ଦେଇଥିଲା। ଏଥିରେ ସେମାନେ ତଳେ ପଡ଼ି ଯାଇଥିଲେ। ଦୁର୍ଘଟଣାର ଶିକାର ହୋଇ ଉଠିବା ପୂର୍ବରୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆରଟିସି) ଦ୍ୱାରା ପରିଚାଳିତ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ସେମାନଙ୍କର ଉପରେ ଚଢ଼ି ଯାଇଥିଲା। ଯୁବତୀମାନେ ରକ୍ତ ଜୁଡୁବୁଡୁ ହୋଇ ଛଟପଟ ହେଉଥିବା ବେଳେ ବସ୍‌ଟି ଫେରାର ମାରିଥିଲା।

ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ଟି ମୃତଦେହ ଉଦ୍ଧାର କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ସ୍କୁଟି (ଓଡି ୦୨ ବିକ୍ୟୁ ୭୩୬୭) ଜବତ କରିଛି। ପିପିଲି ଟୋଲ୍ ଗେଟକୁ ଯାଇ ପୁଲିସ ବସ୍‌କୁ ଚିହ୍ନଟ କରିବା ପାଇଁ ଛାନଭିନ ଜାରି ରଖିଛି। ମୃତ ଯୁବତୀମାନେ ଭୁବନେଶ୍ୱରସ୍ଥିତ ସଂଗୀତ ମହାବିଦ୍ୟାଳୟର ଛାତ୍ରୀ ବୋଲି କୁହାଯାଉଛି। ତେବେ ତଦନ୍ତ ପରେ ସେମାନଙ୍କର ପୂରା ପରିଚୟ ଜଣାପଡ଼ିବ ବୋଲି ପୁଲିସ କହିଛି।

ତିନି ଜଣ ଯୁବତୀଙ୍କ ମୃତ୍ୟୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟୁଇଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ରିମ୍‌ଝିମି ପ୍ରିୟଦର୍ଶିନୀ ସାହୁ, ଏଲିନା ଦାସ ଓ କାଜଲ ଦାସ ପ୍ରାଣ ହରାଇଥିବା ସମ୍ପର୍କରେ ଜାଣି ଦୁଃଖ ପ୍ରକାଶ କରୁଛି।

# ଗରିବଙ୍କ ସାମୂହିକ ଓ ସାମଗ୍ରିକ ବିକାଶ ଦିଗରେ କାମ କରୁଛି ଡବଲ ଇଞ୍ଜିନ ସରକାର

**ବରଗଡ,୨୮।୬ (ମହାଭାରତ):** ଓଡ଼ିଶାରେ ଥିବା ଗରିବ ଶ୍ରେଣୀରୁ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କ ଜୀବନରେ ଅଭୁତପୂର୍ବ ପରିବର୍ତନ ଆଣିବା ଆମର ଡବଲ ଇଞ୍ଜିନ ସରକାରର ମୂଳ ଉଦ୍ଦେଶ୍ୟ ବୋଲି ଆଜି କୃଷିପ୍ରଧାନ ଅଂଚଳ ବରଗଡରେ ଆୟୋଜିତ "ଗରିବ କଲ୍ୟାଣ ଓ ବିକାଶ ସମାବେଶ"ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଅବସରରେ ଶ୍ରୀ ପ୍ରଧାନ ପାଖାପାଖି ୨୨ କୋଟିରୁ ଅଧିକ ମୂଲ୍ୟର ୧୬ ଗୋଟି ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରକୁ ୧୧ ବର୍ଷ ପୂରଣ ହୋଇଥିବା ବେଳେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରକୁ ୧ ବର୍ଷ ପୂରଣ ହୋଇଛି। ଏହା ଏକ ବଡ ଉପଲବ୍ଧି। ଓଡ଼ିଶାରେ ଗରିବ ଲୋକଙ୍କ ସାମୂହିକ ଓ ସାମଗ୍ରିକ ବିକାଶ କରିବା ଦିଗରେ ଡବଲ ଇଞ୍ଜିନ ସରକାରର ପ୍ରତିବଦ୍ଧତା ରହିଛି। ବିଗତ ଏକ ବର୍ଷରେ ଧାନ କିଣା, ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଭଳି ଆଦି ଅନେକ ଜନକଲ୍ୟାଣକାରୀ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ ହୋଇଛି। କେନ୍ଦ୍ର ସରକାରଙ୍କ ଧାନର ଏମଏସପି କ୍ୱିଂଟାଲ ପିଛା ୨୩୦୦ ଟଙ୍କା ଉପରେ ରାଜ୍ୟ ସରକାର ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ତଥା ସମୁଦାୟ ୩୧୦୦ ଟଙ୍କା ପ୍ରଦାନ କରୁଛନ୍ତି। ଏହି ସବୁ ଯୋଜନା ଦ୍ୱାରା ବରଗଡ଼ ଭଳି ଜିଲ୍ଲା ବିଶେଷ ଭାବରେ ଲାଭାନ୍ୱିତ ହୋଇଛି । ଆଜି ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ଗୁଡ଼ିକ ଆଗାମୀ ଦିନରେ ବରଗଡ଼କୁ ଅଗ୍ରଣୀ ଅଂଚଳ କରାଇବାରେ ବିଶେଷ ସହାୟକ ହେବ।




ଏହାର ବିସ୍ତୁତ ସୂଚନା ଉପରେ ଆଲୋକପାତ କରି ସେ କହିଛନ୍ତି ଚଳିତ ବର୍ଷ ବରଗଡ଼ ଜିଲ୍ଲାରେ ରବି ଏବଂ ଖରିଫ ଋତୁକୁ ମିଶାଇଲେ ପ୍ରାୟ ୧୩୭ ଲକ୍ଷ କ୍ୱିଂଟାଲ ଧାନ ସରକାରଙ୍କ ପକ୍ଷରୁ କିଣାଯାଇଛି । ଡବଲ ଇଞ୍ଜିନ ସରକାର ଏଥିପାଇଁ ପାଖାପାଖି ୪୦୦୦ କୋଟିରୁ ଅଧିକ ଟଙ୍କା ଜିଲ୍ଲାର ଚାଷୀମାନଙ୍କୁ ଦେଇଛନ୍ତି। ଜିଲ୍ଲାରେ ୩ ଲକ୍ଷ ୫୬ ହଜାର ଭଉଣୀମାନଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ଅର୍ଥାତ୍ ୩୫ କୋଟି ଟଙ୍କାର ସୁଭଦ୍ରା ସହାୟତା ଦିଆଯାଇଛି। ପିଏମ କିଷାନ ଓ ସିଏମ କିଷାନ ଯୋଜନାରେ ପ୍ରାୟ ୩୪ କୋଟି ଟଙ୍କା ଦିଆଯାଇଛି। ବରଗଡ଼ ଧନୁଯାତ୍ରାକୁ ଆହୁରି ଭବ୍ୟ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଅନ୍ତୋଦୋୟ ଯୋଜନାରେ ୧୬୦୦ ଘର ଜିଲ୍ଲା ପାଇଁ ଦିଆଯାଇଛି। ୬୦ ହଜାରରୁ ଅଧିକ ଲକ୍ଷପତି ଦିଦି, ୧୨ ଲକ୍ଷ ଆୟୁଷ୍ମାନ ଭାରତ କାର୍ଡ ଜିଲ୍ଲାକୁ ଦିଆଯାଇଛି। ଶହୀଦ ମାଧୋ ସିଂହଙ୍କ ନାଁରେ ୪,୬୧୯ ଜଣ ପିଲାଙ୍କୁ ଛାତ୍ରବୃତି ଆକାରରେ ବାର୍ଷିକ ୧୦ ହଜାର ଟଙ୍କା ଦିଆଯାଉଛି। ଆଗାମୀ ଦିନରେ ବରଗଡ଼ରେ ଉତ୍ପାଦନ ହେଉଥିବା ଚାଉଳ ସାମଗ୍ରୀର ବଜାର ବ୍ୟବସ୍ଥାକୁ ବଢାଇବା। ପୂର୍ବୋଦୟ କଳ୍ପନାରେ ପ୍ରତିଷ୍ଠା ହେଉଥିବା ୨ଜି ଜୈବ ଇଥାନଲ ପ୍ଲାଣ୍ଟ ଦେଶର ଇଥାନଲ ଆବଶ୍ୟକତାକୁ ପୂରଣ କରିବ। ଏହା ମାଧ୍ୟମରେ କୃଷି ଆଧାରିତ ଶିଳ୍ପକୁ ତ୍ୱରାନ୍ୱିତ କରିବା ସହ ହସ୍ତତନ୍ତ ଓ ପର୍ଯ୍ୟଟନ ଭିତିକ ଅର୍ଥନୀତି ବଢାଇବା ପାଇଁ ସମସ୍ତେ ସହଯୋଗର ଦାୟିତ୍ୱ ନେବା । ବୀର ସୁରେନ୍ଦ୍ର ସାଏଙ୍କ କର୍ମସ୍ଥାନ ଦେବ୍ରୀଗଡକୁ ଜାତୀୟ ସ୍ତରର ପର୍ଯ୍ୟଟନ ସ୍ଥଳୀ କରିବା ପାଇଁ ସାମୂହିକ ଦାୟିତ୍ୱ ନେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଏହି ଅବସରରେ ବରଗଡ଼ ଜିଲ୍ଲାର ସଫଳ କୃଷକ, ସଫଳ ସୁଭଦ୍ରା, ଲକ୍ଷପତି ଦିଦିଙ୍କୁ ସମ୍ମାନିତ କରିବା ସହ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ସୁବିଧା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବରଗଡ଼ ସାଂସଦ ଓ ବରଗଡ଼ ଜିଲ୍ଲାର ବିଧାୟକମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଳା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦ୍ଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



ଖବର

# ମାଆ ହେବେ ଟେଲି ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ



ଟେଲିଭିଜନ ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ। ପ୍ରାୟତଃ ସେ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି । ବର୍ତ୍ତମାନ ସମୟରେ ଅଙ୍କିତା ଓ ତାଙ୍କ ସ୍ୱାମୀ ଭିକ୍କି ଜେନଙ୍କ ସଜ 'ଲାଫ୍ଟର ଶେଫ ୨'ରେ ନଜର ଆସୁଛନ୍ତି । ଦୁହିଙ୍କର ରୋମାଣ୍ଟିକ କେମେଷ୍ଟ୍ରିକୁ ଦର୍ଶକ ବେଶ୍ ଭଲପାଇବା ଦେଉଛନ୍ତି । ଏହାର ଏକ ଭିଡିଓ କଲର୍ସ ଚ୍ୟାନେଲ ପକ୍ଷରୁ ଏକ ଭିଡିଓ ସେୟାର କରାଯାଇଛି । ଏବେ ଏହି ଭିଡିଓ କ୍ଲିପ୍ରେ ଏପରି କିଛି କହିଛନ୍ତି । ଯାହାକୁ ନେଇ ସଭିଏଁ ଖୁସି ହୋଇଯାଇଛନ୍ତି। କଲର୍ସ ପକ୍ଷରୁ ସେୟାର କରାଯାଇଥିବା ଭିଡିଓରେ କମେଡ଼ିଆନ କ୍ରିଷ୍ଣା ଅଭିଷେକଙ୍କ ପଛରେ ଅଙ୍କିତା ଦେଉଥିଲେ । ମାତ୍ର କିଛି ଦୂର ଯିବା ପରେ ଅଙ୍କିତା ଅଟକି ଯାଇଥିଲେ ।ସଙ୍ଗେ ସଙ୍ଗେ କହିଥିଲେ'ସେ ଗର୍ଭବତୀ ଅଛନ୍ତି, ଦେଡ଼ି ପାରିବେ' ନାହି । ଏହା ଶୁଣି କ୍ରିଷ୍ଣା ଚକିତ ହୋଇଯାଇଥିଲେ । ତେବେ ଏହି ଗୁଡ୍ ନ୍ୟୁଜ୍ ଦେବା ପରେ ଅଙ୍କିତା ଲାଜେଇ ଯାଇଥିଲେ । କିଛି ସମୟ ପରେ କରଣ କୁନ୍ଦ୍ରା ମଧ୍ୟ ପଚ୍ଚରିଥିଲେ । ଅଙ୍କିତା ମୁଣ୍ଡ ହଲାଇ ହଁ ଉତ୍ତର ଦେଇଥିଲେ । ଏହି ଭିଡିଓ ଦେଖିବା ପରେ ସୋସିଆଲ ମିଡିଆରେ ଖୁବ୍ ବହୁତ କମେଣ୍ଟ ଆସିଛି । କିଛି ଏହାକୁ ସତ ବୋଲି ଗ୍ରହଣ କରୁଥିବା ବେଳେ ଆଉ କିଛି ମଜାକ ବୋଲି କହୁଛନ୍ତି। ପୂର୍ବରୁ ଅଙ୍କିତା ଅନେକ ଥର ମଜାକ୍ କରିସାରିଛନ୍ତି । ୨୦୨୧ ମସିହା ଡିସେମ୍ବର ୧୪ରେ ଅଙ୍କିତା ଓ ଭିକ୍କି ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ୪୦ ବର୍ଷୀୟା ଅଭିନେତ୍ରୀ ମାଆ ହେବାକୁ ନେଇ ତାଙ୍କର ଶାଶୂ ଅନେକ ଥର ନ୍ୟାସନାଲ ଟିଭିରେ କହିସାରିଛନ୍ତି ।

# ଭାଗ୍ୟ ଚମକାଇବ ଦୁବ ଘାସ

ଅନେକ ସମୟରେ ଆର୍ଥିକ ସମସ୍ୟା ଲାଗି ରହୁଥିବା ଦେଖାଯାଏ। ଏହି କାରଣରୁ ଘରେ କଳହ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ। ତେବେ ଏକ ସରଳ ବାସ୍ତୁ ଉପାୟ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ..

ଦୁବ ଘାସ ଭାଗ୍ୟରେ ପରିବର୍ତ୍ତନ ଆଣିଥାଏ।

ଘରର ଦକ୍ଷିଣ-ପୂର୍ବ କୋଣରେ ଦୁବ ଘାସ ଲଗାଇବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ।ଦୁବ ଘାସର ସଠିକ ଭାବେ ଯତ୍ନ ନିଅନ୍ତୁ। ଏହା ସବୁଜ ଶ୍ୟାମଳା ହୋଇ ରହିଲେ ଘରେ ସୁଖଶାନ୍ତିରେ ବୃଦ୍ଧି ଓ ଉନ୍ନତି ହୋଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସହ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୋଇଥାଏ। ଘରେ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଦୁବ ଘାସକୁ ଘରର ଐଶାନ୍ୟ କୋଣରେ ଲଗାନ୍ତୁ।

ଏହାସହ ମନ୍ଦିର ନିକଟରେ ମଧ୍ୟ ଦୁବ ଘାସ ଲଗାଇପାରିବେ। ଏହାଦ୍ୱାରା ଆମଦାନୀରେ ବୃଦ୍ଧି, କର୍ମକ୍ଷେତ୍ରରେ ସଫଳତା ଓ ଉନ୍ନତି ହୋଇଥାଏ



# ଖାଆନ୍ତୁ କଦଳୀ ଚୋପା

ପ୍ରତ୍ୟେକ ବୟସରେ କଦଳୀ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏହା ଖୁବ ସ୍ୱାଦିଷ୍ଟ ମଧ୍ୟ ପୋଷକ ତ□ରେ ଭରପୁର କଦଳୀ, ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ବୋଲି କୁହାଯାଏ। କଦଳୀର ଉପକାରୀ ଗୁଣ ବିଷୟରେ ସଭିଙ୍କୁ ଜଣା। ମାତ୍ର ଏହାର ଚୋପାର ଉପକାରୀ ଗୁଣ ବିଷୟରେ ଜାଣିଛନ୍ତି କି ? ଅଧିକାଂଶ ଲୋକେ ସାଧାରଣତଃ କଦଳୀ ଖାଇବା ପରେ ଏହାର ଚୋପାକୁ ଫିଙ୍ଗି ଦେଇଥାଆନ୍ତି। ମାତ୍ର ଏହାର ଚୋପା ଆଶ୍ଚର୍ଯ୍ୟଜନକ ଲାଭ ଦେଇଥାଏ। କଦଳୀ ଓ ଏହାର ଚୋପା ଉଭୟ ସ୍ୱାସ୍ଥ୍ୟ ପାଇଁ



ଭିନ୍ନ ଭିନ୍ନ ଉପକାର କରିଥାଏ। ସବୁଜ କଦଳୀ ପାଚନ ଜନିତ ସମସ୍ୟା ଦୂର କରିବା ପାଇଁ ଅଧିକ ପ୍ରଭାବଶାଳୀ। ଏହାସହ ପାଚିଲା କଦଳୀ ଶରୀରକୁ ଅନେକ ସଂକ୍ରମଣରୁ ରକ୍ଷା କରିଥାଏ। କଦଳୀ ଚୋପାରୁ ସ୍ୱାସ୍ଥ୍ୟକର ଜଳଖିଆ ଓ ମିଠା ମଧ୍ୟ ପ୍ରସ୍ତୁତ କରି ହେବ। କଦଳୀର ଭିତର ଅଂଶ ନରମ ଓ ମିଠା ହୋଇଥାଏ। ମାତ୍ର କଦଳୀ ଚୋପାକୁ ସେବନ କରିବା ପୂର୍ବରୁ ଏହାକୁ ଭଲ ଭାବେ ଧୋଇବା ଆବଶ୍ୟକ।କଦଳୀ ଚୋପାରେ କ୍ୟାଲୋରୀ, କାର୍ବୋହାଇଡ୍ରେଟ, ଶର୍କରା, ଫାଇବର, ପୋଟାସିୟମ, ପ୍ରୋଟିନ, ଭିଟାମିନ ଏ, କ୍ୟାଲସିୟମ ଓ ଆଇରନ ସମେତ ଅନେକ ପୋଷକ ତ□ ରହିଛି। ଏହାର ସେବନ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ପୋଷକ ତ□ ମିଳିଥାଏ। ଏହା ଶରୀରକୁ ମଜଭୂତ କରିଥାଏ।କଦଳୀ ଚୋପାରେ ଥିବା ଏକ ପ୍ରକାର ପୋଷକ ତ□ ମାନସିକ ସୁସ୍ଥତା ବଜାୟ ରଖେ। ମାନସିକ ଦୁଶ୍ଚିନ୍ତା ଦୂର କରିଥାଏ। ଶାନ୍ତି ଅନୁଭବ ହୋଇଥାଏ। ଚୋପାରେ ଥିବା ଭିଟାମିନ ବି୬ ଉତ୍ତମ ନିଦରେ ମଧ୍ୟ ସହାୟକ ହୋଇଥାଏ। ମସ୍ତିଷ୍କ ମଧ୍ୟ ସୁସ୍ଥ ରହିଥାଏ।କଦଳୀ ଚୋପାରେ ଫାଇବର ପ୍ରଚୁର ମାତ୍ରାରେ ରହିଛି। ପେଟ ଖରାପ ସମୟରେ ଓ କୋଷ୍ଠକାଠିନ୍ୟ ସମସ୍ୟା ଥିଲେ କଦଳୀ ଚୋପା ଖାଇବା ଖୁବ୍ ଉପକାରୀ। ଚକ୍ଷୁକୁ ସୁସ୍ଥ ରଖିବା ପାଇଁ କଦଳୀ ଚୋପାର ସେବନ କରିବା ଉଚିତ। ଏଥିରେ ଥିବା ଭିଟାମିନ ଏ ଆଖିକୁ ସୁସ୍ଥ, ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ବେଶ ସହାୟକ ହୋଇଥାଏ। ଏହି ଭିଟାମିନ କଦଳୀ ଓ ଏହାର ଚୋପା ଉଭୟରେ ପ୍ରଚୁର ମାତ୍ରାରେ ରହିଛି।କଦଳୀ ଚୋପାରେ ଆଣ୍ଟି-ଅକ୍ସିଡାଣ୍ଟ ମଧ୍ୟ ରହିଛି। କଦଳୀ ଚୋପାର ସେବନ କରିବା ଦ୍ୱାରା ଆଣ୍ଟି-ଅକ୍ସିଡା□ ସ୍ତର ବୃଦ୍ଧି ହୋଇଥାଏ। ଏହାସହ କର୍କଟ ରୋଗରୁ ମଧ୍ୟ ଶରୀରକୁ ରକ୍ଷା କରିଥାଏ।

# ମଙ୍ଗଳସୂତ୍ରର ମହତ୍ତ୍ୱ



ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା–

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ଏହାସହ ବହୁ ଗହଣା ପିନ୍ଧିବାର ମଧ୍ୟ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ୍ୟ ସେହି ଗହଣା ମଧ୍ୟରୁ ଗୋଟିଏ । ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୂତ୍ର ପିନ୍ଧିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ ।



ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ । ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି । ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ୍ୟ ରହିଛି ।

ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ–

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ନିର୍ମିତ ହୋଇଥାଏ । ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ । ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି ।

# ବାଉଁଶ ଜଳାଯାଏନି, ଜାଣନ୍ତୁ ଏହା ପଛରେ ଥିବା ଧାର୍ମିକ ଓ ବୈଜ୍ଞାନିକ କାରଣ

କୌଣସି ଧାର୍ମିକ ବିଧିବିଧାନ ହେଉ ଅଥବା ସଂସ୍କାରରେ ବାଉଁଶ କେଉଁଠାରେ ବି ଜଳାଇବା କାର୍ଯ୍ୟରେ ଆସେନ। ଯଦିଓ ମଣିଷର ମୃତ୍ୟୁରେ ତାକୁ ବାଉଁଶ କୋକେଇରେ ନେବାର ବିଧି ରହିଛି ହେଲେ ହିନ୍ଦୁ ଧର୍ମରେ ଦାହ କାର୍ଯ୍ୟରେ



କାଠ ବ୍ୟତୀତ ବାଉଁଶର ଉପଯୋଗ ସମ୍ପୂର୍ଣ୍ଣ ବର୍ଜିତ। ହଜାର ହଜାର ବର୍ଷର ଭାରତୀୟ ଧାର୍ମିକ ସଂସ୍କୃତିରେ ଥିବା ବିଧିବିଧାନରେ ବାଉଁଶକୁ ବର୍ଜିତ ରଖା ଯାଇଛି। ତେବେ କେବଳ ଧାର୍ମିକ କାର୍ଯ୍ୟ ଲାଗି ନା ଏହା ପଛରେ ଅନ୍ୟ ବୈଜ୍ଞାନିକ କାରଣ ରହିଛି ସେ ସମ୍ପର୍କରେ ଆସନ୍ତୁ ଜାଣିବାୟ।

ବାଉଁଶକୁ ଭାରତୀୟ ଧର୍ମ ଶାସ୍ତ୍ରରେ ଜଳେଇବା ନିଷିଧ। ହୋମ ହେଉ କି ଯଜ୍ଞ ଏଥିରେ ବିଭିନ୍ନ କାଠର ଉପଯୋଗ ହୁଏ ହେଲେ ସୁଖିଲା ଥିଲେ ବି ବାଉଁଶକୁ ଏ ସବୁ ଧାର୍ମିକ କାର୍ଯ୍ୟରେ ବ୍ୟବହାର କରାଯାଏନି। ସେହିପରି ମଣିଷର ମୃତ୍ୟୁରେ ବାଉଁଶକୁ କୋକେଇ କରି ବୋହିନେବାର ବିଧି ରହିଛି। କିନ୍ତୁ ଶ୍ମଶାନରେ କାଠ ବ୍ୟତୀତ ଶବ ପୋଡିବାରେ ବାଉଁଶକୁ କେବେବି ବ୍ୟବହାର କରନ୍ତିନି। ହିନ୍ଦୁ ଧାର୍ମିକ ନିୟମରେ ବାଉଁଶ ଜଳାଇଲେ ଲୋକଙ୍କୁ ପିତୃ ଦୋଷ ଲାଗିଥାଏ ବୋଲି ମାନ୍ୟତା ରହିଛି। ଏଣୁ ଲୋକେ ଦୋଷ ଲାଗିବା ଭୟରେ ବାଉଁଶ ଜଳାନ୍ତିନି। ତେବେ ଏହାର ବୈଜ୍ଞାନିକ କାରଣ ବି ରହିଛି। ତାହା ହେଉଛି ବାଉଁଶରେ ଉପସ୍ଥିତ ଥିବା ଲିଡୟ ବାଉଁଶ ଜଳିଲେ ସେଥିରୁ ଲିଡ ଅକ୍ସାଇଡ ନିର୍ଗତ ହୁଏୟ ଯାହା ନ୍ୟୁରୋଟକ୍ସିକ ବୋଲି ବିଜ୍ଞାନ କୁହେ। ତେବେ ଧୂପ କାଠିରେ ବାଉଁଶ ବ୍ୟବହାର ହେଉଛି। ଏଣୁ ଭାରତୀୟ ଧାର୍ମିକ ବିଧିରେ କେଉଁଠାରେ ହେଲେ ପୂଜାରେ ଅଗରବତୀ ଉପଯୋଗର ନିୟମ ନାହିଁ। ଅଗରବତୀ ଜଳିଲେ ଏଥିରୁ ସୁଗନ୍ଧ ବିଚ୍ଛୁରିତ ହୁଏୟ ହେଲେ ଏହା ସହ ଜଳୁଥିବା ବାଉଁଶ କାଠି ଶାରୀରିକ ସମସ୍ୟାର କାରଣ ପାଲଟିଥାଏ। ବାଉଁଶ ପୋଡା ବାସ୍ନା ନିଶ୍ୱାସରେ ଶରୀରକୁ ପହଞ୍ଚିଯାଏ। ଶରୀରରେ ଏହାର ସାମାନ୍ୟତମ ଉପସ୍ଥିତି କ୍ୟାନସର ଅଥବା ମସ୍ତିଷ୍କାଘାତର କାରଣ ହୋଇପାରେ। ଭାରି ଧାତୁ ପୋଡିଲେ ଲିଡ୍ ଅକ୍ସାଇଡ ନିର୍ଗତ ହୁଏ ।ତେବେ ବାଉଁଶରୁ ମଧ୍ୟ ସେତିକି ପରିମାଣରେ ଏହି ବିଷାକ୍ତ ବାଷ୍ପ ନିର୍ଗତ ହେଉଥିବାରୁ ଜାଳିବା ଲାଗି ବାଉଁଶ ବର୍ଜିତ କରାଯାଇଛ।

# ୨୦୨୯ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡା ଆୟୋଜକ ହେବ ଭାରତ

**ନୂଆଦିଲ୍ଲୀ,୨୮।୬ (ମହାଭାରତ):** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ୨୦୨୯ ମସିହାର ସମ୍ମାନଜନକ ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଆୟୋଜକ ଦେଶ ଭାବେ ଭାରତ ମନୋନୀତ ହୋଇଥିବାରୁ ଖୁସି ବ୍ୟକ୍ତ କରି ଏହାକୁ ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଏକ୍ସ ପ୍ଲାଟଫର୍ମରେ ଏକ ପୋଷ୍ଟରେ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ଏହା ପ୍ରତ୍ୟେକ ନାଗରିକଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ, କାରଣ ଭାରତକୁ ସମ୍ମାନଜନକ ୨୦୨୯ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଆୟୋଜକ ଦେଶ ଭାବରେ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମର ଆୟୋଜନ ପାଇଁ ସମ୍ମାନଜନକ ନିଲାମ ଡାକ ଭାରତ ଜିତିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ ନିର୍ମିତ ଆମର ବିଶାଳ କ୍ରୀଡ଼ା ଭିତ୍ତିଭୂମିର ଏକ ବିଶ୍ୱସ୍ତରୀୟ ସ୍ୱୀକୃତି। ୫୦ ରୁ ଅଧିକ କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପୋଲିସ୍, ଅଗ୍ନିଶମ ଏବଂ ବିପର୍ଯ୍ୟୟ ମୁକାବିଲା ସେବାକୁ ଏକତ୍ର କରୁଥିବା କାର୍ଯ୍ୟକ୍ରମର ସ୍ଥାନ ଭାବରେ ଅହମ୍ମଦାବାଦ ଚୟନ ହେବା ଏକ କ୍ରୀଡା ଗନ୍ତବ୍ୟସ୍ଥଳ ଭାବରେ ବୃଦ୍ଧି ପାଉଥିବା ଭିତ୍ତିଭୂମିର ପ୍ରମାଣ।

୧୯୮୫ ମସିହାରୁ ପ୍ରତି ଦୁଇ ବର୍ଷରେ ଥରେ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ାର ଆୟୋଜନ କରାଯାଉଛି। ଖେଳ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ଏହାର ୨୦ଟି ସଂସ୍କରଣ ଅନୁଷ୍ଠିତ ହୋଇଛି (ଆମେରିକା-୮ ଥର, କାନାଡା-୫ ଥର, ୟୁରୋପ-୪ ଥର, ବ୍ରିଟେନ-୨ ଥର ଏବଂ ଚୀନ୍-ଥରେ)। ଏହି ଖେଳଗୁଡିକ ପୋଲିସ୍/ ଅଗ୍ନିଶମ/ ଚିକିତ୍ସା/ ଜରୁରୀକାଳୀନ/ ବିପର୍ଯ୍ୟୟ ସେବାର କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ କର୍ମଚାରୀ ଏବଂ ପ୍ରଥମ ପ୍ରତିକ୍ରିୟାଶୀଳଙ୍କ ପାଇଁ ଉନ୍ମୁକ୍ତ । ଭାରତୀୟ ପୋଲିସ୍ ଦଳ ପ୍ରଥମେ ୨୦୦୭ ରେ ଆଡିଲେଡ୍ ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡାରେ ଏହି ଖେଳରେ ଅଂଶଗ୍ରହଣ କରିଥିଲେ। ଶେଷ (୨୦ ତମ ସଂସ୍କରଣ) ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ଜୁଲାଇ ୨୬ ରୁ ଅଗଷ୍ଟ ୬,୨୦୨୩ ମଧ୍ୟରେ କାନାଡାର ୱିନିପେଗରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ୧୩୩ ଜଣ ଭାରତୀୟ ପୋଲିସ କ୍ରୀଡ଼ାବିତ୍ ରେକର୍ଡ ୩୪୩ ପଦକ (ସ୍ୱର୍ଣ୍ଣ-୨୨୪, ରୌପ୍ୟ-୮୨, ବ୍ରୋଞ୍ଜ-୩୭) ଜିତିଥିଲେ।

୨୦୦୭ ରେ ଅଂଶଗ୍ରହଣ କରିବା ପରଠାରୁ, ଭାରତୀୟ ପୋଲିସ ଦଳ ଖେଳର ୮ ଟି ସଂସ୍କରଣରେ ୧୪୦୦ ରୁ ଅଧିକ ପଦକ ଜିତିଛନ୍ତି। ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଭାରତୀୟ ଦଳ ସେହି ବର୍ଷ ଅନୁଷ୍ଠିତ ବାର୍ଷିକ ଅଖିଳ ଭାରତୀୟ ପୋଲିସ୍ କ୍ରୀଡାରେ ଖେଳାଳିଙ୍କ ପ୍ରଦର୍ଶନ ଆଧାରରେ ଚୟନ କରାଯାଏ। ଦେଶରେ ପୋଲିସ୍ କ୍ରୀଡ଼ାର ଆୟୋଜନ ପାଇଁ ପରିଚାଳନା ସଂସ୍ଥା ଅଖିଳ ଭାରତୀୟ ପୋଲିସ୍ କ୍ରୀଡା ନିୟନ୍ତ୍ରଣ ବୋର୍ଡ, ଯେଉଁଥିରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ (ସିଏପିଏଫ), ରାଜ୍ୟ ପୋଲିସ୍ ବାହିନୀ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସି ଗୁଡ଼ିକର ୫୩ ଜଣ ସଦସ୍ୟ ସଂଗଠନ ଅଛନ୍ତି, ପ୍ରତିବର୍ଷ ୪୦ ଟି ବାର୍ଷିକ ପୋଲିସ୍ କ୍ରୀଡା ଆୟୋଜନ କରନ୍ତି ସେହି ବର୍ଷ ସର୍ବଭାରତୀୟ ପୋଲିସ୍ କ୍ରୀଡା ସମୟରେ ବିଭିନ୍ନ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡା ଲାଗି ଭାରତୀୟ ଦଳ ପାଇଁ ମନୋନୀତ କରାଯାଏ।

# ସରକାରୀ ସହାୟତାରୁ ବଞ୍ଚିତ ମହିଳା

କଲ୍ୟାଣସିଂହପୁର,୨୮।୬ (ମହାଭାରତ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତର ରାଇଲିମା ଗ୍ରାମରେ ୪ବର୍ଷ ପୂର୍ବରୁ ବସବାସ କରି ଆସୁଥିବା ବିଧବା ମହିଳା ନିଳାବତୀ ବାଗ ସରକାରୀ ସହାୟତାରୁ ବଞ୍ଚିତ ରହିଛନ୍ତି। ସ୍ୱାମୀ ଭଗବାନ୍ ବାଗର ମୃତ୍ୟୁ ପରେ ଅସହାୟ ହୋଇ ଘର ବାଡ଼ି ନ ଥିବାରୁ ଖାଇବା ପିଇବାକୁ ନ ପାଇ ନିକଟସ୍ଥ ଆଲଜିନ୍ ଗୁଡା ଗାଁରେ ଥିବା ସଂପର୍କୀୟ ଘରେ ଚାରୋଟି ଛୁଆ ପିଲାମାନଙ୍କୁ ଧରି ରହି କୁଲି ମଜୁରୀ କରିବା ସହ ନିଜ ପେଟ ପୋଷିବା ପାଇଁ ଲୋକଙ୍କ ଘରେ ବାସନ କୁସନ ମାଜିଲେ। ସେହି ଲୋକ ମାନେ ଯାହା ଦିଅନ୍ତି ତାହାକୁ ଖାଇ କାମ କରି ରହି ଆସୁଛନ୍ତି। ସରକାରୀ ସହାୟତା କହିଲେ ଦୁଇ ତିନି ମାସ ହେବ ଭତ୍ତା ବାବଦକୁ ୧୦୦୦ ଟଙ୍କା ଲେଖାଏ ମିଳୁଥିବା କହୁଛନ୍ତି। ସରକାରଙ୍କ ତରଫରୁ ଜମି ଜାଗା ଯାହାର ନାହିଁ ସେମାନଙ୍କୁ ଘର କରିବା ପାଇଁ ଜାଗା ଦିଆ ଯାଉଥିବା ବେଳେ ଏହି ବିଧବା ମହିଳା ତାହା ମଧ୍ୟ ପାଇ ନାହାନ୍ତି। ଏହା ଦେଖି ରନ୍‌ଜୀ ନାମକ ବ୍ୟକ୍ତି ମହିଳାଙ୍କୁ ଦୁଇ ସେଣ୍ଟ ଜାଗା ଜମି ସାହାଯ୍ୟ କରିଛନ୍ତି। କିନ୍ତୁ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାକୁ ଏହି ମହିଳା ବୁଲି ବୁଲି ହାଲିଆ ହୋଇ ପଡ଼ିଥିବା ବେଳେ ଆଜି ପର୍ଯ୍ୟନ୍ତ ଘର ଖଣ୍ଡେ ପାଇ ନ ଥିବା କହିଛନ୍ତି। ସରକାରଙ୍କ ତରଫରୁ ଏହି ଗରିବ ବିଧବା ମହିଳା ନିଳାବତୀକୁ ଘର ଖଣ୍ଡେ ଯୋଗାଇ ଦେଲେ ସେ ନିଜେ ବଞ୍ଚିବା ସହିତ ଚାରୋଟି ଛୁଆ ପିଲାଙ୍କୁ ନେଇ ରହି ପାରିବେ ବୋଲି ଗ୍ରାମବାସୀ ମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ନୟାଗଡ ସହରରେ ବିକାଶ ଯାତ୍ରା ଉଦ୍‌ଯାପିତ



**ନୟାଗଡ,୨୮।୬ (ମହାଭାରତ):** ନୟାଗଡ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନତି ବିଭାଗ ଜିଲ୍ଲା ପ୍ରଶାସନ ଓ ପୌରପରିଷଦର ମିଳିତ ଆନୁକୁଲ୍ୟରେ ଆୟୋଜିତ ବ୍ୟାପି ବିକାଶ ଯାତ୍ରା ଆଜି ନୟାଗଡ ସହରର ୧୬ନମ୍ବର ୱାର୍ଡ଼ର ପାଟଚଣ୍ଡି ମନ୍ଦିର ନିକଟରେ ଉଦ୍‌ଯାପିତ ହୋଇଯାଇଛି। ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନକଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଥିବା ନେଇ ସଚେତନତା ରଥ ମାଧ୍ୟମରେ ସହର ବାସୀଙ୍କୁ ଅବଗତ କରାଯାଇଥିଲା ।ଆଜି ଉଦ୍‌ଯାପାନି ଉତ୍ସବ ରେ ଅଧକ୍ଷା ନିରୁପମା ଖଟେଇ, ଉପାଧକ୍ଷ ଗୁରୁପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ,ପୌରଯନ୍ତ୍ରୀ ରଞ୍ଜନ କୁମାର ମହାରଣା ସହକାରୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ, କନିଷ୍ଠ ଯନ୍ତ୍ରୀ ଦାମୋଦର ସାହୁ କନିଷ୍ଠ ଯନ୍ତ୍ରୀ ଫୁଲ ମଣି କିସ୍କୁ ବିଦ୍ୟୁତ୍ ଯନ୍ତ୍ରୀ ସହଦେବ ଚାନ୍ଦ ହାଂସଦା ,ଜିଲ୍ଲା ସାହାରା ଅଞ୍ଚଳ ଉନ୍ନୟନ ସଂସ୍ଥାର ବିଶେଷଜ୍ଞ ଚିରଞ୍ଜିବୀ ଦାସ, ସ୍ୱଚ୍ଛ ସାଥୀ ,ସ୍ୱଚ୍ଛ ସୁପର ଭାଇଜର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ,ବସ୍ତି ଉନ୍ନନ ସଙ୍ଘ ର କର୍ମକର୍ତ୍ତା ଯୋଗଦେଇଥିଲେ। ସୂଚନାଯୋଗ୍ୟ ୧୨ତାରିଖ ଦିନ ନୟାଗଡଠାରେ ବିକାଶ ଯାତ୍ରା ରଥକୁ ଓଡିଶା ର ମାନ୍ୟବର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍ ଘାଟନ କରିଥିଲେ। ନୟାଗଡ ସହରର ୪୪ଟି ସ୍ଥାନ ରେ ରଥ ପରିକ୍ରମା କରିଥିଲା। ବିଭିନ୍ନ ସ୍ଥାନରେ ରଥକୁ ମହିଳା ମାନେ ଦୀପ ପ୍ରଜ୍ୱଳନ କରି ବନ୍ଦାପନା କରୁଥିବା ଦେଖା ଯାଇଥିଲା ଏଠାରେ ଅତ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହିତ ବିକାଶ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି ।ଜିଲ୍ଲାର ଅନ୍ୟ ୪ଟି ସହରରେ ପର୍ଯ୍ୟାୟକ୍ରମେ ରଥ ପରିକ୍ରମା କରିବା।

# ରଥଯାତ୍ରାରେ ସ୍କାଉଟସ୍ ଓ ଗାଇଡ଼ସ୍ ପକ୍ଷରୁ ସେବା ଶିବିର

**ଭୁବନେଶ୍ୱର,୨୮।୬ (ମହାଭାରତ):** ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍ ସଂସ୍ଥା ଆନୁକୂଲ୍ୟରେ ରଥଯାତ୍ରା ଜାତୀୟ ସେବା ଶିବିର ଗତ କାଲି ଠାରୁ ଆସନ୍ତା କାଲି ପର୍ଯ୍ୟନ୍ତ ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଆୟୋଜିତ ହେବ। ଉକ୍ତ ସେବା ଶିବିରରେ ଭକ୍ତ ଶ୍ରଦ୍ଧାଳୁମାନଙ୍କୁ ବିଭିନ୍ନ ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ଜିଲ୍ଲା ଏବଂ ରାଜସ୍ଥାନ, ଛତିଶଗଡ଼, ଦିଲ୍ଲୀ, ଉତ୍ତରପ୍ରାନ୍ତ କେନ୍ଦ୍ରୀୟ ରେଲୱେ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଦକ୍ଷିଣପ୍ରାନ୍ତ କେନ୍ଦ୍ରୀୟ ରେଲୱେ, କେନ୍ଦ୍ରୀୟ ରେଲୱେ, ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତର-ପୂର୍ବାଞ୍ଚଳ ରେଲୱେ, ପୂର୍ବାଞ୍ଚଳ ରେଲୱେ ଏବଂ ଉତ୍ତରପ୍ରଦେଶ ରାଜ୍ୟମାନଙ୍କରୁ ପ୍ରାୟ ଚାରି ଶହରୁ ଊର୍ଦ୍ଧ୍ୱ ରୋଭର, ରେଞ୍ଜର, ସ୍କାଉଟ, ଗାଇଡ୍ ସମେତ ଲିଡ଼ରମାନେ ଯୋଗ ଦେଇଥିଲେ।



ଗତ କାଲି ପୁରୀ ଟାଉନ୍ ହଲ୍ ଠାରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଓଡିଶାର ମାନ୍ୟବର ରାଜ୍ୟପାଳ ଏବଂ ମୁଖ୍ୟ ପୃଷ୍ଠପୋଷକ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଡଃ ହରି ବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥି ଭାବେ ମାନ୍ୟବର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ରୋଭର ଓ ରେଞ୍ଜରମାନଙ୍କୁ ପବିତ୍ର ରଥଯାତ୍ରାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବାପାଇଁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ ।

ରୋଭର, ରେଞ୍ଜର, ସ୍କାଉଟ୍ ଓ ଗାଇଡ୍‌ମାନେ ଭିନ୍ନ ଭିନ୍ନ ଦଳରେ ବିଭକ୍ତ ହୋଇ ସହରର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନଙ୍କୁ ପାନୀୟ ଜଳ ବଣ୍ଟନ, ଜଳସିଞ୍ଚନ, ଯାନବାହାନ ନିୟନ୍ତ୍ରଣ, ପ୍ରାଥମିକ ଚିକିତ୍ସା ପ୍ରଦାନ, ଆହତ ହେଉଥିବା ଭକ୍ତମାନଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା, ସ୍ୱଚ୍ଛ ଭାରତ ଅଭିଯାନ ଆଦି ବିଭିନ୍ନ ସେବା ଯୋଗାଇ ଦେଇଥିଲେ । ଯୁଗ୍ମ ସଂପାଦକ ଶ୍ରୀ ମିହିର ରଂଜନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ମୁଖ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଉକ୍ତ ସେବା ଶିବିରଟି ସଫଳତା ଲାଭ କରିଥିଲା। ଉକ୍ତ ସେବା ଶିବିର ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଚାଲୁ ରହିବାର କାର୍ଯ୍ୟକ୍ରମ ରହିଛି।

# ୧୪ ଲକ୍ଷ ହଡ଼ପ କଲେ ଏସଏଚଜି ସଭାପତି ଓ ସମ୍ପାଦିକା

ଲଞ୍ଜିଗଡ଼,୨୮।୬ (ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସାନ ପୋଡ଼ାଗୁଡା ପଞ୍ଚାୟତ ସାନ ପୋଡ଼ାଗୁଡା କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦିକା ଗୋଷ୍ଠିର ଅନ୍ୟ ସଦସ୍ୟାଙ୍କୁ ଭୁଆଁ ବୁଲାଇ ସେମାନଙ୍କ ଅଜାଣତରେ ୧୪ ଲକ୍ଷ ୪୦ ହଜାର ଟଙ୍କା ବ୍ୟାଙ୍କରୁ ହଡପ କରିନେଇଥିବା ଅଭିଯୋଗ ହୋଇଛି। ସୂଚନାନୁସାରେ, ସାନ ପୋଡ଼ାଗୁଡା ଗ୍ରାମର କଲ୍ୟାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଦୀର୍ଘବର୍ଷ ହେବ ଗ୍ରୁପ୍ ଗଠନ କରି ଗ୍ରାମରେ ମାଛ ଚାଷ ସହିତ ନେଗିଗୁଡାରେ ଥିବା ଉଚ୍ଚ ବିଦ୍ୟାଳୟର ମୋ ସ୍କୁଲ ଯୋଜନାରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଥିଲେ। ବିଭିନ୍ନ ପର୍ଯ୍ୟାୟରେ ଏହି ଗ୍ରୁପକୁ ରାଜ୍ୟ ସରକାରଙ୍କ ତରଫରୁ ପ୍ରୋତ୍ସାହନ ରାଶି ସେମାନଙ୍କ ସଭାପତି ଓ ସମ୍ପାଦିକାଙ୍କ ନାମରେ ଥିବା କୋକସରା କେନ୍ଦ୍ର ସମବାୟ ବ୍ୟାଙ୍କ ଜମାଖାତାରେ ଜମା ହୋଇଥିଲା। ତେବେ ଗ୍ରୁପ୍ ?ର ସଭାପତି ମଧୁସ୍ମିତା ନିଆଲ ଓ ସମ୍ପାଦିକା ନମିତା ଗୋପାଳ ଗ୍ରୁପର ଅନ୍ୟ ସଦସ୍ୟାଙ୍କୁ ଭୁଆଁ ବୁଲାଇ ସେମାନଙ୍କ ଅଜାଣତରେ ବିଭିନ୍ନ ପର୍ଯ୍ୟାୟରେ ବ୍ୟାଙ୍କ ଖାତାରୁ ଜୁନ ୨୦୨୩ରୁ ଜୁଲାଇ ୨୦୨୪ ମଧ୍ୟରେ ୧୪ ଲକ୍ଷ ୪୦ ହଜାର ଉଠାଇ ହଡପ କରିଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। କୋକସରା ବ୍ଲକ ପ୍ରଶାସନ ନିକଟରେ ଆସି ସ୍ୱୟଂ ସହାୟକ ଗୋଷ୍ଠୀର ପାରିଜାତ ନିଆଲ, ରଜନୀ ବନିଆ, ପ୍ରେମଶିଳା ନିଆଲ, ଅଷ୍ଟମୀ ହଂସ, ହେମବତୀ ନିଆଲ, ଶୋଭନୀ ନିଆଲ, ଦସମତି ନିଆଲ, ବାସନ୍ତୀ ନିଆଲ ପ୍ରମୁଖ ସଦସ୍ୟା ଅଭିଯୋଗ କରିଛନ୍ତି। ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଡିଓଙ୍କୁ ଏ ସଂକ୍ରାନ୍ତରେ ଅଭିଯୋଗ କରି ଆସୁଥିଲେ ମଧ ବର୍ତ୍ତମାନସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଯାହାଦ୍ୱାରା ପୁଣି ଅଭିଯୋଗ ନେଇ ଆସିଥିଲେ। ଏନେଇ କୋକସରା ବ୍ଲକ ମିଶନ ଶକ୍ତି ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମାନସ ରଞ୍ଜନ ବାରିକଙ୍କୁ ପଚାରିବାରୁ, ଏ ନେଇ ଅଭିଯୋଗ ହୋଇଛି, ତେବେ ୮ ଲକ୍ଷ ୭୦ ହଜାର ଟଙ୍କା ସଭାପତି ଓ ସମ୍ପାଦିକା ହେରଫେର କରିଥିବା ତଦନ୍ତରୁ ଜଣାପଡ଼ିଛି। ସେମାନଙ୍କୁ ଟଙ୍କା ଫେରସ୍ତ କରିବାକୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ନୋଟିସ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।

# ଲୋକେଶ୍ୱରପୁରରେ ରଥଯାତ୍ରା ପାଳିତ



**ଖୋର୍ଦ୍ଧା,୨୮।୬ (ମହାଭାରତ):** ଖୋର୍ଦ୍ଧା ନିକଟବର୍ତ୍ତୀ ଲୋକେଶ୍ୱରପୁର ଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ରଥଯାତ୍ରା ମହାସମାରୋହ ରେ ପାଳିତ ହୋଇଯାଇଛି । ପ୍ରଥମେ ଦୁଇଜଣ ଛୋଟ ପିଲା ପ୍ରଦୀପ କୁମାର ମୁଦୁଲି ଓ ସାଇ ଅବିନାଶ ଦାସ ଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ରଥଯାତ୍ରା ଆଜି ସମସ୍ତ ଙ୍କ ସହଯୋଗ ବହୁ ସଂଖ୍ୟାଙ୍କ ଶ୍ରଦ୍ଧାଳୁ ଙ୍କ ଉପସ୍ଥିତ ରେ ମହାପ୍ରଭୁ ଙ୍କ ସମସ୍ତ ନୀତିକାନ୍ତି ସମାପ୍ତ ହେବାପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁ ମାନେ ଦୀର୍ଘ ତିନି କିଲୋମିଟର ଧରି ରଥ ଟାଣିଥିଲେ। ଦୀର୍ଘ ନଅ ଦିନ ବ୍ୟାପି ଭଜନ, କୀର୍ତ୍ତନ, ପାଲ୍ଲା, ଦାସକାଠିଆ। ପ୍ରଭୃତି ଅନୁଷ୍ଠିତ ହେବ, ଜୁଲାଇ ପାଞ୍ଚ ତାରିଖ ଦିନ ବାହୁଡ଼ା ଯାତ୍ରା ଅନୁଷ୍ଠିତହେବ। ବହୁ ସଂଖ୍ୟା ରେ ଶ୍ରଦ୍ଧାଳୁ ଙ୍କ ଜନ ସମାଗମ ଦେଖି ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ପୁଲିସ ମୃତୟନ କରାଯାଇଥିଲା । ରଥଯାତ୍ରା ପରିଚାଳନା କମିଟି ର ସଦସ୍ୟ ଅମ୍ବିକା ପ୍ରସାଦ ଦାସ, ରମେଶ ମୁଦୁଲି, କାଳିଆ।, ସିନ, କୁନା, ପ୍ରଫୁଲ୍ଲ ପ୍ରମୁଖ ଙ୍କ ସହଯୋଗ ରେ ରଥଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମାପ୍ତ ହୋଇଥିଲା।

# ଏଲପିଜି ଗ୍ରାହକ ଜନ ସଚେତନତା କାର୍ଯ୍ୟକ୍ରମ

**ଖୋର୍ଦ୍ଧା,୨୮।୬ (ମହାଭାରତ):** ଗ୍ରାହକ ଦକ୍ଷତା କଲ୍ୟାଣ ଫାଉଣ୍ଡେସନ ଦ୍ୱାରା ଘରୋଇ ଗ୍ୟାସ ସିଲିଣ୍ଡର ର ସଠିକ ସ୍ଥାନରେ ବ୍ୟବହାର କୁ ନେଇ ଗ୍ରାହକ ଦକ୍ଷତା କଲ୍ୟାଣ ଫାଉଂଡେସନ ଦ୍ୱାରା ଏକ ଜନ ସଚେତନତା ଅଭିଯାନ ଗ୍ରାହକ ଦକ୍ଷତା କଲ୍ୟାଣ ଫାଉଣ୍ଡେସନ ଦ୍ୱାରା ଖୋର୍ଦ୍ଧା ଜିଲ୍ଲା ଯୋଗାଣ ଅଧିକାରୀ ଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇଛି।

ଏହି ଜନ ଜାଗରଣ କାର୍ଯ୍ୟକ୍ରମ କୁ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ସୁଗଦା ମୁର୍ମୁ ଶୁଭାରମ୍ଭ କରିଥିଲେ। ଗ୍ରାହକ ଦକ୍ଷତା କଲ୍ୟାଣ ଫାଉଣ୍ଡେସନ ର ଏହିକାର୍ଯ୍ୟକ୍ରମ କୁ ଭୂୟସୀ ପ୍ରଶଂସା କରି ସୁଗୁଦା ମୁର୍ମୁ, ହୋଟେଲ, ରେସୋରାଁ, ଫାଷ୍ଟ ଫୁଡ଼, ଚ଼ ଦୋକାନୀ ଆଦି ବ୍ୟବସାୟ ପ୍ରତିଷ୍ଠାନ ମାନେ ୧୯ କିଲୋଗ୍ରାମ ବ୍ୟବସାୟିକ ଏଲ.ପି.ଜି. ଗ୍ୟାସ ତୁରନ୍ତୁ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ୧୪.୨ କିଲୋଗ୍ରାମ ଘରୋଇ ରୋଷେଇ ଏଲ.ପି.ଜି. ଗ୍ୟାସ ସିଲିଣ୍ଡର ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରେ ବ୍ୟବହାର ନକରିବାକୁ ପରାମର୍ଶ ଦେଇଥିଲେ, ଯାହା ଆଇନୀତ ଏକ ଅପରାଧ ଅଟେ। ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଜୟନ୍ତି କୁମାର ଦାସ ଓ ସହ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରତିମା, କୁମାରି ପ୍ରଧାନ ଘରୋଇ ରୋଷଇ ଗ୍ୟାସ ୧୪,୨ କିଗ୍ରା ସିଲିଣ୍ଡର ବ୍ୟବସାୟ ରେ ବ୍ୟବହାର, ଏକ ଆଇନଗତ ଅପରାଧ ଏବଂ ଏହା ଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହେବାସହ ଅନେକ ଧନଜୀବନ ନଷ୍ଟ ହେଉଛି ।

ଗ୍ରାହକ ଦକ୍ଷତା କଲ୍ୟାଣ ଫାଉଣ୍ଡେସନ ତରଫରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଏକ ସାଙ୍ଗରେ ଦେଶର ୧୫ ରାଜ୍ୟର ୨୭୫ ଟି ଜିଲ୍ଲା ରେ ୨୭୦୦ ସ୍ୱେଚ୍ଛାସେବୀ ଙ୍କୁ ନେଇ ମେ ମାସ ୧୦ତାରିଖ ରୁ ପ୍ରାରମ୍ଭିକ ଭାବରେ ଆରମ୍ଭ ହୋଇଅଛି ବୋଲି ଉକ୍ତ ସଂସ୍ଥା ର ରାଷ୍ଟ୍ରୀୟ ସଭାପତି ନିତିନ ସୋଲଙ୍କେ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ହୋଟେଲ, ରେସୋରାଁ ଏବଂ ଛୋଟ ଜଳଖିଆ। ଦୋକାନ ଆଦି ରେ ଏଲ.ପି.ଜି. ଗ୍ୟାସ ବ୍ୟବହାରୀଙ୍କୁ ଭେଟି ସୂଚନା ପତ୍ର ବାଣ୍ଟିବା ସହ ସଚେତନ କରାଯାଉଛି ବୋଲି ଉକ୍ତ ସଂସ୍ଥାର ଜନ ସମ୍ପର୍କ ଅଧିକାରୀ, ଓଡିଶା ଶ୍ରୀ ଅରୁଣ କୁମାର ଦାସ ସୂଚନା ଦେଇଛନ୍ତି।




ଏହି କାର୍ଯ୍ୟକ୍ରମରେ ଶୁଭାରମ୍ଭ ରେ ଯୋଗାଣ ବିଭାଗର ଅନ୍ୟ ଅଧିକାରୀ ମାନେ ସର୍ବଶ୍ରୀ ଶ୍ରୀ ବିଷ୍ଣୁ ଚରଣ ବିଶୋଇ, ନିବେଦିତା ଖଣ୍ଡେଇ, ମମତା ନାୟକ, ରୋଜାଲିନ ଶତପଥ, ଆଇଶା ଖତୁନ, ଦିପ୍ତିମୟୀ ମହାପାତ୍ର, ରାଜଶ୍ରୀ ସ୍ୱାଇଁ, ଆଦି ପ୍ଲା କାର୍ଡ ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ ଯଶ୍ରୀ ସୁରେଶ କୁମାର ପରିଡା ଆମନ୍ତ୍ରିତ ସମାଜ ସେବୀ, ଉପସ୍ଥିତ ସମସ୍ତ ଅଧିକାରୀ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶଶ୍ମାନ ଘାଟ ନିର୍ମାଣ ପାଇଁ ଦାବୀପତ୍ର ପ୍ରଦାନ

କଣ୍ଟାବାଞ୍ଜି,୨୮।୬ (ମହାଭାରତ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରାଂଚଳରେ ୨ୟ ଶଶ୍ମାନ ଘାଟ ନିର୍ମାଣ ଏବଂ ଅନୁଦାନ ପାଇଁ କଣ୍ଟାବାଞ୍ଜି ବିଧାୟକ ଶ୍ରୀ ଲକ୍ଷ୍ମଣ ବାଗଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ଏହା ବିଧାୟକ ଶ୍ରୀ ବାଗଙ୍କ ଖୁଟୁଲୁମୁଣ୍ଡାସ୍ଥିତ ବାସଗୃହରେ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ସହରରେ ଏକମାତ୍ର ଶଶ୍ମାନ ଘାଟ ବଙ୍ଗୋମୁଣ୍ଡା ରାସ୍ତାରେ ରହିଛି। ଏହି ଶଶ୍ମାନ ଘାଟରେ ସହରର ୧୧ରୁ ଉର୍ଦ୍ଧ ୱାର୍ଡର ହଜାର ହଜାର ଜନସାଧାରଣ ନିର୍ଭର କରନ୍ତି। କିନ୍ତୁ ଅନ୍ୟ ୬ ଗୋଟି ୱାର୍ଡ ଯଥା ୧୩,୧୪,୧୫,୧୬ ଓ ୧ ର ଜନସାଧାରଣ ଯଥା ଆଶ୍ରମପଡା, ସିଙ୍ଗାଲପଡା, ରେଲୱେ କଲୋନି,ଧୋବାପଡା, କୋଏଲାପଡା, ରେଲୱେ ଷ୍ଟେସନ ପଡା, ତାଲିପଡା, ଝାଙ୍କରପଡା, ଆମ୍ବପଡା, ବିବେକାନନ୍ଦ ନଗର, ଦ୍ୱାରିକା ନଗର ଅଂଚଳର ହଜାର ହଜାର ଲୋକେ ସିମେଂଟ ଫ୍ୟାକ୍ଟ୍ରି ନିକଟରେ ଥିବା ଶଶ୍ମାନ ଘାଟରେ ଶବାଦାହ କରୁଥିଲେ । କିନ୍ତୁ ଉକ୍ତ ସ୍ଥାନରେ କେତେକ ସରକାରୀ କାର୍ଯ୍ୟାଳୟ ଏବଂ ନୂତନ ଓଏସଆରଟିସି ବସଷ୍ଟାଣ୍ଡ ନିର୍ମାଣ ହେବାଦ୍ୱାରା ଉକ୍ତ ଅଂଚଳର ଜନସାଧାରଣ ଶବଦାହ କରିପାରୁ ନାହାନ୍ତି । ଅଂଚଳର ଜନସାଧାରଣ ଶବଦାହ କେନ୍ଦ୍ର ନ ଥିବାରୁ ହଇରାଣ ହରକତ ହୋଇ ବଙ୍ଗୋମୁଣ୍ଡାରାସ୍ତାରେ ଥିବା ୩ ରୁ ୪ କି.ମି. ଦୂର ଶଶ୍ମାନ ଘାଟକୁ ଶବଦାହ ପାଇଁ ନିର୍ଭର କରନ୍ତି । ସିମେଂଟ ଫ୍ୟାକ୍ଟ୍ରି ପଛପଟେ ଏକ ନୂତନ ଶବଦାହ କେନ୍ଦ୍ର ନିର୍ମାଣ ଏବଂ ଅନୁଦାନ ପାଇଁ ଏହି ଦାବୀପତ୍ର ପ୍ରଦାନ କରାଯାଇଛି । ଦାବୀପତ୍ର ପ୍ରଦାନ ବେଳେ କିଶୋର ପୁରୋହିତ, ସ୍ମରଣ କୁମାର ମହାନ୍ତି , ଗୁରୁଦୟାଲ ହଂସ ଓ କାଉନସିଲର ବିକାଶ ତରିଆଙ୍କ ନେତୃତ୍ୱରେ ଶତାଧିକ ୱାର୍ଡବାସୀଙ୍କ ଦସ୍ତଖତ ସମ୍ବଳିତ ଦାବୀପତ୍ର ପ୍ରଦାନ କରାଯାଇଛି । ବିଧାୟକ ଶ୍ରୀ ବାଗ ଯଥା ଶିଘ୍ର ନୂତନ ଏକ ଶବଦାହ କେନ୍ଦ୍ର ନିର୍ମାଣ ପାଇଁ ଆବଶ୍ୟକ ଜମି ପ୍ରଦାନ ନିମନ୍ତେ ତହସିଲଦାର କଂଟାବାଂଜିକୁ ଅନୁରୋଧ କରିଥିବା ବେଳେ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି ।

# ଚାଳ ଛପର ଘରେ ବିତୁଛି ଜୀବନ,ଆବାସ ଯୋଜନା ସାତସପନ

**ନିଶ୍ଚିନ୍ତକୋଇଲି,୨୮।୬ (ମହାଭାରତ):** ଅସହାୟ ଓ ନିରାଶ୍ରୟ ପରିବାରକୁ ମୁଣ୍ଡ ଗୁଞ୍ଜିବା ନିମନ୍ତେ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯାଉଛି। ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ କରାଯାଉଛି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ଓରତି ଗ୍ରାମପଂଚାୟତ ବାରସାହି ଗ୍ରାମର ଗୋଟିଏ ଅସହାୟ ପରିବାର ଏକ ଚାଳ ଛପର ଘରେ ଅତ୍ୟନ୍ତ ଦୟନୀୟ ଭାବେ ବାସ କରୁଥିବାର ଅଭିଯୋଗ ହୋଇଛି। ଏହି ପରିବାର ନିମନ୍ତେ ଆବାସ ଯୋଜନା ସାତ ସପନ ପାଲଟିଥିବାର ଅଭିଯୋଗ ହୋଇଛି। ବାରସାହି ଗ୍ରାମର ନାରାୟଣ ଜେନା(୭୯) ଜଣେ ଅସହାୟ ଗରିବ ଶ୍ରେଣୀୟ ଚାଷୀ ଅଟନ୍ତି। ନାରାୟଣଙ୍କ ତେଲ ଲୁଣର ସଂସାର ପତ୍ନୀ ଓ ଏକମାତ୍ର ବେକାର ପୁତ୍ରକୁ ନେଇ ଗଠିତ। ବୟସାଧିକ ହେତୁ ନାରାୟଣ କୌଣସି କାମଧନ୍ଦା କରିପାରୁନାହାନ୍ତି। ଏପରିକି ତାଙ୍କର ପୁତ୍ର ମଧ୍ୟ ଜଣେ ବେକାର ଯୁବକ ଅଟନ୍ତି। ସରକାରଙ୍କ ତରଫରୁ ପ୍ରତିମାସରେ ଏହି ପରିବାରକୁ



୧୫ କିଗ୍ରା ଲେଖାଏଁ ମାଗଣା ଚାଉଳ ଯୋଗାଇ ଦିଆଯାଉଥିଲା ବେଳେ ନାରାୟଣ ବାର୍ଦ୍ଧକ୍ୟ ଭତା ପାଉଛନ୍ତି। ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ। ଆର୍ଥୀକ ଅବସ୍ଥା ସ୍ୱଚ୍ଛଳ ନଥିବା କାରଣରୁ ନାରାୟଣ ନିଜ ପରିବାର ନିମନ୍ତେ ଏକ ସ୍ଥାୟୀ ପକ୍କାଗୃହ ନିର୍ମାଣ କରିପାରିନାହାନ୍ତି। ଦୀର୍ଘ ଦିନ ହେଲା ତାଙ୍କ ପରିବାର ଏକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଚାଳ ଛପର ଘରେ ବାସ କରୁଛନ୍ତି। ଏହି ଚାଳ ଛପର ଘରକୁ ନାରାୟଣ ଅର୍ଥ ଅଭାବରୁ ଛପର କରିପାରିନାହାନ୍ତି। ଘର ଉପରେ ଚିରା ପାଲଜରି ଟଙ୍ଗା ଯାଇଛି। ଟିକିଏ ବର୍ଷା ହେଲେ ଘରେ ପାଣି ଲହଡି ଖେଳୁଛି। ଫଳରେ ପରିବାର ବର୍ଗ ବହୁ କଷ୍ଟରେ କାଳାତିପାତ କରୁଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକରେ ବହୁ ଥିଲା ବାଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ହାତେଇଥିବାର ନଜିର ଥିଲା ବେଳେ ଏହି ପରିବାର ପାଇଁ ଆବାସ ଯୋଜନା ସାତ ସପନ ପାଲଟିଛି। ଗୋଟିଏ ଆବାସ ଯୋଜନା ନିମନ୍ତେ ନାରାୟଣ ଗାଁ ସରପଂଚଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ଏକାଧିକବାର ଆବେଦନ ଓ ନିବେଦନ କରିଥିଲେ ମଧ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି। ନାରାୟଣର ଅଭିଯୋଗ ପତ୍ର ବ୍ଲକ ପ୍ରଶାସନର ନାଲି ଫାଇଲ ତଳେ ଚାପି ହୋଇ ରହି ଯାଇଛି। ତେବେ ଏହି ଜରାଜୀର୍ଣ୍ଣ ବିପଦ ସଙ୍କୁଳ ଗୃହ ଆଗାମୀ ଦିନରେ ଏହି ପରିବାର ଜୀବନ ଦୀପକୁ ଲିଭାଇ ଦେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ପରିବାରକୁ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

## ମାତୃଭାଷାକୁ ଭଲ ପାଇବା

ନିଜ ମାତୃଭାଷାକୁ ଭଲ ପାଇବା ସ୍ୱାଭାବିକ। କିନ୍ତୁ ନିଜ ଭାଷାକୁ ଭଲ ପାଇବାର ଅର୍ଥ ନୁହେଁ ଯେ, ଅନ୍ୟ ଭାଷାକୁ ଘୃଣା କରିବା ବା ସମ୍ପୃକ୍ତ ଭାଷାଭାଷିଙ୍କୁ ଅପମାନିତ କରିବା। ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ ଯାହା ଭାଷା ଭିତ୍ତିରେ ଗଠିତ ହୋଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ବେଙ୍ଗଲର ଅନେକ ଅସହିଷ୍ଣୁ ବ୍ୟକ୍ତି ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କହିଥିଲେ। ଓଡ଼ିଆ ଭାଷାକୁ ସ୍ୱୀକୃତି ନମିଳୁ ଏଥିପାଇଁ ପଡ଼ୋଶୀ ରାଜ୍ୟରୁ ଅନେକ ଷଡ଼ଯନ୍ତ୍ର କରିଥିଲେ। ଦକ୍ଷିଣରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ବା ତତ୍କାଳୀନ ମାନ୍ଦ୍ରାଜ ପ୍ରଦେଶର ନେତୃବର୍ଗ ଓଡ଼ିଆ ଭାଷାର ବିଲୋପ ପାଇଁ ଉଦ୍ୟମ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ତେଲୁଗୁ ଏବଂ ବଙ୍ଗଳା ଭାଷାଭାଷି ଲୋକମାନେ ଓଡ଼ିଆ ଭାଷାର ବିଲୋପ ପାଇଁ ଅନେକ ପ୍ରୟାସ କରିଥିଲେ। କିନ୍ତୁ ତାହା ବିଫଳ ହୋଇଥିଲା। ଯଦିଓ ଅନେକ ଓଡ଼ିଆ ଭାଷାଭାଷି ଅଞ୍ଚଳ ପଡ଼ୋଶୀ ରାଜ୍ୟରେ ଚିରଦିନ ପାଇଁ ରହିଗଲା, କିନ୍ତୁ ଓଡ଼ିଆ ଭାଷାର ଅସ୍ତିତ୍ୱକୁ କେହି ଲୋପ କରିପାରିଲେନି। କାରଣ ଓଡ଼ିଆ ଭାଷା ଏକ ଅତି ପ୍ରାଚୀନ, ସମୃଦ୍ଧ ଏବଂ ଶାସ୍ତ୍ରୀୟ ଭାଷା। ଏହାକୁ କେହି ଅଣଦେଖା କରିପାରିବେ ନାହିଁ। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଏବେ ବି ସଂଘର୍ଷ ଚାଲିଛି। କିନ୍ତୁ ଓଡ଼ିଆ ମାନେ ନିଜ ମାତୃଭାଷାକୁ ଭଲ ପାଉଥିଲେ ମଧ୍ୟ ଅନ୍ୟ ଭାଷାଭକୁ କେବେ ଅସମ୍ମାନିତ କରନ୍ତି ନାହିଁ। କିନ୍ତୁ ଦକ୍ଷିଣ ଭାରତରେ ବିଶେଷ କରି ତାମିଲନାଡୁରେ ଭାଷାଗତ ବିବାଦ ବହୁ ପୁରୁଣା ଏବଂ ଉତ୍କଟ। ସ୍ୱାଧୀନତା ପୂର୍ବରୁ ତାମିଲ ମାନେ ଭାଷା ବିବାଦରେ ସମ୍ପୃକ୍ତ। ତାମିଲ ଏକ ସମୃଦ୍ଧ ଭାଷା। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। କିନ୍ତୁ ତାମିଲମାନେ ବୁଝିବା ଉଚିତ ଯେ, ଭାରତରେ ଅନ୍ୟ ଭାଷା ମଧ୍ୟ ରହିଛି। ଏହାକୁ ମଧ୍ୟ ସ୍ୱୀକାର ତଥା ସମ୍ମାନ କରିବାକୁ ପଡ଼ିବ। ତାମିଲନାଡୁର ସରକାର ବା ସ୍ଥାନୀୟ ରାଜନୈତିକ ଦଳ ପକ୍ଷରୁ ସବୁବେଳେ ଅଭିଯୋଗ କରାଯାଇଆସୁଛି ଯେ, ଭାରତ ସରକାର ହିନ୍ଦୁ ଭାଷାକୁ ସେମାନଙ୍କ ଉପରେ ଲଦି ଦେଉଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ନିରାଧାର ଏବଂ ସଂକୀର୍ଣ୍ଣ ଚିନ୍ତାଧାରା ସମ୍ପନ୍ନ। ତାମିଲମାନେ ହିନ୍ଦୁକୁ ଭାରତର ଜାତୀୟ ଭାଷା ଭାବେ ସ୍ୱୀକାର କରନ୍ତି ନାହିଁ। ସେମାନେ ସଂସ୍କୃତକୁ ଏକ ମୃତ ଭାଷା ବୋଲି କହନ୍ତି। କିନ୍ତୁ ଏକ ବିଦେଶୀ ଭାଷା ଇଂରାଜୀକୁ ସେମାନେ ଭଲ ପାଆନ୍ତି ଏବଂ ଏହାକୁ ଗ୍ରହଣ କରନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ତାମିଲ, କନ୍ନଡ଼, ମାଲୟଲାମ ଏବଂ ତେଲୁଗୁ ସମ୍ପ୍ରଦାୟର ଲୋକେ ଦେଶର ବିଭିନ୍ନ ରାଜ୍ୟ ତଥା ଅଞ୍ଚଳରେ ବସବାସ କରୁଛନ୍ତି । ଅନେକ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି। କିନ୍ତୁ ସେମାନେ ନିଜ ରାଜ୍ୟରେ ଅନ୍ୟ ଭାଷା ବିଶେଷ କରି ହିନ୍ଦି ଭାଷାକୁ ପ୍ରଶ୍ରୟ ଦିଅନ୍ତି ନାହିଁ। ଇଂରାଜୀ ହେଉଛି ବିଶ୍ୱ ଭାଷା। ସେହିପରି ହିନ୍ଦି ହେଉଛି ଭାରତର ଜାତୀୟ ଭାଷା ଯାହା ସରକାରୀ ସ୍ୱୀକୃତି ପାଉ ବା ନପାଉ। ଏହି ଅପ୍ରିୟ ସତ୍ୟକୁ ସ୍ୱୀକାର କରାକୁ ପଡ଼ିବ। ହିନ୍ଦି ଏକ ସହଜ, ସରଳ ଏବଂ ମଧୁର ଭାଷା। ଏଥିପାଇଁ ଦେଶର ସବୁ ରାଜ୍ୟରେ ଏହା ପ୍ରଚଳିତ ରହିଛି। ଭିନ୍ନ ରାଜ୍ୟକୁ ଗଲେ ଜଣେ ନିଜ କଥା ଇଂରାଜୀ ବା ହିନ୍ଦି ମଶଧ୍ୟମରେ କହିପାରିବ ଯାହା ଅନ୍ୟମାନେ ବୁଝିବାକୁ ସକ୍ଷମ ହେବ। ହିନ୍ଦି ଭାଷା ବୁଝିବା, କହିବା ଏବଂ ଲେଖିବା ସହଜ। ସମଗ୍ର ବିଶ୍ୱବାସୀ ହିନ୍ଦୀ ଫିଲ୍ମ ଦେଖନ୍ତି ଏବଂ ଏହାକୁ ଭଲ ପାଆନ୍ତି। ଦକ୍ଷିଣ ଭାରତରେ ମଧ୍ୟ ହିନ୍ଦି ଫିଲ୍ମର ଆଦର ରହିଛି, ଏହାର ଅଭିନେତା, ଅଭିନେତ୍ରୀଙ୍କୁ ଭଲ ପାଆନ୍ତି। ହିନ୍ଦି ହେଉଛି ଭାରତର ଅଘୋଷିତ ଜାତୀୟ ଭାଷା।

## ଭାରତୀୟ ମୁକ୍ତି ସଂଗ୍ରାମର ବୀରାଙ୍ଗନା


॥ ଡକ୍ଟର ତପନ କୁମାର ପାଲ ॥



“ କ୍ୟାପଟେନ୍ ଲକ୍ଷ୍ମୀ ସେହଗାଲ : ୧୯୧୪ ଅକ୍ଟୋବର ୧୪ରେ ମାଡ୍ରାସ କ୍ୟାପଟେଡ଼ ଲକ୍ଷ୍ମୀ ସେହଗାଲ ଭୂମିଷ୍ଠ ହୋଇଥିଲେ । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ ଆଜାଦ ହିନ୍ଦ ଫୌଜରେ ଅଧିକାରୀ ଥିଲେ । ନେତାଜୀଙ୍କ ଆଜାଦ ହିନ୍ଦ ସରକାରରେ ଲକ୍ଷ୍ମୀ ମହିଳା ମାମଲାର ମନ୍ତ୍ରୀ ଥିଲେ । ୧୯୪୨ ଦ୍ୱିତୀୟ ମହାସମର ସମୟରେ ବ୍ରିଟିଶ ସରକାର ଠାରୁ ଜାପାନ ସିଙ୍ଗାପୁର ଅଧିକାର କରିନେଲା । ବ୍ରିଟିଶ ସେନାରେ ଯୋଗ ଦେଇଥିବା ଭାରତୀୟ ଯବାନଙ୍କ ମନରେ ଭାରତ ପ୍ରତି ମମତା ଜାଗିଲା । ଭାରତକୁ ସ୍ୱାଧୀନତା ପ୍ରଦାନ କରାଇବା ପାଇଁ ସେମାନେ ସଂକଳ୍ପବଦ୍ଧ ହେଲେ । ୧୯୪୩ ଜୁଲାଇ ୨ରେ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ପହଞ୍ଚିଲେ ।


ରାଣୀ ଚେନାମ୍ମା : ୧୮୨୪ରେ କିଞ୍ଚୁର (କର୍ଣ୍ଣାଟକ) ରାଣୀ ଚେନାମ୍ମା ଇଂରେଜ ଜାତିକୁ ତଡ଼ିବା ପାଇଁ ବିଦେଶୀମାନେ ଭାରତ ଛାଡ଼ ବିଗୁଲ ବଜାଇଥିଲେ । ୧୮୫୭ ସ୍ୱାଧୀନତା ସଂଗ୍ରାମର ୩୩ବର୍ଷ ପୂର୍ବରୁ ଚେନାମ୍ମା ଇଂରେଜମାନଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ କରିଥିଲେ । ଯୁଦ୍ଧ କ୍ଷେତ୍ରରେ ରଣଚଣ୍ଡୀ ରୂପ ଧରି ରାଣୀ ଚେନାମ୍ମା ଇଂରେଜ ସୈନିକଙ୍କ ନାକରେ ପାଣି ପିଆଇ ଦେଇଥିଲେ । ଯୁଦ୍ଧ କରୁ କରୁ ଚେନାମ୍ମା ବୀରଗତି ଲାଭ କରିଥିଲେ ।

ରାଣୀ ଲକ୍ଷ୍ମୀବାଈ : ୧୮୩୫ ନଭେମ୍ବରରେ ବନାରସ ନିବାସୀ ମୋରୋପନ୍ଥ ତାମ୍ବେଙ୍କ ଘରେ ଲକ୍ଷ୍ମୀବାଈ ଜନ୍ମ ନେଇଥିଲେ । ତାଙ୍କ ପିଲା ଦିନଟି କାନପୁରର ବିଠୁରରେ ନାନା ସାହେବଙ୍କ ସହ କଟିଥିଲା । ୧୮୫୫ରେ ଘୋଡ଼ାସବାରୀ ଓ ତରବାରୀ ଚାଳନାରେ ଅପରାଜେୟ ଲକ୍ଷ୍ମୀବାଈଙ୍କ ସ୍ୱାମୀ ରାଜା ଗଙ୍ଗାଧର ରାଓଙ୍କ ମୃତ୍ୟୁ ହେଲା । ଇଂରେଜ ଶାସକ ତାଙ୍କ ପାଳିତ ପୁତ୍ରକୁ ରାଜା ରୂପେ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନଥିଲେ । ଫଳରେ ରାଣୀ ଲକ୍ଷ୍ମୀବାଈ ପ୍ରବଳ ପରାକ୍ରମ ସହ ଯୁଦ୍ଧ କରି ଇଂରେଜ ସେନାକୁ ଝାନ୍ସୀରୁ ତଡ଼ି ଦେଲେ । ତାନ୍ତିଆ ଟୋପେ ସାହାଯ୍ୟରେ ଗୋରା ସେନାକୁ ଗୋଆଲିୟରରୁ ତଡ଼ିବାରେ ସଫଳ ହେଲେ । ହେଲେ ଭାଗ୍ୟ ଦେବୀଙ୍କ ବିପର୍ଯ୍ୟୟର ଶିକାର ହୋଇ ପରବର୍ତ୍ତୀ ଯୁଦ୍ଧରେ ମୃତ୍ୟୁବରଣ କଲେ ।

ରାଣୀ ଅବନ୍ତୀବାଈ : ମଧ୍ୟପ୍ରଦେଶର ରାମଗଡ଼ରେ ରାଣୀ ଅବନ୍ତୀ ବାଈଙ୍କ ଜନ୍ମ ୧୮୩୧ ଜୁଲାଇ ୧୬ ତାରିଖରେ ହୋଇଥିଲା । ରାମଗଡ଼ ଶାସକ ବିକ୍ରମାଦିତ୍ୟ ସିଂହଙ୍କ ମୃତ୍ୟୁପରେ ଇଂରେଜ ସରକାର ତାଙ୍କ ରାଜ୍ୟକୁ ଦଖଲ କଲା । ୧୮୫୭ ସଂଗ୍ରାମ ସମୟରେ ରାଣୀ ଅବନ୍ତୀ ବାଈ ଇଂରେଜ ସରକାରଠୁ ଦେଶ ହାସଲ ପାଇଁ ଶପଥ ନେଇ ପରବର୍ତ୍ତୀ ସମୟରେ ଯୁଦ୍ଧକରି ବରଂ ନିଜ ଜୀବନ ହାରିବାକୁ ଶ୍ରେୟସ୍କର ମନେ କରିଥିଲେ ।

ବେଗମ୍ ହଜରତ୍ ମହଲ : ୧୮୫୭ ସ୍ୱାଧୀନତା ସଂଗ୍ରାମ ଅମଳରେ ଲକ୍ଷ୍ନୌ ବିଦ୍ରୋହର ନେତୃତ୍ୱ ନେଇଥିଲେ ବେଗମ୍ ହଜରତ ମହଲ । ନାବାଳକ ପୁଅ ବିରଜିସ କାଦରକୁ ସିଂହାସନରେ ବସାଇ ଇଂରେଜ ସରକାର ବିରୋଧରେ ଲଢ଼ାଇ କରିଥିଲେ । ତାଙ୍କ ନେତୃତ୍ୱରେ ଅଓ୍ୱଧ ଜମିଦାର, କୃଷକ ଓ ସୈନିକମାନେ ପ୍ରାଣମୂର୍ଚ୍ଛା ଯୁଦ୍ଧ କରିଥିଲେ । ନିଜେ ହଜରତ ବେଗମ ହାତୀ ପିଠିରେ ବସି ଦିନରାତି ଯୁଦ୍ଧ କରି ବୀରଗତି ଲାଭ କଲେ ।

ସରୋଜିନୀ ନାଇଡୁ : ୧୮୭୯ ଫେବୃୟାରୀ ୧୩ରେ ହାଇଦ୍ରାବାଦରେ ସରୋଜିନୀ ନାଇଡୁ ଜନ୍ମ ଲାଭ କରିଥିଲେ । ମାତ୍ର ୧୩ ବର୍ଷ ବୟସରେ ସରୋଜିନୀ ୧୩୦୦ ପଦବିଶିଷ୍ଟ ‘ଝରଣାର ପାଣି’ ନାମକ କବିତା ଓ ୨୦୦୦ ବାକ୍ୟବିଶିଷ୍ଟ ନାଟକ ଲେଖି ଇଂରେଜ ଭାଷାରେ ତାଙ୍କ ଦକ୍ଷତା ସାବ୍ୟସ୍ତ କରିଥିଲେ । ଇଂଲଣ୍ଡରେ ଥିବାବେଳେ ଡାକ୍ତର ଗୋବିନ୍ଦ ନାଇଡୁଙ୍କ ସହ ତାଙ୍କର ସାକ୍ଷାତ ହେଲା । ପଢ଼ା ଶେଷ ପରେ ମାତ୍ର ୧୯ବର୍ଷ ବୟସରେ ସେ ଗୋବିନ୍ଦ ନାଇଡୁଙ୍କୁ ବିବାହ କଲେ । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ସେ ମହାତ୍ମାଗାନ୍ଧୀଙ୍କ ସହ ଜେଲରେ ପ୍ରାୟ ୨୧ ମାସ ରହିଥିଲେ । ଭାରତ ସ୍ୱାଧୀନତା ଲାଭ ପରେ ତାଙ୍କୁ ଉତ୍ତରପ୍ରଦେଶ ରାଜ୍ୟପାଳ ରୂପେ ନିଯୁକ୍ତି ଦିଆଗଲା । ସେ ସ୍ୱାଧୀନ ଭାରତର ପ୍ରଥମ ମହିଳା ରାଜ୍ୟପାଳ ଥିଲେ ।

ପ୍ରୀତିଲତା ଓ୍ୱାଦେଦର : ୧୯୧୧ ମେ’ ୫ରେ ଚଟଗାଁର ଘୋଲାଘାଟରେ ପ୍ରୀତିଲତା ଜନ୍ମ ଲଭା କରିଥିଲେ । ତାଙ୍କ ବାପା ଜଗବନ୍ଧୁ ଓ୍ୱାଦେଦର ଚଟଗାଁ ନଗରପାଳିକାରେ କିରାଣୀ ଥିଲେ । ତାଙ୍କ ମା’ ପ୍ରତିଭା ଓ୍ୱାଦେଦର ସ୍ଥାନୀୟ ବିପ୍ଳବୀଙ୍କୁ ଆଶ୍ରୟ ଦେଉଥିଲେ । ୧୯୩୨ ସେପ୍ଟେମ୍ବର ୨୩ରେ ପ୍ରୀତିଲତା ସାଥିମାନଙ୍କ ସହ ମିଶି ୟୁରୋପୀୟ କ୍ଲବ ଉପରେ ଆକ୍ରମଣ କଲେ ଓ ଗିରଫଦାରୀରୁ ଉଦ୍ଧରିବା ପାଇଁ ଆତ୍ମହତ୍ୟା ରାସ୍ତା ବାଛିନେଲେ ।

ମାତଙ୍ଗିନୀ ହାଜରା : ୧୮୭୦ ଅକ୍ଟୋବର ୧୯ରେ ପଶ୍ଚିମବଙ୍ଗରେ ମାତଙ୍ଗିନୀ ହାଜରା ଜନ୍ମ ଲାଭ କରିଥିଲେ । ସେ ବିଧବା ଥିଲେ, କିନ୍ତୁ ତାଙ୍କ ଅଦମ୍ୟ ସାହସ ନିକଟରେ ଯୁବକମାନେ ବି ଫିକା ପଡ଼ିଯାଉଥିଲେ । ୧୯୩୨ରେ ତାଙ୍କ ଗାଁରୁ ଗୋଟିଏ ଶୋଭାଯାତ୍ରା ବାହାରିଲା ଯେଉଁଥିରେ କେହି ମହିଳା ନଥିଲେ । ଏକମାତ୍ର ମାତଙ୍ଗିନୀ ସେଥିରେ ଯୋଗ ଦେଇ ସାହସିକତାର ପରିଚୟ ଦେଲେ । ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହରେ ମାତଙ୍ଗିନୀ ଯୋଗ ଦେଲେ । ଲବଣ ସତ୍ୟାଗ୍ରହରେ ବହୁ ଲୋକ ଗିରଫ ହେଲେ । ମାତଙ୍ଗିନୀଙ୍କ ବୃଦ୍ଧାବସ୍ଥା ପ୍ରତି ଦୟା ବହି ପୁଲିସ ତାଙ୍କୁ ଗିରଫ କଲାନାହିଁ । ପରବର୍ତ୍ତୀ ସମୟରେ ବ୍ରିଟିଶ ଫଉଜଙ୍କ ଗୁଳିରେ ତାଙ୍କ ଜୀବନ ଦୀପ ନିର୍ବାପିତ ହୋଇଥିଲା।

କସ୍ତୁରବା ଗାନ୍ଧୀ : ୧୮୬୯ ଅପ୍ରେଲ ୧୧ରେ କସ୍ତୁରବା ଜନ୍ମ ଲାଭ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସ୍ତ୍ରୀ କସ୍ତୁରବା ଭାରତରେ ବା’ ନାମରେ ପରିଚିତା । ମାତ୍ର ୧୩ବର୍ଷ ବୟସରେ ସେ ମହାତ୍ମା ଗାନ୍ଧୀଙ୍କୁ ବିବାହ କଲେ । ଦକ୍ଷିଣ ଆଫ୍ରିକା ରହଣି ସମୟରେ କଳାଗୋରା ଭେଦଭାବ ନୀତି ବିରୋଧରେ ତାଙ୍କୁ ଅନେକ ବାର ଜେଲ କାଟିବାକୁ ପଡ଼ିଥିଲା । ସେ ବାପୁଙ୍କ ସହ ପାଦରେ ପାଦ ମିଳାଇ ଚାଲିଥିଲେ । ୧୯୪୨ରେ ବାପୁ ଗିରଫ ହେବା ପରେ ସେ ବମ୍ବେସ୍ଥିତ ଶିବାଜୀ ପାର୍କରେ ହେବାକୁ ଥିବା ସାଧାରଣ ସଭାରେ ଭାଷଣ ଦେବାକୁ ନିଷ୍ପତ୍ତି ନେଲେ । ପାର୍କ ଫାଟକ ନିକଟରେ ପହଞ୍ଚିବା ମାତ୍ରେ ତାଙ୍କୁ ପୁଲିସ ଗିରଫ କଲା । ତାଙ୍କୁ ପୁଣେର ଆଗା ଖାଁ ପ୍ରାସାଦକୁ ପଠାଇ ଦିଆଗଲା । ବଞ୍ଚିଥିବା ପର୍ଯ୍ୟନ୍ତ କସ୍ତୁରବା ମୁକ୍ତି ସଂଗ୍ରାମ ଜାରି ରଖିଥିଲେ ।

କଳ୍ପନା ଦତ୍ତ : ୧୯୩୧ ଜୁଲାଇ ୨୭ରେ ଜନ୍ମିତ ବିପ୍ଳବିଣୀ କଳ୍ପନା ଦତ୍ତ ବିପ୍ଳବୀ ସୂର୍ଯ୍ୟସେନଙ୍କ ସହ ସମ୍ପର୍କ ରକ୍ଷା କରିଥିଲେ । ସେ ଛଦ୍ମବେଶରେ ବିପ୍ଳବୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ପହଞ୍ଚାଇବା କାମ କରୁଥିଲେ । ୧୯୩୩ରେ ବିପ୍ଳବୀ ଓ ପୁଲିସଙ୍କ ଭିତରେ ସଶସ୍ତ୍ର ଲଢ଼େଇ ହେଲା । ସୂର୍ଯ୍ୟସେନ୍ ତଥା ତାଙ୍କ ସାଥିମାନଙ୍କୁ ପୁଲିସ ଗରିଫ କଲା । କଳ୍ପନା ମଧ୍ୟ ପୁଲିସ ହାତରେ ଧରାପଡ଼ିଲେ । ସେମାନଙ୍କ ବିଚାର ଚାଲିଲା । ୧୯୩୪ ଫେବୃୟାରୀରେ ସୂର୍ଯ୍ୟ ସେନ୍ ଓ ତାରକେଶ୍ୱରଙ୍କୁ ଅଦାଲତ ଫାଶୀ ଦଣ୍ଡାଦେଶ ଦେଲେ । ୨୧ ବର୍ଷୀୟା କଳ୍ପନାଙ୍କୁ ଆଜୀବନ କାରା ଦଣ୍ଡାଦେଶ ମିଳିଲା । ଅବଶ୍ୟ ରାଷ୍ଟ୍ରପିତା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ଉଦ୍ୟମ ଫଳରେ ତାଙ୍କୁ ଜେଲରୁ ମୁକ୍ତି ମିଳିଥିଲା ।

କ୍ୟାପଟେନ୍ ଲକ୍ଷ୍ମୀ ସେହଗାଲ : ୧୯୧୪ ଅକ୍ଟୋବର ୧୪ରେ ମାଡ୍ରାସ କ୍ୟାପଟେଡ଼ ଲକ୍ଷ୍ମୀ ସେହଗାଲ ଭୂମିଷ୍ଠ ହୋଇଥିଲେ । ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିଷ୍ଠିତ ଆଜାଦ ହିନ୍ଦ ଫୌଜରେ ଅଧିକାରୀ ଥିଲେ । ନେତାଜୀଙ୍କ ଆଜାଦ ହିନ୍ଦ ସରକାରରେ ଲକ୍ଷ୍ମୀ ମହିଳା ମାମଲାର ମନ୍ତ୍ରୀ ଥିଲେ । ୧୯୪୨ ଦ୍ୱିତୀୟ ମହାସମର ସମୟରେ ବ୍ରିଟିଶ ସରକାର ଠାରୁ ଜାପାନ ସିଙ୍ଗାପୁର ଅଧିକାର କରିନେଲା । ବ୍ରିଟିଶ ସେନାରେ ଯୋଗ ଦେଇଥିବା ଭାରତୀୟ ଯବାନଙ୍କ ମନରେ ଭାରତ ପ୍ରତି ମମତା ଜାଗିଲା । ଭାରତକୁ ସ୍ୱାଧୀନତା ପ୍ରଦାନ କରାଇବା ପାଇଁ ସେମାନେ ସଂକଳ୍ପବଦ୍ଧ ହେଲେ । ୧୯୪୩ ଜୁଲାଇ ୨ରେ ସୁଭାଷ ଚନ୍ଦ୍ର ବୋଷ ସିଙ୍ଗାପୁରରେ ପହଞ୍ଚିଲେ । ସୁଭାଷଙ୍କ ଚିନ୍ତାଧାରା ଲକ୍ଷ୍ମୀ ପ୍ରଭାବିତ ହେଲେ । ଲକ୍ଷ୍ମୀଙ୍କ ଭିତରେ ଦେଶପ୍ରେମ ଦେଖି ସୁଭାଷ ତାଙ୍କ ନେତୃତ୍ୱରେ ରାଣୀ ଲକ୍ଷ୍ମୀବାଈ ରେଜିମେଣ୍ଟ ଗଠନ କଲେ । ଭାରତ ମାତା ପାଇଁ ଜୀବନ ଦେବାକୁ ପ୍ରସ୍ତୁତ ବୀର ମହିଳାମାନଙ୍କୁ ନେଇ ରେଜିମେଣ୍ଟ ଗଠିତ ହେଲା । ୧୯୪୩ ଅକ୍ଟୋବର ୨୨ରେ ରାଣୀ ଲକ୍ଷ୍ମୀବାଈ ରୋଜିମେଣ୍ଟର କ୍ୟାପଟେନ୍ ଦାୟିତ୍ୱ ସମ୍ଭାଳିଲେ ଲକ୍ଷ୍ମୀ ସେହଗାଲ । ପ୍ରାୟ ୫୦୦ ମହିଳାଙ୍କୁ ଲକ୍ଷ୍ମୀ ସେହଗାଲ ସେନାରେ ସାମିଲ କରାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ପରାସ୍ତ ହେବା ପରେ ପରେ ବ୍ରିଟିଶ ସେନା ଆଜାଦ ହିନ୍ଦ ଫୌଜ ଯବାନମାନଙ୍କୁ ଗିରଫ କରିନେଲା । ସେହି ଉପକ୍ରମରେ ୧୯୪୬ ମାର୍ଚ୍ଚ ୪ରେ ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ଫଉଜ ଗରିଫ କରି ଭାରତ ଆଣିଲା । ସେତିକିବେଳେ ଭାରତ ସ୍ୱାଧୀନତା ଆନ୍ଦୋଳନ ଚରମ ସୀମାରେ ଥିଲା । ଅଗତ୍ୟା ଲକ୍ଷ୍ମୀ ସେହଗାଲଙ୍କୁ ବ୍ରିଟିଶ ସରକାର ମୁକ୍ତ କରିଦେଲେ ।

ବୀଣା ଦାସ : ୧୯୧୧ ଅଗଷ୍ଟ ୧୧ରେ ରଷିକେଷରେ ଜନ୍ମିତ ବୀଣା ଦାସ ଆରମ୍ଭରୁ ସମାଜ ସେବାରେ ବ୍ରତୀ ଥିଲେ । ସେ ‘ପୂର୍ଣ୍ଣାଶ୍ରମ’ ପ୍ରତିଷ୍ଠା କରିଥିଲେ । ଅସହାୟ ମହିଳାଙ୍କ ତାଙ୍କ ସଂସ୍ଥା ଆଶ୍ରୟ ପ୍ରଦାନ କରୁଥିଲା । କଲିକତାର ବେଥୁନ କଲେଜରେ ପଢ଼ିବା ସମୟରୁ ତାଙ୍କ ବୈପ୍ଳବାତ୍ମକ ଚିନ୍ତାଧାରା ପ୍ରକାଶ ପାଇଥିଲା । ୧୯୨୮ ରେ ସାଇମନ କମିଶନ ବିରୋଧରେ ବୀଣା କିଛି ଛାତ୍ରଛାତ୍ରୀଙ୍କ ସହଯୋଗରେ କଲେଜ ଫାଟକ ନିକଟରେ ଧାରଣା ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ୯ବର୍ଷ କାରାବାସ କରିବାକୁ ପଡ଼ିଲା । ପୁଲିସ ତାଙ୍କୁ ବହୁ ନିର୍ଯାତିତ ଦେଲେ ମଧ୍ୟ ତାଙ୍କ ମୁହଁରୁ ଗୋଟିଏ ବି ସହଯୋଗୀଙ୍କ ନାମ ଶୁଣିବାକୁ ପାଇଲେ ନାହିଁ ।

କନକଲତା ବରୁଆ : ୧୯୨୪-୪୨ ସବୁଠୁ କମ୍ ବୟସର ବୀରଙ୍ଗନା ଭାବେ ପରିଚିତ କନକଲତା ବରୁଆଙ୍କ ସାହସିକତାର କାହାଣୀ ଶୁଣିଲେ, ଅନେକଙ୍କ ଲୋମ ଟାଙ୍କୁରି ଉଠେ । ୧୯୩୧ ରୈୟତ ଅଧିବେଶନରେ ଭାଗ ନେଇଥିବା ଲୋକମାନଙ୍କୁ ରାଷ୍ଟ୍ରଦୋହ ଅପରାଧରେ ପୁଲିସ ଗିରଫ କଲା । ପରବର୍ତ୍ତୀ ମାତ୍ର ଅଠର ବର୍ଷ ବୟସରେ ସେ ଲଢ଼େଇ କରୁଥିବା ଅବସ୍ଥାରେ ହିଁ ପ୍ରାଣବଳୀ ଦେଇଥିଲେ।

ନେଲୀ ସେନ୍‌ଗୁପ୍ତା (୧୮୮୬-୧୯୭୩) : ୧୮୮୬ ଜାନୁୟାରୀ ୧୨ରେ କଲିକତାରେ ଜନ୍ମିତ ନେଲୀ ସେନଗୁପ୍ତା ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ସାମିଲ ନେଇଥିବା ଯତିନ୍ଦ୍ର ମୋହନ ସେନଗୁପ୍ତାଙ୍କ ସ୍ତ୍ରୀ । ସମସ୍ତ ସୁଖ ତ୍ୟାଗ କରି ନେଲୀ ସ୍ୱାମୀଙ୍କ ସହ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଲେ । ଆସାମ-ବଙ୍ଗଳା ରେଳ ରୋକ ମାମଲାରେ ଯତିନ୍ଦ୍ରଙ୍କୁ ପୁଲିସ ଗିରଫ କରି ଜେଲରେ ଠୁଙ୍କି ଦେଲା । ୧୯୩୩ରେ ନେଲୀ କଲିକତା କଂଗ୍ରେସ ଅଧିବେଶନର ଅଧ୍ୟକ୍ଷତା କଲେ । ପରେ ସେ ଗିରଫ ହୋଇଥିଲେ।

କମଳାଦେବୀ ଚଟ୍ଟୋପାଧ୍ୟାୟ (୧୯୦୩-୧୯୮୮) : ସ୍ୱାଧୀନତା ସଂଗ୍ରାମୀ କମଳାଦେବୀ ଚଟ୍ଟୋପାଧ୍ୟାୟ ଏକାଧାରରେ ସମାଜ ସୁଧାରକ ଓ ଭାରତୀୟ ହସ୍ତକଳା କ୍ଷେତ୍ରରେ ନବଜାଗରଣ ଆଣିଥିଲେ । ୧୯୦୩ ଅପ୍ରେଲ ୩ରେ କର୍ଣ୍ଣାଟକର ଗୋଟିଏ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମିତ କମଳାଦେବୀ ବାଳିକାବଧୂ ହେଲେ ବି ମହିଳାଙ୍କ ଅଧିକାର ପାଇଁ ଲଢ଼େଇ ରଖିଥିଲେ । ସେ ମହାତ୍ମା ଗାନ୍ଧି, ଜବାହାରଲାଲ ନେହେରୁ, ମୌଲାନା ଆବୁଲ କାଲାମ ଆଜାଦ, ସରୋଜିନୀ ନାଇଡୁ ଓ କସ୍ତୁରବା ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ । ତାଙ୍କୁ ଅନେକବାର ଜେଲ କଟାଇବାକୁ ପଡ଼ିଥିଲା ।

ଇନ୍ଦିରା ଗାନ୍ଧୀ (୧୯୧୭-୧୯୮୪) : ବିଶ୍ୱ ସ୍ତରରେ ଆଇରନ୍ ଲେଡ଼ିଭାବେ ପରିଚିତା ଏକମାତ୍ର ଭାରତୀୟ ମହିଳା ଇନ୍ଦିରା ଗାନ୍ଧୀ ୧୯୧୭ ନଭେମ୍ବର ୧୯ରେ ନେହେରୁ ପରିବାରରେ ଜନ୍ମ ଲାଭ କରିଥିଲେ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଏକମାତ୍ର କନ୍ୟା ଇନ୍ଦିରାଙ୍କ ବହୁମୁଖୀ ପ୍ରତିଭା ବିଶ୍ୱ ରାଜନୀତିକୁ ପ୍ରଭାବିତ କରିଥିଲା । ସେତେବେଳେ ଆନନ୍ଦ ଭବନକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଆଖଡ଼ା ଶାଳା କୁହାଯାଉଥିଲା । ଭାରତୀୟ ମୁକ୍ତି ସଂଗ୍ରାମ ଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆନନ୍ଦ ଭବନରେ ନିଆଯାଉଥିଲା । ଫଳରେ ବାଳିକା ଇନ୍ଦିରାଙ୍କ ଉପରେ ତାହାର ଗଭୀର ପ୍ରଭାବ ପଡ଼ିଲା । ଦେଶବ୍ୟାପୀ ବିଦେଶୀ ବସ୍ତ୍ର ବର୍ଜନ ଆନ୍ଦୋଳନ ଚାଲିଥିଲାବେଳେ ବାଳିକା ଇନ୍ଦିରା ସ୍ୱୟଂ ବିଦେଶୀ ବସ୍ତ୍ରରେ ନିଆଁ ଲଗାଇ ଖଦୀ ବସ୍ତ୍ର ଧାରଣ କଲେ । ମାତ୍ର ୧୩ ବର୍ଷ ବୟସରେ ସେ ବାନର ସେନା ଗଠନ କରି ଆନ୍ଦୋଳନକାରୀଙ୍କୁ ସାହାଯ୍ୟ କରିଥିଲେ । ଆନ୍ଦୋଳନକାରୀଙ୍କ ନିକଟରେ ଗୁପ୍ତ ସୂଚନା ପହଞ୍ଚାଇ ସେ ଗୁରୁ ଦାୟିତ୍ୱ ତୁଲାଉଥିଲେ । ଜିନ୍ନାଙ୍କ ନେତୃତ୍ୱରେ ମୁସଲିମ୍ ଲିଗ୍‌ର ପାକିସ୍ତାନ ଦାବି ଭାରତୀୟ ରାଜନୀତିକୁ ଅଶାନ୍ତ କରୁଥିଲା । ଚାରିଆଡ଼େ ସାମ୍ପ୍ରଦାୟିକ ଦଙ୍ଗା ତେଜି ଉଠୁଥିଲା । ଦିଲ୍ଲୀର କେତେକ ଇଲାକାରେ ଦଙ୍ଗା ନିଆଁ ଜଳୁଥିଲା । ସେତିକିବେଳେ ମହାତ୍ମା ଗାନ୍ଧି ଇନ୍ଦିରାଜୀଙ୍କୁ ଦଙ୍ଗାଗ୍ରସ୍ତ ଅଞ୍ଚଳକୁ ପଠାଇଲେ । ନିର୍ଭୀକ ଇନ୍ଦିରା ଦଙ୍ଗାପ୍ରବଣ ଇଲାକାରେ ପହଞ୍ଚି ଲୋକମାନଙ୍କୁ ବୁଝାଇ ଶାନ୍ତ କରାଇଥିଲେ । ବିଭାଜନ ସମୟରେ ଆନନ୍ଦ ଭବନରେ ବନ୍ଦୋବସ୍ତ ହୋଇଥିବା ଶରଣାର୍ଥୀ ଶିବିରର ଦେଖାରଖା ଦାୟିତ୍ୱ ଇନ୍ଦିରାଙ୍କ ଉପରେ ଥିଲା । ୧୯୬୬ରୁ ୧୯୭୭ ଭିତରେ ଇନ୍ଦିରା ତିନିଥର ପ୍ରଧାନମନ୍ତ୍ରୀ ହୋଇଥିଲେ । ପରେ ୧୯୮୦-୮୪ ପର୍ଯ୍ୟନ୍ତ ଚତୁର୍ଥ ଥର ପାଇଁ ପ୍ରଧାନମନ୍ତ୍ରୀ କାର୍ଯ୍ୟ ଭାର ସମ୍ଭାଳିଥିଲେ । ତାଙ୍କ ଶାସନ କାଳରେ ଦେଶର ଆର୍ଥିକ ଅବ୍ୟବସ୍ଥା, ଆଭ୍ୟନ୍ତରୀଣ କନ୍ଦଳ, କଂଗ୍ରେସ ବିଭାଜନ, ଆର୍ଥିକ ସୁଧାର କାର୍ଯ୍ୟକ୍ରମ, ପାକିସ୍ତାନ ସହ ଯୁଦ୍ଧ ପରି ବହୁ ସମସ୍ୟା ମୁଣ୍ଡ ଟେକିଥିଲା । ସବୁ ସମସ୍ୟାକୁ ସାହସର ସହ ମୁକାବିଲା କରି ସେ ଲୌହମାନବୀ ମାନ୍ୟତା ପାଇଥିଲେ ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,

ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩


## ଗାନ୍ଧିଜୀଙ୍କ ଓଡ଼ିଶା ସ୍ମୃତି : ବେରବୋଇରେ ସାତ ଦିନ


॥ ଡ଼ଃ.ଅରୁନ୍ଧତୀ ଦେବୀ ॥


ମହାତ୍ମା ଗାନ୍ଧୀଙ୍କ ଡାକରାରେ ଦେଶର ଅଗଣିତ ଜନତା ଯେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ତାହାର ବହୁ ବର୍ଷ ପୂର୍ବରୁ ଓଡ଼ିଶାରେ ଆରମ୍ଭ ହୋଇଥିଲା ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ। ଏହି ମୁକ୍ତି ଆନ୍ଦୋଳନରେ ଓଡ଼ିଶାରେ ଅବଦାନ ଥିଲା ଅତି ଗୁରୁତ୍ୱପୂର୍ଣ୍ଣ। ୧୮୧୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଭାବେ ମୁଣ୍ଡ ଟେକିଥିଲା ଓଡ଼ିଶାର ପାଇକ ବିଦ୍ରୋହ। ଚଳିତ ବର୍ଷ ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ଇତିମଧ୍ୟରେ ଓଡ଼ିଶାରେ ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଆଗମନର ଶହେବର୍ଷ ପୂର୍ତ୍ତି ପାଳିତ ହୋଇସାରିଛି। ଓଡ଼ିଶାକୁ ଗାନ୍ଧିଜୀ ଅନେକ ଭଲ ପାଉଥିଲେ। ଏଠାରେ ତାଙ୍କର ସ୍ମୃତି ଚିରଦିନ ପାଇଁ ସ୍ମରଣୀୟ ହୋଇରହିବ। ଦେଶବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପରଖିବା ସହ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଜାତୀୟତା ପ୍ରତି ସୁପ୍ତ ଚେତନାକୁ ଜାଗ୍ରତ କରିବାର ଆଭିମୁଖ୍ୟ ନେଇ ଦେଶର ବିଭିନ୍ନ ଭାଗ ଗସ୍ତ କରିଥିଲେ ମହାତ୍ମା ଗାନ୍ଧୀ। ଓଡ଼ିଶାକୁ ଆସିଥିଲେ ଆଠଥର, ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ପୁରୀ ଜିଲ୍ଲାର ଡେଲାଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ। ୧୯୩୮ ମାର୍ଚ୍ଚ ୨୫ରୁ ୩୧ ସେହି ସାତ ଦିନ ରାଜ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। କର୍ଣ୍ଣାଟକର ହୁଦଲି ଠାରେ ଆୟୋଜିତ ଗାନ୍ଧୀ ସେବା ସଂଘର ତୃତୀୟ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଓଡ଼ିଶାର ପ୍ରତିନିଧି ଗୋପବନ୍ଧୁ ଚୌଧୁରୀ, କୃପାସିନ୍ଧୁ ହୋତା, ଆଚାର୍ଯ୍ୟ ହରିହର, ରମା ଦେବୀଙ୍କ ପ୍ରସ୍ତାବକ୍ରମେ ସ୍ଥିରୀକୃତ ହେଲା ଯେ ଏହାର ଚତୁର୍ଥ ବାର୍ଷିକ ସମ୍ମିଳନୀ ଓଡ଼ିଶାରେ ହିଁ ହେବ। ଶେଷରେ ରାଜ୍ୟର ପ୍ରତିନିଧିମାନେ ବେରବୋଇ ଠାରେ ଚତୁର୍ଥ ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ନେଲେ। ୧୯୩୮ ମାର୍ଚ୍ଚ ୨୫ରୁ ୩୧ ଯାଏ ବେରବୋଇ ଠାରେ ଏହି ଐତିହାସିକ ଆୟୋଜନ ହୋଇଥିଲା। ଏହି ସମ୍ମିଳନୀକୁ ଗାନ୍ଧୀ ସଭା କୁହାଯାଉଥିଲା। ଗାନ୍ଧୀ ଆଠଥର ଓଡ଼ିଶାକୁ ଆସିଥିଲେ ଏବଂ ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ ବେରବୋଇ ଗ୍ରାମରେ। ଏହି ସମୟରେ ସ୍ଥାନୀୟ ଲୋକମାନଙ୍କ ପ୍ରୟାସରେ ଆୟୋଜନ କରାଯାଇଥିଲା ହସ୍ତଶିଳ୍ପ ଓ ତନ୍ତ ମେଳା। ବେରବୋଇ ସମ୍ମିଳନୀର ଆୟୋଜନ ପାଇଁ ବର୍ଷ ତମାମ ପ୍ରସ୍ତୁତି ଚାଲିଥିଲା। କୃପାସିନ୍ଧୁ ହୋତା, ବିନୋଦ କାନୁନ୍‌ଗୋ, ରମାଦେବୀ, ମନମୋହନ ଚୌଧୁରୀ ପ୍ରମୁଖ ପ୍ରସ୍ତୁତିରେ ଲାଗି ପଡ଼ିଥିଲେ। ଏହି ଅଧିବେଶନରେ ଯୋଗ ଦେବାକୁ ଥିବା ପ୍ରତିନିଧିମାନଙ୍କ ପାଇଁ ସେଠାରେ ରହଣି ଓ ଖାଦ୍ୟପେୟର ବ୍ୟବସ୍ଥା କରାଗଲା। ଏହି ଅଧିବେଶନରେ ୧୦ ମାଇଲ ପରିଧି ଭିତରେ ଚାଷ କରାଯାଇଥିବା ପନିପରିବା ଖାଦ୍ୟ ସାମଗ୍ରୀ ବ୍ୟବହୃତ ହେବ ବୋଲି ନିଷ୍ପତ୍ତି ନିଆଗଲା। ସେଥିପାଇଁ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ ପନିପରିବା ଚାଷ ଓ ଗୋପାଳନ କରିବାକୁ କୁହାଗଲା। ସେତେବେଳେ ଡେଲାଙ୍ଗ ଷ୍ଟେସନରେ ଏକ୍ସପ୍ରେସ୍ ରହଣିର ସୁବିଧା ନଥିଲା। ମାତ୍ର ଇଂରେଜ ଶାସନାଧୀନ ବେଙ୍ଗଲ-ନାଗପୁର ରେଲଓ୍ୱେ (ବିଏନ୍‌ଆର) ଗାନ୍ଧିଜୀଙ୍କ ସମ୍ମାନାର୍ଥେ ଏହାର ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ। ୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖରେ ସକାଳ ସାତଟାରେ ହାଓ୍ୱଡ଼ା-ପୁରୀ ଟ୍ରେନ୍‌ରେ ଗାନ୍ଧିଜୀ ଆସି ପହଞ୍ଚିଥିଲେ। ରେଳବାଇ କର୍ତ୍ତୃପକ୍ଷ ବେରବୋଇ ଗାଁ ମଝିରେ ଏକ ଅସ୍ଥାୟୀ ରେଳଷ୍ଟେସନ କରିବା ସହ ସେଠାରେ କାଠ ଓ ବାଉଁଶରେ ପାହାଚ ତିଆରି କରିଥିଲେ। ତାଙ୍କ ସାଥିରେ ଥିଲେ ତାଙ୍କ ସହଧର୍ମିଣୀ କସ୍ତୁରବା, ପୁତ୍ର ମଣିଲାଲ, ପୁତ୍ରବଧୁ ସୁଶୀଳା, ନାତି ଅରୁଣ। କଂଗ୍ରେସର ବହୁ ଶୀର୍ଷସ୍ତରୀୟ ନେତା - ଗାନ୍ଧୀ ସେବା ସଂଘର ସଭାପତି କିଶୋରଲାଲ ମସରୁଓ୍ୱାଲା, ଡ.ପ୍ରଫୁଲ୍ଲ ଚନ୍ଦ୍ର ଘୋଷ, ଡ. ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଆଚାର୍ଯ୍ୟ କୃପାଳିନୀ, ଗଙ୍ଗାଧର ରାଓ ଦେଶପାଣ୍ଡେ, ମୌଲାନା ଅବୁଲ କଲାମ ଆଜାଦ, ଗୋବିନ୍ଦ ବଲ୍ଲଭ ଭାଇ, କ୍ଷୀତିଶ ରାୟ ଚୌଧୁରୀ, ହୃଦୟନାଥ କୁଞ୍ଜୁର, ଯମୁନାଲାଲ ବଜାଜ୍, ରାମ ରତନ ଶର୍ମା, ଆନ୍ନା ସାହେବ, ସହସ୍ର ବୁଦ୍ଧେ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସମସ୍ତ ନିକଟସ୍ଥ ବ୍ରହ୍ମେଶ୍ୱର ପୋଖରୀରେ ସ୍ନାନ କରିବା ପରେ ଉଦ୍‌ଘାଟନୀ ସଭାରେ ଯୋଗ ଦେଇଥିଲେ। ଗାନ୍ଧୀ ଓ ଅନ୍ୟ ପ୍ରତିନିଧି ମାନଙ୍କ ସାତ ଦିନ (ମାର୍ଚ୍ଚ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ) ଧରି ରହଣି ପାଇଁ ବ୍ରହ୍ମେଶ୍ୱର ପୋଖରୀ ହୁଡ଼ାରେ ନିର୍ମିତ ଅସ୍ଥାୟୀ ନଡ଼ା ଛପର ଚାଳ ଘରର ବ୍ୟବସ୍ଥା କରାଯାଇଥିଲା। ବେରବୋଇ ସମ୍ମିଳନୀରେ ଶହ ଶହ ପୁରୁଷ ଓ ମହିଳା ଗାନ୍ଧିଜୀଙ୍କ ସାନିଧ ପାଇ ନିଜକୁ ଧନ୍ୟ ମଣିଥିଲେ। ଗାନ୍ଧୀ ସେବା ସଂଘର ଚତୁର୍ଥ ବାର୍ଷିକ ସମ୍ମିଳନୀକୁ ଗାନ୍ଧୀ ଉଦ୍‌ଘାଟନ କରିଥିଲେ ଏବଂ ପତାକା ଉତ୍ତୋଳନ କରିଥିଲେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ। ପ୍ରାୟ ୭୦ ହଜାର ଲୋକ ସଭାରେ ଉପସ୍ଥିତ ଥିଲେ ଏବଂ ସମସ୍ତେ ଏଥିପାଇଁ ଦୁଇ ପଇସା ଲେଖାଏଁ ଦେଇ ଟିକେଟ କିଣିଥିଲେ। ଏହି ଅବସରରେ ଭାଷଣ ଦେଇ ଗାନ୍ଧୀ କହିଥିଲେ ଯେ ଓଡ଼ିଶାର ଦୁଇଟି ଶତ୍ରୁ ହେଲା ନିଶା ଓ ଆଳସ୍ୟପରାୟଣତା। ଏହା ତ୍ୟାଗ କଲେ ଓଡ଼ିଶା ଅଚିରେ ଏକ ଉନ୍ନତ ରାଜ୍ୟ ହୋଇପାରିବ।

ଆଜି ପବିତ୍ର ୭୮ତମ ସ୍ୱାଧୀନତା ଦିବସ ଅବସରରେ ମନେପଡ଼ୁଛି ୧୯୨୮ ମସିହାରେ କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିବା ପ୍ରଖ୍ୟାତ ସଂଗ୍ରାମୀ ବାଞ୍ଛାନିଧି ମହାନ୍ତି ଗାଇଥିଲେ - ‘କହ କହ କେଉଁ ଜାତି ପାଇଛି ମୁକତି, କରି ହୁରି ହାରି ଗୁହାରି, କହ ପାଇଛି କିଏ ସୁଖ ଲିଭାଇଛି ଦୁଃଖ, ମାଗି ମାଗି ପଥ ଭିକାରୀ’। ଏହାସହ ସ୍ୱାଧୀନ ଭାରତକୁ ନେଇ ତାଙ୍କର ହୃଦୟସ୍ପର୍ଶୀ ଗୀତଟି ଥିଲା - ‘ଗାଅ ସ୍ୱାଧୀନ ଭାରତ, ସ୍ୱାଧୀନ ଭାରତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ, ଗାଏ ସାଗର ଭୂଧର ଅମ୍ବର ଚୁମ୍ବିତ, ଭାଇ ହିମାଚଳ ଗିରିବର କମ୍ପିତ, ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ’।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


## ଦେଶ ପ୍ରେମରେ ଓଡ଼ିଆ ସିନେମା


॥ ସତ୍ୟ ମହାପାତ୍ର ॥


ଆଜି ଭାରତ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛି। ଏହି କ୍ରମରେ ଆମ ସାଧାରଣ ଜୀବନରେ ପ୍ରାୟତଃ ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିବା ସିନେମାରେ ମଧ୍ୟ ଦେଶ ପ୍ରେମ ଓ ଦେଶାତ୍ମବୋଧକ ଗୀତର ମାଧୁର୍ଯ୍ୟ ପ୍ରେରଣା ଯୋଗାଇଛି। ଅନେକ ଗୀତରେ ମାତୃଭୂମିର ଜୟଗାନ ସହ ଅନ୍ୟାୟ, ଦୁର୍ନୀତି, ଅନୀତି ଓ ଶୋଷଣ ବିରୁଦ୍ଧରେ ବିପ୍ଳବର ସ୍ୱର ବି ଶୁଭିଛି। ସାମାଜିକ ଜୀବନ ସହ ଜନ ଜାଗରଣର ବାର୍ତ୍ତା ଦେଇଥିବା କିଛି କାଳଜୟୀ ଓଡ଼ିଆ ସିନେମା ସଂଗୀତ ସମ୍ପର୍କରେ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଆଲୋଚନାଟି ରଖୁଛୁ।

ଓଡ଼ିଆ ସିନେମାରେ ଦେଶାତ୍ମବୋଧ ବା ଦେଶପ୍ରେମର ଭାବନା ଖୋଜିଲାବେଳକୁ ସର୍ବପ୍ରଥମେ ୧୯୬୮ ମସିହାରେ ରିଲିଜ ହୋଇଥିବା ସେ ସମୟର ଲୋକପ୍ରିୟ ସିନେମା ‘ସ୍ତ୍ରୀ’ ଆସୁଛି। ଏହି ଚଳଚ୍ଚିତ୍ରର ଗଙ୍ଗା ଯେ ଦେଶେ ବହେ, ଯମୁନା ଯେ ଦେଶେ ବହେ..... ଏହି କାଳଜୟୀ ହୃଦୟସ୍ପର୍ଶୀ ଓ ଚେତନାଦାୟୀ ସଂଗୀତକୁ ଲେଖିଥିଲେ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ଅକ୍ଷୟ ମହାନ୍ତି। ତେବେ ନିର୍ମଳା ମିଶ୍ରଙ୍କ ସମେତ ଅନ୍ୟ ପାର୍ଶ୍ୱ କଣ୍ଠଶିଳ୍ପୀଙ୍କ ଏହି ସଂଗୀତରେ ସୁବିଖ୍ୟାତ ଅଭିନେତ୍ରୀ ପାର୍ବତୀ ଘୋଷ ଅଭିନୟ କରିଛନ୍ତି। ତେବେ ପରବର୍ତ୍ତୀ ସମୟରେ ଅନେକ ସଂଗୀତ ଗୁଡ଼ିକ ଦେଶାତ୍ମବୋଧକୁ ନେଇ ତିଆରି ହୋଇଛି। ମନେପକାନ୍ତୁ ସେ ସମୟର ପ୍ରିୟ ଚଳଚ୍ଚିତ୍ର ‘ସ୍କୁଲ ମାଷ୍ଟର’। କାଳଜୟୀ ସଂଗୀତଜ୍ଞ ପ୍ରଫୁଲ୍ଲ କରଙ୍କ ସଂଗୀତ ନିର୍ଦ୍ଦେଶନାରେ ମନଛୁଆଁ ଗୀତଟି ଥିଲା ‘ଦେ ରେ ସାଥୀ ଦେ’ ଯାହାକୁ ଗାଇଥିଲେ ସିପ୍ରା ବୋଷ। ସେହିପରି ସେ ସମୟର ବ୍ୟସ୍ତତମ ଲୋକପ୍ରିୟ ଓଡ଼ିଆ ସିନେ ତାରକା ଶ୍ରୀରାମ ପଣ୍ଡାଙ୍କ ‘ଧରିତ୍ରୀ’ ସିନେମାରେ ଏକ ହୃଦୟ ଝଙ୍କୃତ କଲାପରି ଗୀତଟି ରହିଥିଲା ତାହା ଥିଲା ‘ସ୍ୱର୍ଗାଦପି ଗରୀୟସୀ, ଜନନୀ ମା’ ଧରିତ୍ରୀ...’। ପରବର୍ତ୍ତୀ ସମୟରେ ଦେଶାତ୍ମ ଭାବନା ଭିତରେ ଶ୍ରୋତା ଓ ଦର୍ଶକଙ୍କୁ ବାନ୍ଧି ରଖିବା ପରି ସିନେମା ଆସିଥିଲା ‘ଭାଇ-ଭାଉଜ’। ଏହି ସିନେମାର ‘ଜନ୍ମ ମାଟି ପଲ୍ଲୀ ଡାକେ....’ ଗୀତଟି ହୃଦୟକୁ ଛୁଇଁଲା ପରି। ତେବେ ଠିକ ଏହା ପଛକୁ ଆସିଥିଲା ଓଡ଼ିଆ ସିନେମା ‘ଅଦିନ ମେଘ’। ଏହାର ‘ଏଇ ଆମରି ଗାଁ...’ ଗୀତଟି ତିଆରି କରିଥିଲେ ସଂଗୀତ ସୁଧାକର ବାଳକୃଷ୍ଣ ଦାଶ।

ତେବେ ଓଡ଼ିଆ ସିନେମାର ସବୁଠାରୁ ଆଲୋଡ଼ନକାରୀ ହୃଦୟସ୍ପର୍ଶୀ ଦେଶପ୍ରେମ ଭିତ୍ତିକ ଗୀତଟି ଥିଲା ‘ବହି ଯାଏରେ ଗଙ୍ଗା ଉଡ଼େ ତ୍ରିରଙ୍ଗା...’। ୧୯୭୯ ମସିହାର ସୁପରହିଟ୍ ‘ବଳୀଦାନ’ ସିନେମାରେ ଏହାକୁ ନିଜେ ଲେଖିବା ସହ କଣ୍ଠ ଦେଇଥିଲେ ପ୍ରଫୁଲ୍ଲକର। ମହମ୍ମଦ ମହସିନଙ୍କ ଉପରେ ଚିତ୍ରିତ ହୋଇଥିବା ଏହି ସିନେମାଟି ଏଯାବତ୍ ହିଟ ପର୍ଯ୍ୟାୟରେ ରହିଛି। ପରବର୍ତ୍ତୀ ସମୟରେ ଓଡ଼ିଆ ସିନେମା ‘କଳିଙ୍ଗପୁତ୍ର’ର ଦେଶପ୍ରେମ ଭିତ୍ତିକ ଗୀତଟି ଥିଲା ‘ଯଉ ଦେଶେ ସତ୍ୟ ପାଇଁ ଗାନ୍ଧୀ ଗୁଳି ଖାଏ.....’। ତେବେ ଅଶି ଶତକର ସବୁଠାରୁ ଓଡ଼ିଆ ସିନେମାରେ ବକ୍ସ ହିଟ ସାବ୍ୟସ୍ତ ହୋଇଥିବା ସିନେମାଟି ଥିଲା ‘ଲାଲପାନ ବିବି’ ଓ ‘ପକା କମ୍ବଳ ପୋତ ଛତା’। ପ୍ରଥମ ସିନେମାର ‘ଏ ଦୁନିଆ ମାଟି ହାଣ୍ଡି....’ ଓ ଦ୍ୱିତୀୟ ଅର୍ଥାତ ପକା କମ୍ବଳ ପୋତ ଛତା ସିନେମାର ‘ସତ କହି ପାଏ ପଛେ ଫାଶୀ ଓ ଲଙ୍ଗଳା ଫକୀରର ଆମେରେ ସନ୍ତାନ’ ଗୀତଟି ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଥିଲା। ୨୦୦୬ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର ‘ଆଇ ଲଭ ମାଇଁ ଇଣ୍ଡିଆ’। ବର୍ତ୍ତମାନ ସମୟର ହିଟ ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ସିନେମାରେ କଣ୍ଠଦାନ କରିଥିଲେ ବିଖ୍ୟାତ କଣ୍ଠଶିଳ୍ପୀ ଇରା ମହାନ୍ତି ଓ କୁମାର ବାପି। ସେହିପରି ୨୦୦୮ରେ ମକ୍ତିଲାଭ କରିଥିବା ‘ବନ୍ଦେ ଉତ୍କଳ ଜନନୀ’ ଓ ୨୦୧୮ରେ ରିଲିଜ ହୋଇଥିବା ‘ପ୍ରେମ କୁମାର’ ସିନେମାରେ ଦେଶାତ୍ମ ଭାବନାର ବାସ୍ନା ଭରି ରହିଥିଲା। ତେବେ ୨୦୧୯ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଚଳଚ୍ଚିତ୍ର ‘ବିଜୁବାବୁ’। ସେହିପରି ୨୦୨୧ର ସିନେମା ‘ଶହୀଦ ରଘୁ ସର୍କାର’ ମଧ୍ୟ ଦେଶ ଭାବନାର ବାର୍ତ୍ତା ଭିତ୍ତିକ ସଂଗୀତକୁ ପରିସ୍ଫୁଟିତ କରିଥିଲା। ସେହିଭଳି ଏହି ବର୍ଷ ବଜାରକୁ ଆସିଥିବା ଓଡ଼ିଆ ଚଳଚ୍ଚିତ୍ର ‘ଅପରେସନ-୧୨ /୧୭’ର ଗୀତଟି ମଧ୍ୟ ଦେଶାତ୍ମବୋଧକ ଭାବନାକୁ ନେଇ। ଏହାର ‘ଡାକୁଛି ତ୍ରିରଙ୍ଗା, ଡାକୁଛି ଗଙ୍ଗା’ ଦେଶପ୍ରେମ ଭାବନାକୁ ନେଇ ତିଆରି ହୋଇଛି। ସ୍ୱାଧୀନତା ସଂଗ୍ରାମର ଆଲୋଚନା କଲାବେଳକୁ ଦେଶପ୍ରେମ ଭାବନାର ଏହି ହୃଦୟସ୍ପର୍ଶୀ ସିନେ ସଂଗୀତ ବିଶେଷକରି ଆମ ଯୁବପିଢ଼ିଙ୍କୁ ଦେଶପ୍ରେତି ସେବା ଭାବନାର ଉତ୍ସର୍ଗୀକୃତ ପ୍ରେରଣା ଯୋଗାଇଥାଏ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ‘ସତ୍ୟାଳୟ’ ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨

## ଯାଜପୁରରେ ୧ରୁ ଖୋଲିବ ସମସ୍ତ ହୋଟେଲ

ଯାଜପୁର, (ମହାଭାରତ) : ଯାଜପୁର ଜିଲ୍ଲାରେ ଜୁଲାଇ ୧ରୁ ଖୋଲିବ ସମସ୍ତ ହୋଟେଲ, ରେଷ୍ଟରାଣ୍ଟ ଓ ଷ୍ଟ୍ରୀଟ ଫୁଡ଼ ଦୋକାନ । ଜିଲ୍ଲାରେ ଡାଇରିଆ ସଂକ୍ରମଣ ଦୃଷ୍ଟିରେ ରଖି ୨ ସପ୍ତାହ ହେବ ପୁରା ଜିଲ୍ଲାରେ ଏହାକୁ ବନ୍ଦ ରଖିଥିଲା ଜିଲା ପ୍ରଶାସନ। ଏବେ ସଂକ୍ରମଣରେ ସ୍ଥିତି ନିୟନ୍ତ୍ରଣ ହେବା ପରେ ବ୍ୟବସାୟୀଙ୍କ ବ୍ୟାପକ କ୍ଷତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ନିୟମାବଳୀ ମାନି ଦୋକାନ ଖୋଲିବାକୁ ଅନୁମତି ଦେଇଛନ୍ତି ଜିଲ୍ଲାପାଳ ।

## ମହିଳାଙ୍କୁ ପଥରରେ ଛେଚି ହତ୍ୟା



ଦେବଗଡ, (ମହାଭାରତ) : ବାରକୋଟ ଥାନା ଅନ୍ତର୍ଗତ ଶରଣକୋଟ ଗ୍ରାମରେ ନିଜ ଘରୁ ଜଣେ ବିବାହିତ ମହିଳାଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ମୁଣ୍ଡରେ ପଥର ଛେଚି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରେ ପୁଲିସ ସନ୍ଦେହ କରିଛି । ମୃତ ମହିଳା ଉକ୍ତ ଗ୍ରାମର ଲୋକନାଥ ନାଏକଙ୍କ ସ୍ତ୍ରୀ ଦୁଃଖୀ ନାଏକ (୫୦) କ୍ଷ ମିଳିଥିବା ସୂଚନା ଅନୁଯାଇ ଗତକାଲି ରାତିରେ ଖିଆପିଆ ସାରି ଦୁଃଖୀ ତାଙ୍କ ସ୍ୱାମୀ ଲୋକନାଥ ଓ ଝିଅ ପୂଜା ଶୋଇଥିବା ବେଳେ ବିଳମ୍ବିତ ରାତିରେ ମା ଦୁଃଖୀ ମରି ପଡ଼ିଥିବା ନେଇ ଝିଅ ପୂଜା ପାଲଲହଡା ଥାନା ଅନ୍ତର୍ଗତ ଚଷା ଗୁରୁଜାଙ୍ଗ ଗ୍ରାମ ସ୍ଥିତ ନିଜ ମାମୁଁ ପ୍ରଶାନ୍ତ ନାଏକଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ । ଆଜି ସକାଳୁ ମୃତ ଦୁଃଖୀଙ୍କ ଭାଇ ପ୍ରଶାନ୍ତ ବାରକୋଟ ଥାନାକୁ ଆସି ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ହତ୍ୟା ମାମଲା ରଜୁ କରି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ସେହିପରି ପୁଲିସ ମୃତ ମହିଳାଙ୍କ ସ୍ୱାମୀ ଓ ପରିବାର ଲୋକଙ୍କୁ ଅଟକ ରଖି ଅଧିକ ପଚରା ଉଚୁରା ଜାରି ରଖି ତଦନ୍ତ ଚଳାଇଥିବା ଜଣାପଡିଛି ।

## ବସ ଚଢ଼ିଯିବାରୁ ୩ ସ୍କୁଟି ଆରୋହୀ ମୃତ

ପିପିଲି, (ମହାଭାରତ): ପିପିଲି ନିକଟରେ ଏକ ସରକାରୀ ବସ ଚଢ଼ିଯିବାରୁ ୩ ଜଣ ଯୁବତୀଙ୍କ ମୃତ୍ୟୁ ଘଟିଛି । ଏହି ୩ ସାଙ୍ଗ ଏକ ସ୍କୁଟିରେ ଜଗା ଦର୍ଶନ ପାଇଁ ପୁରୀ ଯାଉଥିଲେ । ଅନ୍ୟ ଏକ ସ୍କୁଟି ସାଇଡ ମାରିବାରୁ ସ୍କୁଟିରେ ଥିବା ୩ ସାଙ୍ଗ ପଡିଯାଇଥିଲେ । ଏହି ସମୟରେ ପଛରୁ ଆସୁଥିବା ଏକ ସରକାରୀ ବସ ତାଙ୍କ ଉପରେ ଚଢି ଯାଇଥିଲା । ଫଳରେ ଘଟଣା ସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ତିନି ସାଙ୍ଗ ଭୁବନେଶ୍ୱରର ଏକ ସଂଗୀତ ମହାବିଦ୍ୟାଳୟର ଛାତ୍ରୀ ହୋଇଥିବା ଜଣାଯାଇଛି । ମୃତକ ୩ ଯୁବତୀଙ୍କ ମଧ୍ୟରୁ ୨ ଜଣ ସମ୍ପର୍କୀୟ ଭଉଣୀ ଥିବା ଜଣାଯାଇଛି ।

## ୨୦ ଫୁଟ୍ ତଳକୁ ଖସିଲା କାର, ୫ ଯାତ୍ରୀ ଆହତ

ବାଲୁଗାଁ, (ମହାଭାରତ) : ୨୦ ଫୁଟ୍ ତଳକୁ ଖସିଲା କାର୍ । ୫ ଯାତ୍ରୀ ଆହତ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବାଇପାସ୍ ୧୬ ନମ୍ବର ଜାତୀୟ ରାଜପଥ ଖଡ଼ିକାପଲି ଓଭରବ୍ରିଜ ନିକଟରେ ଦୁର୍ଘଟଣା ଘଟିଛି । ଗୁରୁତର ଯାତ୍ରୀଙ୍କ ମଧ୍ୟରେ ୩ଜଣ ମହିଳା ଅଛନ୍ତି । ଗାଡିଟି ପୁରୀରୁ ବ୍ରହ୍ମପୁର ଯାଉଥିଲା । ପ୍ରଥମେ ରାସ୍ତାକଡରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା । ପରେ ଭାରସାମ୍ୟ ହରାଇ ୨୦ ଫୁଟ ତଳକୁ ଖସିପଡିଥିଲା । ସମସ୍ତ ଯାତ୍ରୀ ଗୋଟିଏ ପରିବାରର ବୋଲି ଜଣାପଡିଛି ।

## କୋଟିଆରେ ୫ ମନ୍ତ୍ରୀଙ୍କ ରୁଦ୍ଧଦ୍ୱାର ବୈଠକ

ପଟ୍ଟାଙ୍ଗି, (ମହାଭାରତ): କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତରେ ପ୍ରଥମଥର ରାଜ୍ୟର ୫ ମନ୍ତ୍ରୀ ରଥଯାତ୍ରାରେ ଅଂଶଗ୍ରହଣ କରିଥିବାରୁ ସୀମାନ୍ତବାସୀଙ୍କୁ ଉତ୍ସାହିତ କରିଛି। କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥିତ ଅତିଥି ଭବନରେ ଏକ ରୁଦ୍ଧଦ୍ୱାର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, କ୍ଷୁଦ୍ର ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ସରପଞ୍ଚ ଲିଉ ଗେମେଲ, ଅନ୍ୟ କେତେଜଣ ନିର୍ବାଚିତ ଜନପ୍ରତିନିଧି, ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ଅବସରପ୍ରାପ୍ତ ଜିଲାପାଳ ଗଦାଧର ପରିଡ଼ାଙ୍କ ସହ ଦୀର୍ଘ ସମୟ ବୈଠକ କରିଥିଲେ। ଏହି ସମୟରେ ସରପଞ୍ଚ ଗେମେଲ ଗଠନ ହୋଇଥିବା କମିଟି ସରପଞ୍ଚ ଓ ନିର୍ବାଚିତ ଜନପ୍ରତିନିଧିଙ୍କୁ ନେଇ ଅନୁଧ୍ୟାନ କରିବା ଆବଶ୍ୟକ। ପଞ୍ଚାୟତରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟରେ ସରପଞ୍ଚ ଓ ଅନ୍ୟ ନିର୍ବାଚିତ ପ୍ରତିନିଧିଙ୍କ ଦୃଷ୍ଟିକୁ ଅଣାଯାଉ ନାହିଁ। ଉନ୍ନୟନମୂଳକ କାର୍ଯ୍ୟ ସରପଞ୍ଚ ଓ ୱାର୍ଡ ସଦସ୍ୟଙ୍କୁ ଅବଗତ କରାଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହାକୁ ନେଇ ରାଜସ୍ୱ ମନ୍ତ୍ରୀ ପୂଜାରୀ ଏହିପରି ହେବା ଠିକ୍ ? ନୁହେଁ। ବର୍ତ୍ତମାନ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ସରପଞ୍ଚ ଓ ଜନପ୍ରତିନିଧିଙ୍କ ଦୃଷ୍ଟିରେ ଥାଇ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କୁ ଏକ ଲିଖିତ ଦାବିପତ୍ର ଦିଆଯାଇ ପଞ୍ଚାୟତରେ ଥିବା ୨୨ଟି ସମସ୍ୟାର ଦୃଷ୍ଟି ଆକର୍ଷଣ କରାଯାଇଥିବା ସରପଞ୍ଚ ଗେମେଲ୍ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ବୈଠକରୁ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ପୂର୍ଣ୍ଣ ଦୂରେଇ ରଖାଯାଇଥିଲା। ବୈଠକ ପରେ ସମସ୍ତ ମନ୍ତ୍ରୀ ବାହାରକୁ ଆସି କୋଟିଆ ପ୍ରସଙ୍ଗ ବର୍ତ୍ତମାନ ସରକାରଙ୍କର ନୁହେଁ, ଏହା ପୂର୍ବ ସରକାରଙ୍କ ବୋଲି ଗଣମାଧ୍ୟମକୁ ଜଣାଇଥିଲେ। ଏହା ଓଡ଼ିଶାର ବିଷୟ କହି ପୂର୍ବ ସରକାରଙ୍କୁ ଦୋଷାରୋପ କରିଥିଲେ। ସୀମା ବିବାଦ ମାମଲାରେ ପୂର୍ବ ସରକାର ହାରିଯାଇଥିବା ରାଜସ୍ୱ ମନ୍ତ୍ରୀ ପୂଜାରୀ ଗଣମାଧ୍ୟମ ଆଗରେ ଉତ୍ତର ରଖିଥଲେ। ପ୍ରଶ୍ନର ଉତ୍ତର ଦେଇ ମୋ ଅଧ୍ୟକ୍ଷତାରେ ରାଜ୍ୟର ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ନେଇ ଗଠିତ ଏକ ଅନୁଧ୍ୟାନ କମିଟି କୋଟିଆ ପଞ୍ଚାୟତ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ଉକ୍ତ ଟିମ୍‌ର ରିପୋର୍ଟ ହସ୍ତଗତ ହେବା ପରେ କୋଟିଆ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହାପରେ ବାହାରେ ଅପେକ୍ଷାରତ ଅନ୍ୟ ସୀମାନ୍ତବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ପଞ୍ଚାୟତର ମାଥଲାମ୍ବା, ସୁଲିଆମାରି, କାତ୍ରାଗୁଡା, ତଳକାଣ୍ଟି ଓ ଗୁମେଲପଦର ଆଦି ଗ୍ରାମରେ ବିଦ୍ୟୁତ୍ ସେବା ପହଞ୍ଚିନାହିଁ। ଏଠାରେ ହୋଇଥିବା ସ୍ୱତନ୍ତ୍ର ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ବ୍ୟବସ୍ଥା ନାହିଁ, ଏମ୍‌ଜିଏନ୍‌ଆରଇଜିଏସ୍‌ର କୌଣସି କାମ ହେଉ ନ ଥିବା ଏବଂ ଓଡ଼ିଶା ପକ୍ଷରୁ ଯୋଗାଇ ଦିଆଯାଇଥିବା ଆବାସ ଗୃହର ଅର୍ଥ ଅତି କମ୍ ଥିବାରୁ ଏହାକୁ ବଢ଼ାଇବାକୁ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଏବଂ ରାଜସ୍ୱ ମନ୍ତ୍ରୀ ପୂଜାରୀଙ୍କୁ ଦାବି କରିଥିଲେ।

## କାଳିଆ ସାଆନ୍ତଙ୍କ ଲୀଳା କ୍ଷେତ୍ର କାଙ୍କଣଶିଖରୀରେ ନିଆରା ରଥଯାତ୍ରା



ଚିଲିକା, (ମହାଭାରତ): ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ଭାବର ଠାକୁର। ଭାବ ଥିଲେ ତାଙ୍କୁ ପାଇବା ହୋଇଯାଏ ସହଜ । ଏହି ଭାବକୁ ନେଇ ସାରା ବିଶ୍ୱରେ ପ୍ରସିଦ୍ଧ ରଥଯାତ୍ରା ପର୍ବକୁ ବହୁ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଛି । ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନର ସୁନ୍ଦର ନିଦର୍ଶନ ହେଉଛି ଏହି ଘୋଷଯାତ୍ରା । ତେବେ ଭକ୍ତଙ୍କ ଭାବନାରେ ବିହ୍ୱଳ ହୋଇ ମହାପ୍ରଭୁ ବଡ଼ ଦେଉଳରୁ ବାହାରି ଆସିଥାନ୍ତି ବଡ଼ ଦାଣ୍ଡକୁ । କେବଳ ନିଜ ଭକ୍ତଙ୍କ ପାଇଁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଚଳଚଞ୍ଚଳ ହୋଇ ଉଠିଛି ଶ୍ରୀକ୍ଷେତ୍ର ସହ ବିଶ୍ୱର ଅନେକ ସ୍ଥାନ । ତେବେ ଚିଲିକା ମଧ୍ୟରେ ଥିବା ଲୀଳା କ୍ଷେତ୍ର କାଙ୍କଣ ଶିଖରୀ ସ୍ଥିତ ନୀଳ ଜଳ ରାଶିରେ ହୋଇଛି ନିଆରା ରଥଯାତ୍ରା । ବାଜୁଛି ମୃଦଙ୍ଗ ସହ ଘଣ୍ଟ । କାହାଳୀ ଶବ୍ଦରେ ପ୍ରକମ୍ପିତ ହେଉଛି ଚିଲିକା ହରିବୋଲ ହୁଳହୁଳି ସହ ଜୟ ଜଗନ୍ନାଥ କହି ତିନି ଠାକୁରଙ୍କୁ ପହଣ୍ଡି ବିଜେରେ ନିଆଯାଉଛି ସୁସଜ୍ଜିତ ନୌକାରେ ତିଆରି ରଥକୁ । ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ନଈରୀସ୍ଥିତ ଚିଲିକା ନୀଳ ଜଳ ରାଶି ମଧ୍ୟରେ ଥିବା କାଙ୍କଣ ଶିଖରୀ କୁଦରେ ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କର ନୌକାରେ ପ୍ରସ୍ତୁତ ରଥରେ ତିନି ଠାକୁର ରଥାରୁଢ଼ ହୋଇ କାଙ୍କଣ ଶିଖରୀ କୁଦରେ ଚତୁପାର୍ଶ୍ୱ ପରିକ୍ରମା କରି ରଥଯାତ୍ରା ଅନୁଷ୍ଠିତ ହୁଏ । ସମଗ୍ର ବିଶ୍ୱରେ ସ୍ଥଳ ପଥରେ ରଥ ଯାତ୍ରା ହେଉଥିବା ବେଳେ କାଙ୍କଣ ଶିଖରୀରେ ଚିଲିକାର ନୀଳ ଜଳରାଶିରେ ରଥଯାତ୍ରା ଅନୁଷ୍ଠିତ ହେଉଅଛି । ୧୭୩୧ ରେ ମୁସଲିମ ଶାସକ ତକି ଖାଁ ଶ୍ରୀମନ୍ଦିରକୁ ଅକ୍ରମଣ କରିଥିଲା । ତେଣୁ ପ୍ରଭୁ ଜଗନ୍ନାଥଙ୍କୁ କାଙ୍କଣ ଶିଖରୀରେ ଗୁପ୍ତ ଭାବରେ ଲୁଚାଇ ରଖିଥିଲେ । ମହାପ୍ରଭୁଙ୍କୁ କାଙ୍କଣ କୁଦା ଏବଂ ଘଞ୍ଚ ଜଙ୍ଗଲ ପରିବେଶ ମଧ୍ୟରେ ପରିବେଷ୍ଟିତ ସ୍ଥାନରେ ଗୁପ୍ତ ଭାବରେ ରଖିଥିଲେ । ଏହି ସ୍ଥାନରେ କେବଳ କାଙ୍କଣ ଫଳ ଫଳୁଥିଲା ଯାହା ଫଳରେ ପ୍ରଭୁଙ୍କୁ କାଙ୍କଣ ଫଳ ଭୋଗ ଭାବରେ ଲାଗି ହେଉଥିଲା । ସେହି ଦିନ ଠାରୁ ଏହି କୁଦର ନାମ କାଙ୍କଣ ଶିଖରୀ ଭାବରେ ବେଶ ପ୍ରସିଦ୍ଧି ଲାଭ କରିଛି । ପ୍ରଭୁ ଜଗତରନାଥ ଜଗନ୍ନାଥଙ୍କର ରୀତିନୀତି ଏଠାରେ କାହିଁ କେଉଁ ଅନାଦି କାଳରୁ ହୋଇଆସୁଛି । ତେବେ ରଥ ଯାତ୍ରା ଅବସରରେ ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କର ରଥ ଯାତ୍ରା ଜଳରାଶି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତିନି ଠାକୁରଙ୍କ ପହଣ୍ଡି ପରେ ଡଙ୍ଗା ନିର୍ମିତ ସୁସଜ୍ଜିତ ରଥରେ ତିନି ଠାକୁର ଜଳରାଶିରେ କୁଦ ଚତୁଃପାର୍ଶ୍ୱରେ ପରିକ୍ରମା କରିଥିଲେ । ଦ୍ୱୀପ ପରିକ୍ରମା କରିବା ପରେ ଶ୍ରୀଜିଉଙ୍କୁ ପହଣ୍ଡି କରାଯାଇଥିଲା । ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ଗୁଣ୍ଡିଚା ମନ୍ଦିରରେ ବିଜେ କରାଯାଇଥିଲା । ଏହି ନିଆରା ରଥଯାତ୍ରା ଦେଖିବା ପାଇଁ କାଙ୍କଣ ଶିଖରୀରେ ଭକ୍ତମାନଙ୍କର ପ୍ରବଳ ଭିଡ଼ ହୋଇଥିଲା । ଭକ୍ତ ମାନଙ୍କୁ ନଈରୀ ଘାଟ ଠାରୁ କାଙ୍କଣ ଶିଖରୀକୁ ନେବା ପାଇଁ ନିଃଶୁଳ୍କ ଡଙ୍ଗା ବ୍ୟବସ୍ଥା କରାଯାଇଛି । ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ଏହା ସହ ଭକ୍ତମାନଙ୍କ ପାଇଁ କାଙ୍କଣ ଶିଖରୀ ଟ୍ରଷ୍ଟ ପକ୍ଷରୁ ପ୍ରସାଦ ସେବନର ବନ୍ଦୋବସ୍ତ କରା ଯାଇଥିଲା।

## ହାତୀ ଦାନ୍ତ ଲୁଟ୍ ଘଟଣା, ୫ ଶିକାରୀ ଗିରଫ



ନୀଳଗିରି, (ମହାଭାରତ): କୁଲଡ଼ିହା ଅଭୟାରଣ୍ୟରୁ ହାତୀ ଦାନ୍ତ ଲୁଟ୍ ଘଟଣାରେ ୫ ଶିକାରୀ ଗିରଫ ହୋଇଥିବା ବେଳେ ମୁଖ୍ୟ ଆସାମୀ ଖସି ଯାଇଛି । ଚଢ଼ଉବେଳେ ହାତୀ କଳ ଦାନ୍ତ,୩ ବନ୍ଧୁକ, ଗନପାଉଡର, ବଜ୍ରକାପ୍ତା କାତି, ଝିଙ୍କ କାଠୀ,ଅନେକ ଜଙ୍ଗଲି ଜନ୍ତୁଙ୍କ ଛାଲ, ହାଡ ଓ ସିଂଘ, ଶିକାରରେ ବ୍ୟବହୃତ ଅନେକ ସରଞ୍ଜାମ ଜବତ ହୋଇଛି। ନୀଳଗିରି କୁଲଡ଼ିହା ଅଭୟାରଣ୍ୟର କୁଲଡ଼ିହା ବିଟ୍ -୨ ଅଧୀନ ତେଲିପାଳ ପଞ୍ଚାୟତ ପୁଟିବନ୍ଧ ନିକଟରେ ଗତ ୧୫ ତାରିଖ ଏକ ମୃତ ଦନ୍ତାର ଗଳିତ ଶବ ମିଳିଥିଲା । ଯାହାକୁ ନେଇ ବନ ବିଭାଗ ତଦନ୍ତ ଚଳାଇଥିଲା । ଏପରି ସମୟରେ ହାତୀକୁ ମାରି ଦାନ୍ତ ଲୁଟ୍ ହୋଇଥିବା କଥା ଜଣାପଡ଼ିଥିଲା । ଫଳରେ ବିଭାଗ ଦୁର୍ବୃତ୍ତଙ୍କୁ ଖୋଜିଖୋଜି କରିଥିଲା । ୧୭ ତାରିଖ ଦିନ ପୁଟିବନ୍ଧ ଗ୍ରାମରୁ ଦଶରଥ ସିଂ ଗିରଫ ହୋଇଥିଲା । ଅନ୍ୟମାନଙ୍କ ସହ ମିଶି ହାତୀର ଦାନ୍ତ ଲୁଟ୍ କରିଥିବା ନେଇ ସେ ମାନିଥିଲା । ପରେ ତଦନ୍ତକୁ ଅଧିକ ବ୍ୟାପକ କରାଯାଇଥିଲା । ଯାହାଦ୍ୱାରା ମୁନା ସିଂ ଗିରଫ ହୋଇଥିବା ବେଳେ ଆଜି ତପନ ମାଝୀ, ପଣ୍ଡା ସିଂ ଓ ଲେକେ ସିଂ ଗିରଫ ହୋଇଛନ୍ତି ।

## ଗୋଟିଏ ଶ୍ମଶାନରେ ୩ ଭାଇଙ୍କ ଶେଷକୃତ୍ୟ

ଉମରକୋଟ, (ମହାଭାରତ): ଅଧର୍ଯ୍ୟ ପରିବାର । କାନ୍ଦ ବୋବାଳିରେ ଫାଟିପଡୁଛି ଗାଁ ଦାଣ୍ଡ । ସମସ୍ତଙ୍କ ଆଖିରେ ଲୁହ ଓ ଛାତିରେ କୋହ । ଗୋଟେ ପଟେ ହରିନାମ ଶବ୍ଦକୁ ଆରପଟେ ତିନି ତିନି ଜଣଙ୍କ ମୃତଦେହକୁ ଧରି ଆଗେଇ ଚାଲିଥାନ୍ତି ଗାଁ ଭାଇ । ଏଭଳି ତିନି ତିନିଟା କୋକେଇ ଏକାଠି ଉଠିବା ଘଟଣା କେବେ ଦେଖିନଥିଲେ ଗାଁ ଲୋକେ । ବିଧାତାର ଖେଳ ସତରେ କେତେ ବିଚିତ୍ର । ଜୁଇରେ ଏକାଠି ଜଳିଲା ପରିବାରର ୩ଟା ଭେଣ୍ଡିଆ ପୁଅଙ୍କ ମୃତଦେହ । ନିଶ୍ଚିହ୍ନ ହୋଇଗଲା ପୁରା ପରିବାର । ଏକାଠି ଜଳିଲା ୩ ଭାଇଙ୍କ ଜୁଇ । ଯାହାକୁ ନେଇ ପୁରା ଗାଁ ସ୍ତବ୍ଧ । ପୁରା ଶୋକାକୁଳ ପରିବେଶରେ ସମାପନ ହେଇଛି ସମସ୍ତଙ୍କ ଶେଷକୃତ୍ୟ । ଗାଁ ଲୋକଙ୍କ କାନ୍ଧରେ ମଶାଣି ଯିବାଠାରୁ ଆରମ୍ଭ କରି ଶେଷକୃତ୍ୟ ପର୍ଯ୍ୟନ୍ତ କାହା ଆଖିରୁ ଲୁହ ଶୁଖୁନଥିଲା । ନବରଙ୍ଗପୁର ଜିଲ୍ଲା ଝରିଗାଁ ସିରାଗୁଡା ସାହିରେ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି । ଗାଁର ସାଗର ଜୈନ, ଅଙ୍କୁର ଜୈନ ଓ କ୍ରିସ୍ ଜୈନ ତିନି ଭାଇଙ୍କର ହୋଇଛି ଅକାଳ ବିୟୋଗ । ଯାହା ଖବର ମିଳିଛି, କୌଣସି କାମ ପାଇଁ ତିନି ଭାଇ କାରରେ ପୁଫୁଗାଁ ଯାଉଥିଲେ । ଖୁବ୍ ହସ ଖୁସିରେ ଯାତ୍ରା ଆରମ୍ଭ କରିଥିଲେ ଏମାନେ । ହେଲେ କିଏ ଜାଣିଥିଲା ଏମାନଙ୍କ ଖୁସି ବେଶି ସମୟ ରହିବ ନାହିଁ ବୋଲି । ତେବେ ଗାଡିରେ ଯାଉଥିବାବେଳେ ଡାଇନିଗୁଡା ନିକଟରେ ଭାରସାମ୍ୟ ହରାଇ ଗାଡିଟି ଏକ ଗଛରେ ପିଟି ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ହସ୍ପିଟାଲ ନେବା ବାଟରେ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା । ମୃତକଙ୍କ ବୟସ ୧୯ରୁ ୨୨ ବର୍ଷ ମଧ୍ୟରେ ହେବ । ତିନି ଭାଇଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ପରେ ଏକାଠି ଜଳିଲା ସମୂହ ଜୁଇ । ପଞ୍ଚଭୂତରେ ଲୀନ ହେଲେ ତିନି ଭାଇ । କାନ୍ଦ ବୋବାଳିରେ ଫାଟି ପଡୁଥିଲା ଗାଁ । କେହି ବି କୋହକୁ ଅଟକାଇ ପାରୁନଥିଲେ । ତିନି ଭାଇଙ୍କ ମୃତ୍ୟୁ ପରେ ପୁରା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଡିଜେ ଗାଡ଼ି ଓଲଟି ନାବାଳକ ମୃତ



ଭଦ୍ରକ, (ମହାଭାରତ) : ରଥଟଣା ଶୋଭାଯାତ୍ରା ବେଳେ ଅଘଟଣ । ଡିଜେ ଗାଡ଼ି ଓଲଟି ଜଣେ ନାବାଳକର ମୃତ ଦୁଇ ଆହତ । ଏଭଳି ଦୁଃଖଦ ଘଟଣା ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତସ୍ଥିତ ଅନହରପୁର ଠାରେ ଘଟିଥିବା ଜଣାପଡିଛି। ମୃତ ବାଳକ ହେଉଛନ୍ତି ଅନହରପୁର ଗ୍ରାମର । ସୂଚନା ଅନୁସାରେ ଗତ କାଲି ରାତିରେ ଅନହରପୁର ଠାରେ ରଥଯାତ୍ରା ପାଇଁ ଶୋଭାଯାତ୍ରା ଚାଲିଥିଲା । ଏଥିରେ ଡିଜେ ସାମିଲ ହୋଇଥିଲା । ରାସ୍ତାରେ ଖାଲ ଥିବା ବେଳେ ସେହି ସ୍ଥାନରେ ଡିଜେ ବୁଲିବା ସମୟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ନିକଟରେ ଛିଡ଼ା ହୋଇଥିବା ସ୍ଥାନୀୟ ଅଞ୍ଚଳର କିଶୋର ରାଉତଙ୍କ ପୁଅଙ୍କ ଉପରେ ଡିଜେ ଓଲଟି ପଡିଥିଲା ବେଳେ ସେ ତଳେ ରହିଯାଇଥିଲେ ଏବଂ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଡିଜେ ତଳେ ଆଉ ଦୁଇ ଜଣ ଲୋକ ଚାପି ହୋଇ ଆହତ ହୋଇଛନ୍ତି । ଘଟଣା ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ଧାମନଗର ଥାନା ଅଧିକାରୀ ଗୋପାଳକୃଷ୍ଣ ଜେନାଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ଏହି ଅଘଟଣ ପରେ ଅନହରପୁର ଅଞ୍ଚଳରେ ଏକ ଦୁଖଦଃ ପରିସ୍ଥିତି ସୃଷ୍ଟି କରିଛି ।

## ବାଇକ ଦୁର୍ଘଟଣାରେ ଚାଲିଗଲା ଶିଶୁଙ୍କ ଜୀବନ, ୫ ଗୁରୁତର

ନୂଆପଡ଼ା, (ମହାଭାରତ): ନୂଆପଡ଼ା ଜିଲା କୋମନା ଥାନା ଅଞ୍ଚଳରେ ଶନିବାର ବାଇକ୍ ଦୁର୍ଘଟଣାରେ ଜଣେ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ହୋଇଛନ୍ତି। ମଳିଥିବା ସୂଚନା ମୁତାବକ, କୋମନା ଥାନା ଜତଗଡ ପଞ୍ଚାୟତ ଗଡଗଡ ବାହଲି ଗାଁର ରାଇସିଂ ରଣା ନିଜ ଦୁଇ ପିଲାଙ୍କୁ ଧରି ସିଲଭା ଗାଁକୁ ରଥଯାତ୍ରା ଦେଖିବାକୁ ଯାଇଥିଲେ। ରଥଟଣା ସରିବା ପରେ ରାଇସିଂ ୨ ଶିଶୁ ପୁଅ ପୁର ଓ ଝିଅ ବର୍ଷାଙ୍କୁ ବାଇକ୍ ?ରେ ଧରି ଗାଁକୁ ଫେରୁଥିଲେ। ଏହି ସମୟରେ ସିଲଭା କାଜୁ ବଗିଚାଠାରେ ଭାରସାମ୍ୟ ହରାଇ ଅନ୍ୟ ୩ ଜଣ ଚାଲି ଯାଉଥିବା ଲୋକ ଦେବ କୁମାର ରଣା, କ୍ଷୀର ରଣା ଓ ପରମାନନ୍ଦ ରଣାଙ୍କ ଉପରେ ବାଇକ୍ ? ମାଡ଼ିଯିବାରୁ ସେମାନେ ଗୁରୁତର ହୋଇଥିଲା। ସ୍ଥାନୀୟ ଲୋକେ ସମସ୍ତ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପୁର ରଣା (୩)ଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଅନ୍ୟ ୫ ଜଣ ଚିକିତ୍ସିତ ହେଉଛନ୍ତି ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

## ପ୍ରଥମ ଥର ପାଇଁ ଇତିହାସ ରଚିଲା କୋଟିଆ ରଥଯାତ୍ରା



କୋରାପୁଟ, (ମହାଭାରତ): କୋରାପୁଟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦ୍ୱାରା ୨୦୦୨ ମସିହାରେ ରଥଯାତ୍ରା ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ କୋଟିଆ ରଥଯାତ୍ରା ଇତିହାସ ରଚିଛି। ପ୍ରଥମ ଥର ପାଇଁ କୋଟିଆ ଗ୍ରାମପୁଞ୍ଜର ହଜାର ହଜାର ଭକ୍ତ ମାନଙ୍କ ସହ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କୋରାପୁଟ ସାଂସଦ ସପ୍ତଗିରି ଉଲାକା, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଝରିଗାଁ ବିଧାୟକ ନରସିଂହ ଭାତ୍ରା, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ପ୍ରମୁଖ କୋଟିଆ ରଥଯାତ୍ରାରେ ସାମିଲ ହୋଇ ରଥ ଟାଣିଥିଲେ। କୋଟିଆ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସାମଗ୍ରୀକ ବିକାଶ ପାଇଁ ମହାପ୍ରଭୁଙ୍କ ଠାରୁ ଆର୍ଶୀବାଦ ଭିକ୍ଷା କରାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। କୋଟିଆ ପ୍ରସଙ୍ଗ ଖାଲି କୋରାପୁଟ ଜିଲ୍ଲାର ନୁହେଁ ଏହା ଓଡିଶାର ପ୍ରସଙ୍ଗ ଅଟେ ବୋଲି ସେ କହିଛନ୍ତି। ଏହାର ସମାଧାନ ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଛି। ଆଜି ସ୍ଥାନୀୟ ଲୋକମାନଙ୍କ ସହ ବିଭିନ୍ନ ରାଜନୈତିକ ଦଳର ନେତା ମାନଙ୍କର ପରାମର୍ଶ ନିଆଯାଇଛି। ସମସ୍ତଙ୍କ ମତାମତକୁ ନେଇ ଖସଡ଼ା ପ୍ରସ୍ତୁତ କରାଯାଇ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି। ଓଡିଶା ରାଜ୍ୟର ସୀମାନ୍ତ ବର୍ତ୍ତି ଅଞ୍ଚଳର ସାମଗ୍ରୀକ ବିକାଶ ପାଇଁ ରାଜ୍ୟ ସରକାର ସଂକଳ୍ପ ନେଇଥିବା ସେ କହିଛନ୍ତି। କୋଟିଆର ଗୃହହୀନଙ୍କୁ ଗୃହ ଯୋଗାଇ ଦେବା, ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ନିର୍ମାଣ କରିବା,ଏକ ବଡ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପ୍ରଭୃତି ଦାବିପତ୍ର ଆସିଥିଲା ବୋଲି ସେ କହିଛନ୍ତି। ଏଠାର ପର୍ଯ୍ୟଟନସ୍ଥଳୀର ବିକାଶ ହୋଇ ପାରିଲେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସ୍ଥାନୀୟ ବାସିନ୍ଦା ନିଯୁକ୍ତ ପାଇପାରିବେ।ତେଣୁ ଏଠାରେ ରହିଥିବା ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯିବ ବୋଲି ସେ କହିଛନ୍ତି। ଏଥିସହ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ବିକାଶ କରାଯିବ ବୋଲି ସେ କହିଛନ୍ତି।

## ମତ୍ସ୍ୟ ଅବତାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ପ୍ରଭୁ ଜଗନ୍ନାଥ



ଆସିକା (ମହାଭାରତ): ଆସିକା ର ବିଭିନ୍ନ ଆଡପ ମଣ୍ଡପ ରେ ଜଗନ୍ନାଥ ଙ୍କ ଆଜି ମତ୍ସ୍ୟ ଅବତାର ବେଶରେ ଦର୍ଶନ କଲେ ଶ୍ରଦ୍ଧାଳୁ ଭକ୍ତ ମାନେ। ଗତକାଲି ଘୋଷ ଯାତ୍ରା ରେ ଚତୁର୍ଦ୍ଧା ମୂର୍ତ୍ତି ରତ୍ନ ସିଂହାସନ ଛାଡି ଗୁଣ୍ଡିଚା ମନ୍ଦିର ଅଭିମୁଖେ ନବ ଦିନ ଧରି ଯାତ୍ରା କରିବାକୁ ଆସିଛନ୍ତି । ଗତକାଲି ସବୁ ସ୍ଥାନର ରଥ ଗୁଡିକ ର୍ନିଦ୍ଦିଷ୍ଟ ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଂଚି ଯାଇଥିଲା । ଗତ କାଲି ରାତ୍ର ରେ ପଣ୍ଡା ପୂଜାରୀ ମାନେ ରଥ ରୁ ଚାର ମାଳ ଫିଠାଇ ମହାପ୍ରଭୁ ଙ୍କୁ ଆଡପ ମଣ୍ଡପ ରେ ବିଜେ କରାଯାଇ ରହିଥିଲା । ଆଜି ସକାଳୁ ଦ୍ୱାର ଫିଠା, ମଙ୍ଗଳ ଆରତୀ, ରୋଷ ହୋମ, ମଇଲାମ, ଅବକାଶ, ତଡପ ଲାଗି,ମଧାହ୍ନ ଧୂପ ପରେ ଆଜି ଭକ୍ତ ମାନଙ୍କ ନିମନ୍ତେ ଜଗନ୍ନାଥ ଙ୍କୁ ମସ୍ୟ ଅବତାରରେ ସୁସଜ୍ଜିତ କରିଥିଲେ। ମନ୍ଦିର ପୂଜକ ଉପେନ୍ଦ୍ର ନାଥ ଦାସ, ନୀଳମଣୀ ପଣ୍ଡା,ପ୍ରମୁଖ ଉପସ୍ଥିତ ରହି ପୂଜା, ଭୋଗ, ଆରତୀ, ବେଶ, କରିଥିଲେ । ସେହି ପରି ଚିନି ଶିଳ୍ପ ନୂଆଗାଁ ଜଗନ୍ନାଥ ମନ୍ଦିର ର ଆଡପ ଘରେ ମଧ ମସ୍ୟ ଅବତାର ବେଶ ରେ ହଜାର ହାଜର ଶ୍ରଦ୍ଧାଳୁ ଦର୍ଶନ ଲାଭ କରିଥିଲେ । ଆଜି ସନ୍ଧ୍ୟା ରେ ମନ୍ଦିର ପକ୍ଷରୁ ଦୁର୍ଗା ମଣ୍ଡପ ଠାରେ ଜଗନ୍ନାଥ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଅନେକ ଭକ୍ତ ଏହି ସଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଭିଡ଼ ଜମିଥିଲା । ଶାନ୍ତି ଶୃଙ୍ଖଳା ନିମନ୍ତେ ନିରକ୍ଷପତ୍ତା ରକ୍ଷୀ ଓ ପୋଲିସ ପ୍ରଶାସନ ଉପସ୍ଥିତ ଥିଲେ ।

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର,

ଦାନଗଦି: (ମହାଭାରତ)ଦାନଗଦି ବ୍ଲକ ଅନ୍ତର୍ଗତ ମାନୋଗୋବିନ୍ଦପୁର ଓଭୋର୍ ବ୍ରିଜ ପାଖକୁ ଲାଗିରହିଥିବା ବ୍ରାହ୍ମଣ ସାହି ନିକଟରେ ଏକ ଭଡାଘରେ ରହୁଥିବା ଜଣେ ଯୁବକ ବେକରେ ଗାମୁଛା ଲଗାଇ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର କରିଛି ଦାନଗଦି ପୋଲିସ। ରବୀନ୍ଦ୍ର ଠାକୁର ଙ୍କ ପୁଅ ସେହେବାଗ ଠାକୁର ଝାରଖଣ୍ଡ ଘୁରୁଆ ଗ୍ରାମର ପାଲାମୁ ଅଞ୍ଚଳର ଜଣାପଡିଛି। ଏକ ଭଡାଘରେ ରୋହୁଥିବା ତିନିଜଣ ସାଥୀ ମଧ୍ୟରୁ ଦୁଇଜଣ ସକାଳେ ଡ୍ୟୁଟି ଯାଇ ସନ୍ଧ୍ୟା ସମୟରେ ରୁମ୍ ର ଭିତର ପଟୁ ବନ୍ଦ ରହିଥିବା ଦେଖି କିଛି ସମୟ ପରେ ରୁମ୍ ତାଲା ଭାଙ୍ଗି ରୁମ୍ ଭିତରକୁ ପ୍ରବେଶକରି ଦେଖିଲା ବେଳକୁ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଝୁଲୁଛି।ଏହା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ପରେ ଦାନଗଦି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଜାରିରଖିଥିଲେ। ରୁମ୍ ର ମାଲିକ ଘଟଣାସ୍ଥଳରେ ପହଞ୍ଚି ସମ୍ପୃତ ଘଟଣାର ତଦନ୍ତ କରିଥିଲେ। ଶବ ବ୍ୟବଚ୍ଛେଦ କରିଥିଲେ।

## ରାସ୍ତା ମରାମତି ନ ହୋଇଥିବାରୁ ଫସିଗଲା ଟ୍ରକ




ଗଣିଆ ,(ମହାଭାରତ): ପୂର୍ତ୍ତ ବିଭାଗ ଅଧିନରେ ଥିବା ଗଣିଆ ଦଶପଲ୍ଲା ମୁଖ୍ୟ ରାସ୍ତା ମଝିରେ ବହୁଦିନ ଧରି ବଡ଼ ବଡ଼ ଖକ୍ଷଲ ହୋଇଥିବା ଯୋଗୁଁ ରାସ୍ତାରେ ଯାନ ବାହାନ ଚଳାଚଳ ବାଧାପ୍ରାପ୍ତ ହେଉଥିବା ବେଳେ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ହେଉଅଛି । ଏ ନେଇ ବାରମ୍ବାର ଖବର ପ୍ରସାରଣ ପରେ ମଧ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ପ୍ରକାଶ ଥାଉ କି ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ କରଡ଼ାପଡ଼ା ନିକଟରେ ଅବସ୍ଥିତ ଖାଲରାସ୍ତା ଧୋଇହୋଇ ଯିବା ଯୋଗୁଁ ଉକ୍ତ ରାସ୍ତା ଉପରେ ଶୁକ୍ର ବାର ମଧ୍ୟ ରାତ୍ରୀ ସମୟରେ ଏକ ବଡ଼ ଟ୍ରକ୍ ଯାତାୟାତ କଲାବେଳେ ଫସି ରହିଥିବା ବେଳେ, ସଂକୀର୍ଣ୍ଣ ରାସ୍ତା ଥିବାରୁ ରାସ୍ତା ର ଉଭୟ ପଟେ ଗାଡ଼ି ଯିବାବେଳେ ଗାଡ଼ି ଅଟକି ଥିଲା । ଯା ଫଳରେ ଯାତାୟାତ ଠପ୍ ହୋଇଯାଇଥିଲା । ପୂର୍ତ୍ତ ବିଭାଗ ର ଅବହେଳା ଯୋଗୁଁ ଏଭଳି ସମସ୍ୟା ବାରମ୍ବାର ଘଟୁଛି ବୋଲି ଜନସାଧାରଣ ଅଭିଯୋଗ କରିଥଲେ।

## ସୁପରଫାଷ୍ଟ୍ ଏକ୍ସପ୍ରେସ ବଗିରେ ଲାଗିଲା ନିଆଁ

କେସିଙ୍ଗା,(ମହାଭାରତ): କଳାହାଣ୍ଡି ଜିଲା କେସିଙ୍ଗା ରେଳ ଷ୍ଟେଶନରେ ଏକ ବଡ଼ ଧରଣର ଅଘଟଣ ଘଟିଛି । ଅହମଦାବାଦଠାରୁ ପୁରୀ ଅଭିମୁଖେ ଯାଉଥିବା ଦ୍ରୁତଗାମୀ ଟ୍ରେନ୍ଟି ଟିଟିଲାଗଡ଼ରୁ କେସିଙ୍ଗା ଦେଇ ଟ୍ରେନ୍ ନଂ - ୧୨୮୪୪ ଅହମ୍ମଦାବାଦରୁ ପୁରୀକୁ ଯାଉଥିବା ସୁପର ଫାଷ୍ଟ୍ ଏକ୍ସପ୍ରେସ ର୍ନିଦ୍ଧାରିତ ସମୟରେ କେସିଙ୍ଗା ରେଳ ଷ୍ଟେଶନର ଏକ ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲା। କିନ୍ତୁ ଟ୍ରେନ୍ ପହଞ୍ଚିବା ପରେ ହଠାତ ଟ୍ରେନର ମଧ ଭାଗରେ ଥିବା ଏସ୍-୧ କୋଚରେ ହଠାତ ନିଆଁ ଲାଗିଯାଇ ଧୂଆଁ ବାହାରିଥିଲା। ନିଆଁ ଲାଗିବା ଜାଣିପାରି ଟ୍ରେନର ବଗିରେ ବସିଥିବା ଯାତ୍ରୀମାନେ ଭୟରେ ହୋ-ହଲ୍ଲା କରି ବଗିରୁ ଓହ୍ଲାଇ ପଡ଼ିଥିଲେ।ଷ୍ଟେଶନ ପରିସରରେ ଯାତ୍ରୀମାନେ ଭୟରେ ଟ୍ରେନ୍ରୁ ପଳାୟନ କରିଥିଲେ। ବଗିରେ ନିଆଁ ଲାଗି ଧୂଆଁ ବାହାରୁଥିବାର ଜାଣି ଷ୍ଟେଶନ ମ୍ୟାନେଜର ପ୍ରଶାନ୍ତ ଭୋଇ ଆର୍ପିଏଫ୍ଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ।

# ଧାନ ମଣ୍ଡିରେ ଅବ୍ୟବସ୍ଥା ସୀମା ଟପିଛି, ଚାଷୀଙ୍କ ଭିତରେ ଆକ୍ରୋଶ ବଢ଼ି ଚାଲିଛି

କୁନ୍ଦୁରା,(ମହାଭାରତ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ରେ ବହୁତ ଟଣା ଓଟରା ରେ ଚଳିତ ମାସ ୦୫ ତାରିଖ ଠାରୁ କୁନ୍ଦୁରା ବ୍ଲକ ରେ ଧାନ ମଣ୍ଡି ଆରମ୍ଭ କରାଯାଇଥିଲା । କୁନ୍ଦୁରା ବ୍ଲକ ର ୧୬ ଟି ପଞ୍ଚାୟତ ପାଇଁ ଏହି ରବି ମଣ୍ଡି ମାତ୍ର ୬ ଟି ସ୍ଥାନ ରେ କରାଯିବା ପାଇଁ ସ୍ଥିର ହୋଇଥିଲା । କୋରାପୁଟ ଜିଲ୍ଲାର ସ୍ଥାନୀୟ କୌଣସି ମିଲ୍ କୁ ରବି ମଣ୍ଡି ର ଧାନ ଦିଆ ନଯାଇ ବଲାଙ୍ଗୀର ଜିଲ୍ଲାର ମିଲ୍ ମାଲିକ ଏଠାକାର ଧାନ ନେବା ପାଇଁ ପ୍ରଶାସନ ତରଫରୁ ସ୍ଥିର ହୋଇଥିଲା । ଚଳିତ ରବି ମଣ୍ଡି ଆରମ୍ଭ ରୁ ହିଁ ମିଲ୍ ।ଲା ଙ୍କ ମନମୁଖୀ ଏବଂ ସେମାଙ୍କ ଦ୍ୱାରା ମଣ୍ଡିରେ ରହୁଥିବା ମଧସ୍ଥି (ଏଜେ□ ) ମାନଙ୍କର ଏକଛତ୍ର କାରୋବାର ଚାଲିଲା । ଆଗୁଆ ମିଳିଥିବା ଟୋକନ ଧାରି ଚାଷୀ ଙ୍କ ଧାନ ପଡିରହିଥିବା ବେଳେ ଏଜେ□ କୁ ଖୁସୀ କରାଉଥିବା ଚାଷୀ ର ଧାନ ଆଗୁଆ ଉଠିବା ଭଳି ବ୍ୟବସ୍ଥା ଚାଲିଲା । ମଣ୍ଡିରେ ଆର ଏମ ସି, ଲ୍ୟାମ୍ପ ଓ ମିଲ୍ ମାଲିକ ଙ୍କ ଭିତରେ ଯେଉଁ ନିଷ୍ପତି ନିଆଗଲା ତାକୁ ମିଲ୍ କୁ ଧାନ ଗଲା ପରେ ଅଧିକା କଟନୀ ଛଟନୀ ପାଇଁ ବାଧ କରାଯିବା ପରେ ପୁଣି ଚାଷୀ ଉତେଜନା ଦେଖା ଦେଇଥିଲା । ଆସନ୍ତା ୩୦ ତାରିଖ ସୁଦ୍ଧା ରବି ମଣ୍ଡି ଶେଷ ହେବାକୁ ସୂଚନା ରହିଥିବା ବେଳେ ମଣ୍ଡି ଗୁଡ଼ିକରୁ ଅନେକ ଚାଷୀଙ୍କ ଧାନ ଉଠିପାରିନାହିଁ । ୩୦ ତାରିଖ ରେ ମଣ୍ଡି ଶେଷ ହେବା ପରେ ଚାଷୀ ମାନେ ଅଭାବୀ ବିକ୍ରୀର ସମ୍ମୁଖୀନ ହେବେଯେଉଁଥି ପାଇଁ ଚିନ୍ତାରେ ଚାଷୀ । ମିଲ୍ ମାଲିକ ଙ୍କ ମନ୍ମୁଖୀ, ଟ୍ରକ ବାଲା ଚାଷୀଙ୍କ ଠାରୁ ମନଇଚ୍ଛା ଭାବେ ନେଇଥିବା ଟଙ୍କା, ଗତ ଖରିପ ମଣ୍ଡିରେ ଚାଷୀଙ୍କ ଠାରୁ



ନେଇଥିବା ଅଖା ବସ୍ତା ର ଟଙ୍କା ଏବଂ ହେଣ୍ଡେଲିଙ୍ଗ ଚାର୍ଜ ଟଙ୍କା ଫେରସ୍ତ କରିବା ଆଦି ସମସ୍ୟାକୁ ନେଇ କୋରାପୁଟ ଜିଲ୍ଲା କୃଷକ କଲ୍ୟାଣ ମଞ୍ଚ ସମ୍ପାଦକ ନରେନ୍ଦ୍ର ପ୍ରଧାନ ୨୫/୦୬ ରେ ଜିଲ୍ଲାପାଳ ଙ୍କୁ ଏବଂ ବିଭାଗୀୟ ଅଧିକାରୀ ଙ୍କୁ ଏକ ଅଭିଯୋଗ ପତ୍ର ଲେଖିଥିଲେ। ୨୭/୦୬ ରେ ଦିଗାପୁର ମଣ୍ଡି ରେ ମାସ୍ ର ସମସ୍ୟା ଯୋଗୁଁ ଧାନ ଉଠିବା ନେଇ ହଟଗୋଳ ଆରମ୍ଭ ହୋଇଥିଲା ।ମଧସ୍ଥି ( ଏଜେଣ୍ଟ) ମାନେ ଯେଉଁ ଚାଷୀ ୩୦% ଲେଫ୍ଟ ଦେବ ସେହି ଚାଷୀର ଧାନ ଉଠିବ ବୋଲି କହିବା କୁ ନେଇ ଚାଷୀ ମାନେ ଉତ୍ୟକ୍ତ ହୋଇ ଏକ ଦାବିପତ୍ର ଲେଖି ଜୟପୁର ଉପଜିଲ୍ଲାପାଳ ଓ ସିଏସଓ ଙ୍କ ନିକଟକୁ ଯାଇଥିଲେ । ରଥଯାତ୍ରା ଛୁଟି ଯୋଗୁଁ ନିରାଶ ହୋଇ ଫେରି ଦିଗାପୁର ମଣ୍ଡି ବନ୍ଦ କରାଇଥିଲେ । ନୂଆଁ ସରକାର ଆସିଲେ ଚାଷୀଙ୍କୁ ପ୍ରାଧାନ୍ୟ ଦେବେ, ଚାଷୀଙ୍କ ସମସ୍ୟା ବୁଝିବେ, କଟନୀ ଛଟନୀ ବନ୍ଦ କରିବେ ବୋଲି ଆଶା ବାନ୍ଧିଥିବା ଚାଷୀ ବର୍ତମାନ ସରକାର ଙ୍କୁ ସମାଲୋଚନା କରୁଛନ୍ତି । ବୋନସ ଆକାରରେ ଯେଉଁ ଟଙ୍କା ସରକାର ଚାଷୀଙ୍କୁ ଦେଲେ ତାହା ମିଲର୍ସ, ଏଜେଣ୍ଟ, ଗାଡି ଓ ହେଣ୍ଡଲିଙ୍ଗ ବାବଦରେ ନେଇଯାଉଛନ୍ତି । ଛୋଟ ମୋଟ ଚାଷୀ ଏହି ମଣ୍ଡି ବ୍ୟବସ୍ଥାରେ ପେଶି ହୋଇ ମାରୁଛି, ଏମିତି ହେଲେ ଆଗକୁ ଚାଷ କରିବା କଷ୍ଟକର ବୋଲି ଚାଷୀ ମାନେ ହଟଗୋଳ କରିଥିଲେ । ପୂର୍ବ ସରକାର ଠାରୁ କଦର୍ଯ୍ୟ ମଣ୍ଡି ବ୍ୟବସ୍ଥା କରିଛନ୍ତି ଚଳିତ ସରକାର , ଚାଷୀ ଙ୍କ ଠାରୁ ଅଧିକା ମିଲର୍ସଙ୍କ ସ୍ୱାର୍ଥ କୁ ଗୁରୁତ୍ୱ ଦେଇଛନ୍ତି ସରକାର । ଚାଷୀ ଉତ୍ୟକ୍ତ ହେଲେ ସରକାର ତିଷ୍ଠି ପାରିବ ନାହିଁ ବୋଲି ଉତ୍ୟକ୍ତ ଚାଷୀ ମାନେ କହିଛନ୍ତି । ୩୦ ତାରିଖ ସୁଦ୍ଧା ସମସ୍ତ ଚାଷୀଙ୍କ ଧାନ କ୍ରୟ କରାନଗଲେ ଏକ ବଡ଼ ଧରଣର ଚାଷୀ ଆନ୍ଦୋଳନ ହେବ ଯାହା ସରକାର ସମ୍ଭାଳିବା କଷ୍ଟକର ହୋଇପଡିବ ବୋଲି ଚାଷୀ ମାନେ କହିଛନ୍ତି ।

## ଏବେବି ବଞ୍ଚିରହିଛି ତାଳ ପତ୍ର ତଲାରୀର ଚାହିଦା



ଗଜପତି(ମହାଭାରତ): ଗଜପତି ଜିଲ୍ଲା ଏକ ଆଦିବାସୀ ଅଧୁକ୍ଷିତ ପାହାଡ଼ ପର୍ବତ ଘେରା ଉପାନ୍ତ ଅଞ୍ଚଳ ଅଟେ। ଏଠାକାର ମୁଖ୍ୟତଃ ଜୀବନ ଜୀବିକା ହେଲା କୃଷି।ପ୍ରାୟତଃ ଜିଲ୍ଲାର ୭ ଟି ବ୍ଲକ ରୁ ତିନୋଟି ବ୍ଲକରେ ଧାନ ଚାଷ ହୋଇଥାଏ। ବର୍ତ୍ତମାନ ବର୍ଷା ଋତୁ ହୋଇ ଥିବାରୁ ଚାଷୀ ଚାଷ କରିବା ପାଇଁ ବିଲକୁ ଯାଏ।ଚାଷୀ ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ତଲାରୀର ବ୍ୟବହାର କରିଥାଏ।ଚାଷୀ ହେଉ କିବା ଶ୍ରମିକ ଖରା ଦାଉରୁ ଓ ବର୍ଷାରୁ ରକ୍ଷା। ପାଇବା ସକାଶେ ଖୋଜା ପଡ଼େ ତଲାରି ତାଳ ପତ୍ରରେ ର୍ନିମିତ ଏହି ତଲୟରି ଏବେବି ଚାଷୀ ଓ ଶ୍ରମିକ ନିକଟରେ ଚାହିଦା ରହିଛି। ଚାଷୀ ଟିଏ ହଳିଆ ଗୀତ ଗାଇ ଝିପି ଝିପି ବର୍ଷାରେ ତଲାରୀ ପିନ୍ଧି ନିଜ ଚାଷ ଜମିରେ ଚାଷ କରିଥାଏ ସେହି ପରି ଶ୍ରମିକ ଟି ଜମିରେ ତଳି ଭାଙ୍ଗିବା ଓ ତଳି ସଜାଡ଼ିବା ସକାଶେ ତଲାରି ପିନ୍ଧି ଆନନ୍ଦ ମନରେ କାମ କରିଥାଏ। ଧାନ ରୋଇବା ବେଳେ ମା ମାନେ ତଲୟରି ପିନ୍ଧି ଗୀତ ଗାଇ ଧାନ ରୋଇ ଥାଆନ୍ତି। କ୍ଷେତ କୁ ଘୋଟଣ। ଆଣି ବା ବେଳେ ଝିପି ଝିପି ବର୍ଷାରେ ତଲାରି ପିନ୍ଧିଥାନ୍ତି ।ସେ ବର୍ଷା ହେଉ କି ଖରା ତଲାରୀର ଆବଶ୍ୟକତା ପଡ଼ି ଥାଏ। ଏବେବି ତାଳ ପତ୍ରରେ ର୍ନିମିତ ତଲାରି ଚାହିଦା ରହିଛି କି ଧନୀ ଗରିବ ଛତାର ସ୍ଥାନ ତଲୟରି ପୁରୁଣ କରିଥାଏ ବର୍ତ୍ତମାନ ବଜାର ରେ ତଲାରୀ ବିକ୍ରି ହେଉଛି।

## ଆମ୍ବୁଲାନ୍ସ ସେବା ଯୋଗାଇ ବାହାବାହା ନେଉଥିଲେ ବିରୋଧି




ଦଶପଲ୍ଲା,(ମହାଭାରତ ): ବିକାଶ ର ପ୍ରକୃତ ଅର୍ଥ ଦଶପଲ୍ଲା ରେ ଦେଖିବାକୁ ମିଳିଛି। ବିଗତ ସରକାର ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଅନେକ ଅବଦାନ ରହିଛି। ମାତ୍ର ତାହାର ସଠିକ ରୂପାୟନ ହୋଇପାରିନାହିଁ। କାରଣ ନୟାଗଡ ଜିଲ୍ଲା ଦଶପଲ୍ଲା ଏନ ଏ ସୀ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପଡି ରହିଛି ଆମ୍ବୁଲାନ୍ସ। ବିଜେଡି ର ପୂର୍ବତନ କନ୍ଧମାଳ ସାଂସଦ ଏବଂ ଦଶପଲ୍ଲା ବିଧାୟକ ଙ୍କ କରକମଳରେ ଦଶପଲ୍ଲା ବାସୀଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟ ସେବାକୁ ଲକ୍ଷ୍ୟ ରଖି ଆମ୍ବୁଲାନ୍ସ ସେବା ର ଉଦଘାଟନ କରିଥିଲେ। ତେବେ ସ୍ୱାସ୍ଥ୍ୟ ସେବା ନା ରେ ଏହା ଥିଲା ଏକ ପ୍ରହେଳିକା। ଦଶପଲ୍ଲା ବାସୀଙ୍କୁ ସେ ସମୟରେ ଦିନରେ ଲାଣ୍ଠିନି ଦେଖାଇବା ଥିଲା ମୁଖ୍ୟ କଥା ବୋଲି ସାଧାରଣ ରେ ଆଲୋଚନା ହେଉଛି। ପ୍ରକୃତ ସେବା ମନୋବୃତି ଥିଲେ ଏମିତି ସାଂସଦଙ୍କ ପାଣ୍ଠି ଲେଖି ଆମ୍ବୁଲାନ୍ସ କୁ ଖତ ହୋଇ ନ ଥାନ୍ତା ବୋଲି ଆଲୋଚନା ହେଉଛି। ଦେଖାଯାଉ ଏମିତି କେତେ ଦିନ ଦଶପଲ୍ଲା ବାସୀଙ୍କୁ ଭୁଆଁ ବୁଲାଇ ଶୂନ୍ୟ ରାଜନୀତି ଚାଲିଥିବ ତାହା ଦେଖିବାକୁ ବାକି ରହିଲା।

## ୮୫ ମଣ୍ଡିରେ ପଡିରହିଛି ୨ ଲକ୍ଷରୁ ଉଦ୍ଧର୍ବ କୁଇଣ୍ଟାଲ ଧାନ

ଭବାନୀପାଟଣା,(ମହାଭାରତ): କଳାହାଣ୍ଡି ଜିଲାରେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଛି। ଏହା ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ରବି ଧାନ ଅମଳ କରି ବିକ୍ରି ପାଇଁ ଚାଷୀମାନେ ମଣ୍ଡିରେ ରଖିଛନ୍ତି। ହେଲେ ମଣ୍ଡିରୁ ଧାନ ଠିକ୍ ଭାବେ ଉଠୁନାହିଁ। ଫଳରେ ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନ ବର୍ଷା ପାଣିରେ ଭିଜି ନଷ୍ଟ ହେବାରେ ଲାଗିଛି। ବିଶେଷ କରି ଜିଲାର ଅନେକ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାରୁ ସେଠାରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳିଛି। ଆର୍ଏମ୍ସି ପକ୍ଷରୁ ତାରପୋଲିନ ଦିଆଯାଉଥିଲେ ମଧ ଲଗାଣ ବର୍ଷା ଯୋଗୁ ତଳ ପଟେ ପାଣି ପଶି ଧାନ ଭିଜିଯାଉଛି। ଏଥିଯୋଗୁ ଅନେକ ଚାଷୀଙ୍କ ଧାନ ଗଜା ହୋଇଯାଇଛି। ଧାନ କିଣା ମ୍ୟାର ଯୋଗୁ ଜିଲାର ୮୫ ମଣ୍ଡିରେ ୫ ହଜାର ଟୋକନର ୨ ଲକ୍ଷରୁ ଉଦ୍ଧର୍ବ କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ବୁଧବାର ସୁଦ୍ଧା ୪୨ ହଜାର ୫୭୭ ଚାଷୀଙ୍କ ୩୦ ଲକ୍ଷ ୩ ହଜାର ୬୬୪ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ସେଥିରୁ ବୁଧବାର ଗୋଟିଏ ଦିନରେ ୭୫୮ ଜଣ ଚାଷୀଙ୍କ ୬୦ ହଜାର ୮୧୫ କୁଇଣ୍ଟାଲ ଧାନ ଉଠାଣ ହୋଇଛି। ଜିଲାରେ ରବି ଧାନ କିଣା ଟାର୍ଗେଟ ବର୍ତ୍ତମାନ ସୁଦ୍ଧା ୩୨ ଲକ୍ଷ ୨୨ ହଜାର ରହିଥିବାବେଳେ ଅବଶିଷ୍ଟ ଧାନ ଏବେ ବିକ୍ରି ନ ହୋଇ ମଣ୍ଡିରେ ପଡିଛି। ସେହିପରି ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲାରେ ୧୪୪ ଧାନ ମଣ୍ଡି ରହିଥିବାବେଳେ ସେଥିରୁ ବର୍ତ୍ତମାନ ୫୯ ମଣ୍ଡିରେ ଧାନ କିଣା ସରିଥିବା ଜଣାପଡିଛି। ପ୍ରକାଶ ଯେ, ଏହି ସମୟରେ ଚାଷୀ ମାନେ ରବି ଧାନ ଅମଳ ପ୍ରକ୍ରିୟା ସାରି ଖରିଫ ଚାଷ ପାଇଁ ସଜବାଜ ହେବା କଥା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ରବି ଧାନ ବିକ୍ରି ଶେଷ ହୋଇ ନାହିଁ।

## ସଂସ୍କୃତ ବିଦ୍ୟାର୍ଥିମାନଙ୍କ ଦକ୍ଷତା ବିକାଶପାଇଁ ଦଶ ବ୍ୟାପି ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

ଆସିକା(ମହାଭାରତ): ଆସିକା ମେକ୍ ମାଇକେଲ ସଂସ୍କୃତ ମହାବିଦ୍ୟାଳୟରେ ଦଶ ଦିନ ବ୍ୟାପି ଅନୁଷ୍ଠିତ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦଯାପନି ଅବସରରେ ମହାବିଦ୍ୟାଳୟ ଅଧକ୍ଷ ଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ଉଦଘାଟକ ରୂପେ ବେଦ ବାଚ଼ସ୍ପତି ଉମେଶ ପ୍ରସାଦ ଦାଶ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଡ.ବିପୀନ ବିହାରୀ ଶତପଥୀ କହିଥିଲେ ପ୍ରତ୍ୟେକ ବ୍ୟକ୍ତି ଜୀବନରସୃଙ୍ଖଳା ପାଇଁ ସଂସ୍କୃତ ଅଧୟନ ଅପରିହାର୍ଯ୍ୟ ଅଟେ । ମୁଖ୍ୟଅତିଥି ରୂପେ ଉଚ୍ଚଶିକ୍ଷା ଆ□ଳିକ ନିର୍ଦ୍ଦେଶକ ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ କହିଥିଲେ ୧୮୧୩ ପୂର୍ବରୁ ଆମର ଓଡ଼ିଆ ବଣିକମାନେ ଯେଉଁ ଭାଷାରେ କଥା ହେଉଥିଲେ ଅନୁମାନ କରାଯାଏ ସେତେବେଳେ ସେଠାକାର ବ୍ୟକ୍ତିମାନେ ମଧ ସଂସ୍କୃତ ଭାଷା ବ୍ୟବହାର କରୁଥିଲେ ଏଣୁ ଆଜି ଆମେ ସଂସ୍କୃତ କାହିଁକି କହିବାନାହିଁ ? ଆମର ସମସ୍ତ ବାସ୍ତୁଶାସ୍ତ୍ର, ,ଚିକିତ୍ସାଶାସ୍ତ୍ର, ବିଜ୍ଞାନ ଶାସ୍ତ୍ର ଇତ୍ୟାଦି ସଂସ୍ତୃତରେ ଅଛି ଆଜିର ବୈଜ୍ଞାନିକ ଆମର ଏହି ଅମୂଲ୍ୟ ସଂପଦକୁ ଆଧାରକରି ସମସ୍ତ କାର୍ଯ୍ୟରେ ସଫଳ ହେଉଅଛି ଏଣୁ ସଂସ୍କୃତ ଛାତ୍ର ଛାତ୍ରୀ ମାନେ କେଉଁଥିରେ ହେଲେ କମ ନୁହନ୍ତି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଅନ୍ତିମ ଦିନରେ ସିଦ୍ଧାନ୍ତ ଶଙ୍କର ପାଢ଼ୀ ମୁଖ୍ୟଅତିଥି କୁଳମଣି ଓଝା,ଡ. ବିପିନ ବିହାରୀ ଶତପଥୀ ରାଷ୍ଟ୍ରିୟ ଉପସଭାପତି ଲୋକଭାଷା ପ୍ରଚାର ସମିତି ଭାରତର




ଯୋଗଦାନ କରି ଆଜିର ଦିନରେ ସମସ୍ତେ ସଂସ୍କୃତ ପଢ଼ିଲେ ସମାଜର ଉନ୍ନତି କରିପାରିବେ ବୋଲି କହିଥିଲେ। ଉପନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବ୍ରହ୍ମପୁର ବିଶିଷ୍ଟ ଅତିଥି ଓ ପ୍ରଶାନ୍ତ କୁମାର ଦାଶ ଉପର୍ନିଦ୍ଦଶକ ଉଚ୍ଚ ଶିକ୍ଷା ବ୍ରହ୍ମପୁର ଓଡ଼ ମହନ୍ତ ହରିହର ଦାସ ଅଧକ୍ଷ ରାମାଧିନ ସଂସ୍କୃତ ମହାବିଦ୍ୟାଳୟ ବ୍ରହ୍ମପୁର ମଧ ବିଶିଷ୍ଟ ଅତିଥି ରୂପେ ଯୋଗଦାନ କରି ଛାତ୍ର ଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ପଣ୍ଡିତ ଲକ୍ଷ୍ମୀଧର ବେହେରା,କାହ୍ନୁଚରଣ ପ୍ରଧାନ। ବିଭୂତିଭାଷଣ କର, କୁଷ୍ଣ ଚନ୍ଦ୍ର ନାୟକ ବିଭିନ୍ନ ବିଷୟରେ ଶିକ୍ଷାଦାନ କରିଥିଲେ।ଏହି କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣରୂପେ ବରିଷ୍ଠ ଅଧ୍ୟାପକ ଆଚାର୍ଯ୍ୟ ସନାତନ ପଣ୍ଡା ସଂଯୋଜନା କରିଥିଲେ। ରାଜ୍ୟସଭା ପଣି ପଣ୍ଡିତ ଗୋପାଳ କୃଷ୍ଣ ପତୀ ସ୍ୱାଗତ ତଥା ଅଧ୍ୟାପକ ଶିଶିର କୁମାର ମିଶ୍ର ସଂସ୍କୃତ ଶ୍ଳୋକ ମାଧମରେ ସ୍ାଗତ ଅତିଥିଙ୍କ ମନକୁ ହରଣକରିଥିଲେ ।ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣମାତ୍ରାରେ ଅଧ୍ୟାପକ ବାବାନାଥ ମିଶ୍ର ଅଧ୍ୟାପକ ମନୋରଞ୍ଜନ ସାହୁ ଆଧ୍ୟାପିକା କବିତା କୁମାରୀ ଦାଶ ଓ ପଣ୍ଡିତ ପ୍ରଦୀପ କୁମାର ତ୍ରୀପାଠୀ ଓ ଟୁନା ମହାରଣା ପୂର୍ଣ୍ଣ ମାତ୍ରାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକାରଟି ଭାରତ ସରକାରଙ୍କ କେନ୍ଦ୍ରୀୟ ସଂସ୍କୃତ ବିଶ୍ବିଦ୍ୟାଳ ଆଖିକ ସହଯୋଗ ଓ ଲୋକଭାଷା ପ୍ରଚାର ସମିତି ଭାରତର ମିଳିତ ତ୍ୱାବଧାନରେ ପ୍ରାୟ ୫୦ ଜଣ ଛାତ୍ର ଛାତ୍ରୀଙ୍କୁ ନେଇ ଆବାସିକ ଦଶଦିନ ଚାଲୁରହିଥିଲ। ବୋଲି ଶିବିର ପରିଚାଳକ ଆଚାର୍ଯ୍ୟସନାତନ ପଣ୍ଡାବ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ।

# ବାଲିପାଟଣାରେ ବଢୁଛି ନକଲି ପାଣି ବୋତଲର ବିକ୍ରି

ବାଲିପାଟଣା(ମହାଭାରତ),ଏବେ ସାରା ରାଜ୍ୟରେ ହଇଜା ବ୍ୟାପି ଥିବାବେଳେ ମୁଖ୍ୟ ଉର୍ସ ଜଳରୁ ବେଶି ମାତ୍ରାରେ ବ୍ୟାପୁଛି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ଦେଇଛନ୍ତି। ଆଜିକାଲି ଯେଉଁ ପ୍ରକାରର ଗରମ ହେଉଛି ବାହାରକୁ ବାହାରିଲେ ପିଇବା ପାଣି ନିହାତି ଆବଶ୍ୟକ ହୋଇ ପଡୁଛି। ଗାଁଠୁ ସହର ପର୍ଯ୍ୟନ୍ତ ମିନେରାଲ ପାଣିର ମଧ୍ୟ ଅଭାବ ନାହିଁ କହିଲେ ଚଳେ। ହେଲେ ସେ ପାଣି କେତେ ଶୁଦ୍ଧ ଲୋକେ ତାହାକୁ ଦେଖୁ ନାହାଁନ୍ତି। କମ ପଇସାରେ କିଣି ଅଧିକ ଲାଭ ଉଦ୍ଦେଶ୍ୟରେ ଦୋକାନୀ ମାନେ ବେଶ ଫାଇଦା ଉଠାଇ ବାକୁ ଚେଷ୍ଟା କରୁଛନ୍ତି। ଏହି ସମୟର ଫାଇଦା ନେଇ ବଜାର ରେ ମାତିଛନ୍ତି କିଛି ଅସାଧୁ ବ୍ୟବସାୟୀ। ଗତ ୧୫ ତାରିଖରେ ଯାଜପୁର ଜିଲ୍ଲା ବ୍ୟାସ ନଗରରେ ଏକ ବୋତଲ ପାଣିରେ ହଇଜା ଜୀବାଣୁ ଚିହ୍ନଟ ହେବା ପରେ ସାରା ରାଜ୍ୟରେ ଲୋକଙ୍କ ମନରେ ଏକ ପ୍ରକାରର ଭୟର ବାତାବରଣ ଖେଳି ଯାଇଛି।କିନ୍ତୁ ସବୁଠୁ ଦୁଃଖ ଓ ବିଡମ୍ବନା ର ବିଷୟ କି ରାଜଧାନୀ ଉପକଣ୍ଠ ବାଲିପାଟଣା ରେ ଏହା ଉପରେ ପ୍ରଶାସନ ର ଟିକେ ବୋଲି ନଜର ନାହିଁ ବୋଲି କହିଲେ ଅତୁପ୍ତି



ହେବନାହିଁ। ଆମେ ଯଦି କହିବା ପାଣିର ବିଶୁଦ୍ଧତା ଓ ମାନ ପରୀକ୍ଷା ପାଇଁ କୌଣସି ପ୍ରକାରର ବ୍ୟବସ୍ଥା ହିଁ ନାହିଁ ବାଲିପାଟଣା ରେ। ସଭାସମିତି ଠାରୁ ଆରମ୍ଭ କରି ଭୋଜି ଭାତ ଇତ୍ୟାଦି ପର୍ଯ୍ୟନ୍ତ ଆଜିକାଲି ପାଣି ବୋତଲ ର ବହୁଳ ମାତ୍ରାରେ ବ୍ୟବହୃତ ହେଉଛି ବିଭିନ୍ନ ହୋଟେଲ ମାନଙ୍କ ରେ ମଧ ଏବେ ପାଣି ବୋତଲ ଦେବା ଗୋଟେ ସୌଉକ ହେଇଗଲାଣି। ବସ, ଟ୍ରେନ୍ ରେ ଯାତ୍ରା କଲାବେଳେ ଯାତ୍ରୀ ମାନଙ୍କ ପାଇଁ ପିଇବା ପାଣି ଏହି ବୋତଲ ପାଣି ହିଁ ଏକମାତ୍ର ଭରସା। ବିକଳ୍ପ ନଥିବାରୁ ଲୋକେ ବାଧ ହୋଇ କିଣିକରି ପାଣିକୁ ପିଉଛନ୍ତି। ବାଲିପାଟଣା ଅଞ୍ଚଳରେ ଭିନ୍ନ ଭିନ୍ନ କମ୍ପାନୀ ର ପିଇବା ପାଣି ବୋତଲ ବଜାର ରେ ବିକ୍ରି ହେଉଛି। ନାମୀଦାମୀ କମ୍ପାନୀ ମାନଙ୍କର ଲୋଗକୁ କପି କରି ଅବିକଳ ନକଲ କରି ସାଧାରଣ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ୧୫ରୁ ୨୦ଟଙ୍କାରେ ବଜାରରେ ବିକ୍ରି ହେଉଛି ଏହି ଅପମିଶ୍ରିତ ପାଣି। ସ୍ୱାସ୍ଥ୍ୟ ପ୍ରତି ଏହା ହାନିକାରକ ହୋଇଥିଲେ ବି ଏଗୁଡ଼ିକର ଯାଞ୍ଚ ହେଉନାହିଁ। ଫଳରେ ଏହି ସବୁ ନକଲି ପାଣି ବୋତଲ କେବେ ତିଆରି ହୋଇଥିଲା କେବେ ତାହାର ଏକ୍ସପାରି ତାରିଖ କେତେଦିନ ତାକୁ ବ୍ୟବହାର କରା ଯାଇପାରିବ ସେସବୁ ବି ରହୁନି ।ଏହି ସବୁ ସମସ୍ୟା କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପାଣିର ନମୁନା ସଂଗ୍ରହ କରି ପରୀକ୍ଷା କରି ନକଲି ପାଣି ବ୍ୟବସାୟୀ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରେ ଦାବୀ ହେଉଛି।

## କୋଲକାତା ଗଣବଳାତ୍କାର ମାମଲାର ଯାଞ୍ଚ ପାଇଁ ଗଠନ ହେଲା ୫ ଜଣିଆ ଟିମ୍

କୋଲକାତା, ୨୮ ।୬: ଶନିବାର (ଜୁନ ୨୮) ଦିନ କୋଲକାତା ପୋଲିସ ପ୍ରଥମ ବର୍ଷର ଆଇନ ଛାତ୍ରୀଙ୍କ ଗଣବଳାତ୍କାର ମାମଲାରେ ପାଞ୍ଚ ଜଣିଆ ସ୍ୱତନ୍ତ୍ର ତଦନ୍ତ ଦଳ (ଝଓଞ) ଗଠନ କରିଛି। ଏହି ଏସଆଇଟି ଏସିପି ପ୍ରଦୀପ କୁମାର ଘୋଷାଲଙ୍କ ନେତୃତ୍ୱରେ ମାମଲାର ତଦନ୍ତ କରିବ। ଏହି ମାମଲାରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି ଯେ ଶନିବାର (ଜୁନ ୨୮) ଦିନ ହିଁ କୋଲକାତା ପୋଲିସ କଲେଜର ଜଣେ ସୁରକ୍ଷା କର୍ମୀଙ୍କୁ ଗିରଫ କରିଛି। ଏହା ସହିତ, କଲେଜ କ୍ୟାମ୍ପସର ସୁରକ୍ଷା ଗାର୍ଡ ରୁମରେ ଏହି ଘଟଣା ସହିତ ଜଡିତ ଗିରଫ ବ୍ୟକ୍ତିଙ୍କ ସଂଖ୍ୟା ଚାରିକୁ ବୃଦ୍ଧି ପାଇଛି।

ଅଧିକାରୀ କହିଛନ୍ତି, 'ପଚରାଉଚରା ପାଇଁ ଅଟକ ରଖାଯାଇଥିବା ସୁରକ୍ଷା କର୍ମୀଙ୍କୁ ପରେ ଗିରଫ କରାଯାଇଥିଲା।' ସେ କହିଛନ୍ତି, 'ଶନିବାର ସକାଳେ ଆମେ ସୁରକ୍ଷା କର୍ମୀଙ୍କୁ ଗିରଫ କରିଛୁ, କାରଣ ତାଙ୍କର ଉତ୍ତର ଅସ୍ପଷ୍ଟ ଥିଲା। କଲେଜରେ ତାଙ୍କର ଉପସ୍ଥିତି ଉଉଞ୍ଚଠ ଫୁଟେଜ ରୁ ଜଣାପଡିଥିଲା।'

ଅଧିକାରୀ କହିଛନ୍ତି, 'ଗାର୍ଡ ତାଙ୍କ କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିଲେ ଏବଂ ପୋଲିସ ସେହି ସମୟରେ ଡ୍ୟୁଟିରେ ଏକା ଥିଲେ କି ନାହିଁ ତାହା ଜାଣିବାକୁ ଚେଷ୍ଟା କରୁଛି।' ଉଲ୍ଲେଖଯୋଗ୍ୟ ଯେ ଏହି ଭୟଙ୍କର ଘଟଣା ବୁଧବାର (ଜୁନ ୨୫) ସାରେ ଦକ୍ଷିଣ କୋଲକାତା ଆଇନ କଲେଜରେ ଘଟିଥିଲା। ଏହି ମାମଲାରେ ଗିରଫ ହୋଇଥିବା ସୁରକ୍ଷା କର୍ମୀଙ୍କ ସମ୍ପର୍କରେ ଜଣେ ଅଧିକାରୀ କହିଛନ୍ତି, 'ଗାର୍ଡ କାହିଁକି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ଏବଂ କାହିଁକି ସେ ତିନି ଅଭିଯୁକ୍ତଙ୍କୁ ଅପରାଧ କରିବାରୁ ଅଟକାଇ ନଥିଲେ ସେ ବିଷୟରେ ସ୍ପଷ୍ଟ ଉତ୍ତର ଦେଇ ନଥିଲେ। ଏହା ସହିତ, ତାଙ୍କୁ ଏହା ମଧ୍ୟ କହିବାକୁ ପଡିବ ଯେ ସେ କାହିଁକି ଏବଂ କାହାର ନିର୍ଦ୍ଦେଶରେ ତାଙ୍କ କୋଠରୀ ଛାଡିଥିଲେ। ଏହା ମଧ୍ୟ ଅପରାଧରେ ଏକ ପ୍ରକାର ସମ୍ପୃକ୍ତି।'

ସେହି ସମୟରେ, ପୀଡିତା ପୋଲିସକୁ ଲିଖିତ ଅଭିଯୋଗ କରି ଅଭିଯୋଗ କରିଛନ୍ତି ଯେ ସୁରକ୍ଷା କର୍ମୀ ତାଙ୍କୁ ସାହାଯ୍ୟ କରି ନଥିଲେ। ପୀଡିତା କହିଛନ୍ତି ଯେ ୨୫ ଜୁନ ରାତି ପ୍ରାୟ ୭ଟା ୩୦ ରୁ ୧୦ଟା ୩୦ ପର୍ଯ୍ୟନ୍ତ ତାଙ୍କ ସହିତ ଏସବୁ ଘଟିଥିଲା। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ତିନି ଅଭିଯୁକ୍ତଙ୍କୁ ଗୁରୁବାର (୨୬ ଜୁନ)ରେ ଗିରଫ କରାଯାଇଥିଲା। କୋଲକାତା ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପୀଡିତାଙ୍କ ଡାକ୍ତରୀ ପରୀକ୍ଷାରେ ଗଣବଳାତ୍କାର ନିଶ୍ଚିତ ହୋଇଛି।

## ହିନ୍ଦୁ ଧର୍ମକୁ ନେଇ ଆପତ୍ତିଜନକ ଟିପ୍ପଣି କରିବା ପଡିଲା ମହଙ୍ଗା

ହାଇଦ୍ରାବାଦ : ହିନ୍ଦୁ ଧମକୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ ହାଇଦ୍ରାବାଦର ରାମକୋଟ ଅଞ୍ଚଳର ଜଣେ ମୁସଲିମ ବ୍ୟକ୍ତିଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ରାମକୋଟ ଅଞ୍ଚଳର ନାରାୟଣଗୁଡ଼ା ପୋଲିସ ଇନ୍ସପେକ୍ଟର ଚନ୍ଦ୍ର ଶେଖରଙ୍କ ଅନୁଯାୟୀ, ମୁସଲିମ ସମ୍ପ୍ରଦାୟର ଜଣେ ବ୍ୟକ୍ତି ଅନ୍ୟ ଧର୍ମ ବିରୁଦ୍ଧରେ ଅନୁପଯୁକ୍ତ ଭାଷା ବ୍ୟବହାର କରିଥିଲେ, ଯାହାଙ୍କ ବିରୁଦ୍ଧରେ ୨୯୫ଇ, ୨୯୮, ୧୫୩ଇ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଇନ୍ସପେକ୍ଟର ଚନ୍ଦ୍ର ଶେଖର ଏହି ମାମଲା ବିଷୟରେ କହିଛନ୍ତି, 'ଏହି ଝଗଡା ରାମକୋଟର ଏକ ସ୍ପେୟାର ପାର୍ଟସ ଦୋକାନରୁ ଆରମ୍ଭ ହୋଇଥିଲା, ଯେଉଁଠାରୁ ସେ ବୁଧବାର (୨୫ ଜୁନ, ୨୦୨୫) ତାଙ୍କ ଗାଡ଼ି ପାଇଁ କିଛି ପାର୍ଟସ କିଣିଥିଲେ। ଏହି ସମୟରେ, ଯେତେବେଳେ ବ୍ୟକ୍ତି ଜଣକ ମେକାନିକଙ୍କୁ ତାଙ୍କ ଗାଡ଼ିରେ ପାର୍ଟସ ରଖିବାକୁ କହିଲେ, ମେକାନିକ ତାଙ୍କୁ କହିଲେ ଯେ ଦୋକାନୀ ତାଙ୍କଠାରୁ ଏହି ପାର୍ଟସ ପାଇଁ ୧୪୦ ଟଙ୍କା ଅଧିକ ନେଇଛନ୍ତି।' ଇନ୍ସପେକ୍ଟର ଆହୁରି କହିଛନ୍ତି, 'ମେକାନିକଙ୍କ କଥା ଶୁଣିବା ପରେ, ବ୍ୟକ୍ତି ଜଣକ ସେହି ଦୋକାନକୁ ଫେରିଗଲେ ଯେଉଁଠାରୁ ସେ ଜିନିଷ କିଣିଥିଲେ ଏବଂ ତାଙ୍କର ୧୪୦ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ହେଲେ ଦୋକାନି ଟଙ୍କା ଦେବାକୁ ମନା କରିଦେଲେ। ଦୋକାନୀ ଯୁକ୍ତି କଲେ ଯେ ତୁମେ ହୁଏତ ଏହି ଜିନିଷ ଅନ୍ୟ କୌଣସି ଦୋକାନରୁ କିଣିଛ, ଯାହା ଉପରେ ବ୍ୟକ୍ତି ଜଣକ ରାଗିଗଲେ ଏବଂ କହିଲେ ଯେ ମୋର ବିଶ୍ୱାସ ମୋ ସହିତ ଅଛି ଏବଂ ହିନ୍ଦୁ ଧର୍ମ ବିଷୟରେ ଆପତ୍ତିଜନକ କଥା କହିବା ଆରମ୍ଭ କଲେ। ଏହା ପରେ ଲୋକମାନେ ସେହି ବ୍ୟକ୍ତିଙ୍କୁ ଚୁପ କରିବାକୁ ଚେଷ୍ଟା କଲେ, କିନ୍ତୁ ସେ ଚୁପ ରହିଲେ ନାହିଁ। ତା'ପରେ ଲୋକମାନେ ତାଙ୍କୁ ବୁଝାଇ ଫେରାଇ ଦେଲେ।' ଦୋକାନୀଙ୍କ ଅନୁସାରେ, ଦୋକାନରେ ଏକ ଚେତାବନୀ ବୋର୍ଡ ଲଗାଯାଇଛି, ଯେଉଁଥିରେ ମୁଁ ଲେଖିଛି ଯେ ପ୍ରଥମେ ଭଲ ଭାବରେ ଦେଖ, ଜିନିଷ କିମ୍ବା ଟଙ୍କା ଫେରସ୍ତ କରାଯିବ ନାହିଁ। ଏହା ସତ୍ତ୍ୱେ, ଦୁଃଖେନ୍ଦର ଶର୍ମା ସେହି ବ୍ୟକ୍ତିଙ୍କ ବିରୁଦ୍ଧରେ ଝଗଡା ପାଇଁ ଥାନାରେ ଅଭିଯୋଗ କରିଥିଲେ।

## ନୂତନ ର' ମୁଖ୍ୟ ହେଲେ ଆଇପିଏସ ଅଧିକାରୀ ପରାଗ ଜୈନ

କେନ୍ଦ୍ର ସରକାର ୧୯୮୯ ବ୍ୟାଚ୍ ର ପଞ୍ଜାବ କ୍ୟାଡରର ଓଟଝ ଅଧିକାରୀ ହେଉଛନ୍ତି ପରାଗ ଜୈନ । ତାଙ୍କୁ ରିସର୍ଚ୍ଚ ଆଣ୍ଡ୍ ଆନାଲିସିସ୍ ୱିଙ୍ଗ (ଜ-ଇଉ) ର ନୂତନ ମୁଖ୍ୟ ଭାବରେ ନିଯୁକ୍ତ ହୋଇଛନ୍ତି । ସେ ରବି ସିହ୍ନାଙ୍କ ସ୍ଥାନ ନେବେ । ରବି ସିହ୍ନାଙ୍କ ବର୍ତ୍ତମାନର କାର୍ଯ୍ୟକାଳ ଜୁନ୍ ୩୦ରେ ଶେଷ ହେଉଛି । ପରାଗ ଜୈନଙ୍କ କାର୍ଯ୍ୟକାଳ ଦୁଇ ବର୍ଷ ହେବ । ସେ



ଚଳିତ ବର୍ଷ ଜୁଲାଇ ୧, ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳ ପାଇଁ ଏହି ଦାୟିତ୍ୱ ଗ୍ରହଣ କରିବେ । ପରାଗ ଜୈନ ବର୍ତ୍ତମାନ ବିମାନ ଗବେଷଣା କେନ୍ଦ୍ରର ନେତୃତ୍ୱ ନେଉଛନ୍ତି । ଯାହା 'ଅପରେସନ୍ ସିନ୍ଦୂର' ସମୟରେ ପାକିସ୍ତାନୀ ସଶସ୍ତ୍ର ବାହିନୀର ଆଡ୍ଡା ଏବଂ ଆତଙ୍କବାଦୀ ଶିବିର ବିଷୟରେ ଗୁପ୍ତ ସୂଚନା ସଂଗ୍ରହ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଗୁଇନ୍ଦା ମହଲରେ 'ସୁପର ସ୍ପାଏ' ଭାବରେ ଜଣାଶୁଣା ପରାଗ ଜୈନ ମାନବ ବୁଦ୍ଧିମତ୍ତା କୁ ବୈଷୟିକ ବୁଦ୍ଧିମତ୍ତା ସହିତ ପ୍ରଭାବଶାଳୀ ଭାବରେ ମିଶ୍ରଣ କରିବା ପାଇଁ ଜଣାଶୁଣା । ଏହି ବିଶେଷତା ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ଅଧିକାରୀମାନେ କହିଛନ୍ତି । ଯେତେବେଳେ ଆତଙ୍କବାଦୀମାନେ ପଞ୍ଜାବରେ ଆତଙ୍କ ସୃଷ୍ଟି କରୁଥିଲେ ପରାଗ ଜୈନ ଭଟିଣ୍ଡା, ମାନସା, ହୋସିଆରପୁରରେ ଏକ ଅପରେସନାଲ୍ ଭୂମିକା ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ଚଣ୍ଡିଗଡ଼ର ଝଝଚ ଏବଂ ଲୁଧିଆନାର ଉଓଏ ଥିଲେ । ସେ ଜଇଉରେ ପାକିସ୍ତାନ ଡେସ୍କ ପରିଚାଳନା କରିଛନ୍ତି । ସେ ଧାରା ୩୭୦ ହଟାଇବା ଏବଂ ଅପରେସନ୍ ବାଲାକୋଟ ସମୟରେ ଜମ୍ମୁ ଏବଂ କାଶ୍ମୀରରେ ମଧ୍ୟ କାର୍ଯ୍ୟ କରିଛନ୍ତି । ପରାଗ ଜୈନଙ୍କୁ ଜଣେ ଅତ୍ୟନ୍ତ ନମ୍ର ଅଧିକାରୀ ବୋଲି କୁହାଯାଏ । ସେ କାନାଡା ଏବଂ ଶ୍ରୀଲଙ୍କାରେ ଭାରତୀୟ ପ୍ରତିନିଧି ଭାବରେ କାର୍ଯ୍ୟ କରିଛନ୍ତି । କାନାଡାରେ ତାଙ୍କ ପୋଷ୍ଟିଂ ସମୟରେ ସେ ସେଠାରେ ଖଲିସ୍ତାନ ସମର୍ଥକମାନଙ୍କୁ ଚ୍ୟାଲେଞ୍ଜ କରିଥିଲେ ଏବଂ ବାରମ୍ବାର ନୂଆଦିଲ୍ଲୀକୁ ଚେତାବନୀ ଦେଇଥିଲେ ଯେ ଏହା ବିପଦପୂର୍ଣ୍ଣ ହୋଇଯାଉଛି ।

## ଅନ୍ତର୍ଜାତୀୟ ସ୍ପେଶ ସେଣ୍ଟରରେ କେମିତି କଟୁଛି ଜୀବନ: ମୋଦିଙ୍କୁ ଜଣାଇଲେ ଶୁଭାଂଶୁ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ସ୍ପେଶ ସେଣ୍ଟରେ ପହଞ୍ଚିଥିବା ଗ୍ରୁପ କ୍ୟାପଟେନ ଶୁଭାଂଶୁ ଶୁକ୍ଲାଙ୍କ ସହ କଥା ହୋଇଛନ୍ତି। ସେ ଅନ୍ତର୍ଜାତୀୟ ସ୍ପେଶ ସେଣ୍ଟର ବା ଆଇଏସଏସ୍ ? ରହି ମୋଦିଙ୍କ ସହ ସିଧାସଳଖ କଥା ହୋଇଛନ୍ତି। ମୋଦି ଏହି ଭାରତୀୟ ମହାକାଶଚାରୀଙ୍କୁ କହିଛନ୍ତି, "ଆଜି ଆପଣ ଆମ ମାତୃଭୂମି ଠାରୁ ଦୂରରେ ରହିଛନ୍ତି। କିନ୍ତୁ ଆପଣ ପ୍ରତିଟି ଭାରତୀୟଙ୍କ ହୃଦୟର ଅତି ନିକଟରେ ଅଛନ୍ତି। ଆପଣଙ୍କ ନାଁରେ ବି ଶୁଭ ରହିଛି ଓ ଆପଣଙ୍କ ଯାତ୍ରା ନୂଆ ଯୁଗର ଶୁଭାରମ୍ଭ ମଧ୍ୟ।" ମୋଦିଙ୍କୁ ଜବାବ ଦେଇ ଶୁଭାଂଶୁ କହିଛନ୍ତି, "ଏହା ଏକାକୀ ମୋର ଯାତ୍ରା ନୁହେଁ, ବରଂ ଏହା ଆମ ଦେଶର ଯାତ୍ରା।" ରାକେଶ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଯାଇଛନ୍ତି। ଶ୍ରୀ ଶର୍ମା ୧୯୮୪ ମସିହାରେ ପ୍ରଥମ ଭାରତୀୟ ଭାବେ ମହାକାଶକୁ ଯାଇଥିଲେ।



ଅନ୍ତର୍ଜାତୀୟ ସ୍ପେଶ ସେଣ୍ଟରରେ ଶୁଭାଂଶୁ ଏଯାଏ କ'ଣ ସବୁ ଦେଖିଛନ୍ତି ଓ ସେଠାରେ ଜୀବନ କେମିତି କଟୁଛି ବୋଲି ମୋଦି ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ସେ କହିଛନ୍ତି, "କିଛି କ୍ଷଣ ପୂର୍ବରୁ ମୁଁ ଯେତେବେଳେ ଝରକା ପଟେ ବାହାରକୁ ଦେଖିଥିଲି ସେତେବେଳେ ଆମେ ହାୱାଇ ଉପରେ ରହିଥିଲୁ। ଆମେ ୧୬ ଥର ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ ଦେଖୁଛୁ। ଆମ ଦେଶ ଆଗକୁ ବେଶ ଭଲ ଭାବେ ଦ୍ରୁତ ଗତିରେ ବଢୁଛି।

ଏଠାରେ ସବୁ କିଛି ଭିନ୍ନ। ଆମେ ପ୍ରାୟ ଗୋଟିଏ ବର୍ଷ ଧରି ଟ୍ରେନିଂ ନେଇଥିଲୁ ଓ ମୁଁ ଭିନ୍ନ ବ୍ୟବସ୍ଥାକୁ ଆପଣାଇଥିଲି। କିନ୍ତୁ ଏଠାକୁ ଆସିବା ପରେ ସବୁ କିଛି ବଦଳି ଯାଇଛି। ଏଠାରେ ଛୋଟ ଛୋଟ ଜିନିଷ ମଧ୍ୟ ଭିନ୍ନ। କାରଣ ସ୍ପେଶରେ କୌଣସି ମାଧ୍ୟାକର୍ଷଣ ଶକ୍ତି ନାହିଁ। ଶୋଇବା ଏଠାରେ ସବୁ ଠାରୁ ବଡ଼ ଚ୍ୟାଲେଞ୍ଜ। ଏହି ପରିବେଶ ସହ ଖାପଖୁଆଇବା ପାଇଁ କିଛି ସମୟ ଲାଗିବ।" ମହାକାଶରେ ପହଞ୍ଚିବା କ୍ଷଣି ଶୁଭାଂଶୁ କ'ଣ ପ୍ରଥମେ ଚିନ୍ତା କରିଥିଲେ, ସେକଥା କହିବାକୁ ମୋଦି ତାଙ୍କୁ ଜଣାଇବାକୁ କହିଛନ୍ତି। ଏହାର ଜବାବରେ ସେ କହିଛନ୍ତି, "ପ୍ରଥମ ଦୃଶ୍ୟ ଥିଲା ପୃଥିବୀ। ବାହାରୁ ପ୍ରଥମଥର ପୃଥିବୀକୁ ଦେଖିବା ପରେ ମୋ ମନକୁ ଗୋଟିଏ କଥା ଆସିଥିଲା ଯେ ପୂରା ବିଶ୍ୱ ଏକ। ବାହାରୁ କୌଣସି ସୀମା ଦେଖାଯାଉ ନାହିଁ। ପ୍ରଥମଥର ମୁଁ ଭାରତକୁ ଯେତେବେଳେ ଦେଖିଲି ସେତେବେଳେ ଭାରତ ବେଶ ଚମତ୍କାର ଦେଖାଯାଉଛି। ମ୍ୟାପ ଅପେକ୍ଷା ଆମ ଦେଶ ବହୁତ ବଡ଼। ବାହାରୁ ପୃଥିବୀକୁ ଦେଖିଲେ ଲାଗୁଛି ଯେ କୌଣସି ସୀମା ରେଖା ନାହିଁ। କୌଣସି ରାଜ୍ୟ ନାହିଁ। କୌଣସି ଦେଶ ନାହିଁ। ଆମେ ସମସ୍ତେ ମାନବିକତାର ଅଂଶ ଓ ପୃଥିବୀ ହେଉଛି ଆମ ଘର। ଆମେ ସମସ୍ତେ ଏହା ଭିତରେ ରହିଛୁ।" ବୁଧବାର ନ୍ୟୁୟର୍କର କେନେଡୀ ସ୍ପେଶ ସେଣ୍ଟରରୁ ଉଡ଼ାଣ ଭରିଥିଲେ ଶୁଭାଂଶୁ ଓ ଆଉ ୩ ଜଣ ବୈଜ୍ଞାନିକ। ସେମାନେ ଦୀର୍ଘ ୨୮ ଘଣ୍ଟାର ଯାତ୍ରା ପରେ ଅନ୍ତର୍ଜାତୀୟ ସ୍ପେଶ ସେଣ୍ଟରରେ ପାଦ ରଖିଥିଲେ।

## ପଦ୍ମ ପୁରସ୍କାର ପ୍ରାପ୍ତ ସନ୍ଥଙ୍କ ନାଁରେ ସାଂଘାତିକ ଅଭିଯୋଗ

ନୂଆଦିଲ୍ଲୀ : ଭାରତ ସରକାରଙ୍କ ପକ୍ଷରୁ ସମ୍ମାନଜନକ ପଦ୍ମ ଶ୍ରୀ ସମ୍ମାନ ପାଇଥିବା ସନ୍ଥ ସ୍ୱାମୀ ପ୍ରଦୀପ୍ତ ନନ୍ଦ ଓରଫ କାର୍ତ୍ତିକ ମହାରାଜଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ପଶ୍ଚିମବଙ୍ଗର ଜଣେ ମହିଳା ତାଙ୍କ ବିରୋଧରେ ବାରମ୍ବାର ଦୁଷ୍କର୍ମ ସହ ବଳପୂର୍ବକ ଗର୍ଭପାତ କରାଇବାର ଅଭିଯୋଗ ଆଣିଛନ୍ତି। ଗୋଟିଏ ସ୍କୁଲରେ ଚାକିରି ଦେବା ନାଁରେ କାର୍ତ୍ତିକ ମହାରାଜ ତାଙ୍କୁ ୨୦୧୩ରୁ ବାରମ୍ବାର ଦୁଷ୍କର୍ମ କରି ଚାଲିଥିବା ମହିଳା ଜଣଙ୍କ କହିବା ପରେ ହଇଚଇ ସୃଷ୍ଟି ହୋଇଛି। ଭାରତ ସେବାଶ୍ରମ ସଂଘର ବେଲଦାଙ୍ଗ ୟୁନିଟ ସହ କାର୍ତ୍ତିକ ମହାରାଜ ଜଡ଼ିତ। ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ଏହି ସଂଘ କାର୍ଯ୍ୟ କରେ। ମହିଳା ଜଣଙ୍କ ଦୁଷ୍କର୍ମ ଆଣିଥିଲେ ହେଁ ଏହାକୁ କାର୍ତ୍ତିକ ମହାରାଜଙ୍କ ପକ୍ଷରୁ ଷଡ଼ଯନ୍ତ୍ର ବୋଲି କୁହାଯାଇଛି। ଚଳିତ ବର୍ଷ ଭାରତ ସରକାରଙ୍କ ପକ୍ଷରୁ ଦେଶର ୪ର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ଶ୍ରୀରେ କାର୍ତ୍ତିକ ମହାରାଜଙ୍କୁ ସମ୍ମାନୀତ କରାଯାଇଥିଲା। ହେଲେ ଏବେ ତାଙ୍କ ବିରୋଧରେ ଦୁଷ୍କର୍ମ ଓ ଗର୍ଭପାତ କରାଇବା ଭଳି ଅଭିଯୋଗ ଆସିଛି। ନବଗ୍ରାମ ପୁଲିସ୍‌ରେ ମହିଳା ଜଣଙ୍କ ଦାଖଲ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ ମହାରାଜ ତାଙ୍କୁ ଚାଣକ ଆଦିବାସୀ ବାଳିକା ବିଦ୍ୟାଳୟରେ ଚାକିରି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ଅନ୍ୟତମ ଆଶ୍ରମ ସ୍କୁଲ ଭାବେ ପରିଚିତ। ୨୦୧୨ ଡିସେମ୍ବର ମାସରେ ମହାରାଜଙ୍କୁ ମହିଳା ଭେଟିବା ବେଳେ ଚାକିରିର ପ୍ରତିଶ୍ରୁତି ପାଇଥିଲେ। ଚାକିରି ପ୍ରତିଶ୍ରୁତି ମିଳିବା ସହ ମହିଳାଙ୍କୁ ୨୦୧୩ ଜାନୁଆରୀ ମାସରେ ସ୍କୁଲର ହଷ୍ଟେଲରେ ରହିବାର ବ୍ୟବସ୍ଥାର କରାଯାଇଥିଲା। ଏଥିସହ ଖୁବଶୀଘ୍ର ତାଙ୍କୁ ଚାକିରି ମିଳିବ ବୋଲି କୁହାଯାଇଥିଲା। କିନ୍ତୁ ହଷ୍ଟେଲରେ ରହିବା ବେଳେ କାର୍ତ୍ତିକ ମହାରାଜ ତାଙ୍କୁ ପ୍ରାୟ ପ୍ରତିଦିନ ବିଲଡିଂର ୫ମ ମହଲାକୁ ନେଉଥିଲେ। ସେଠାରେ ତାଙ୍କୁ ବିଭିନ୍ନ ଆଳ ଦେଖାଇ ଦୁଷ୍କର୍ମ କରୁଥିଲେ। ମହିଳା ଜଣଙ୍କ ଆହୁରି ଅଭିଯୋଗ କରିଛନ୍ତି ଯେ ଗୋଟିଏ ଥର କାର୍ତ୍ତିକ ମହାରାଜ ତାଙ୍କୁ ଆଶ୍ରମକୁ ଡାକିଥିଲେ। ସେଠାରେ ତାଙ୍କୁ ୫ ଦିନ କାଳ ରହିବାକୁ କହିଥିଲେ। ଏହି ୫ ଦିନ ମଧ୍ୟରେ କାର୍ତ୍ତିକ ମହାରାଜ ତାଙ୍କୁ ଆଶ୍ରମ ଭିତରେ ମଧ୍ୟ ବାରମ୍ବାର ଦୁଷ୍କର୍ମ କରିଛନ୍ତି। ବାରମ୍ବାର ଦୁଷ୍କର୍ମ କରିବା ପରେ



ମହିଳାଙ୍କୁ ଘରକୁ ଚାଲି ଯିବାକୁ କୁହାଯାଇଥିଲା। ଏଥିସହ ତାଙ୍କୁ ପ୍ରତି ମାସରେ ମହାରାଜ ଟଙ୍କା ପଠାଇବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ବାରମ୍ବାର ଦୁଷ୍କର୍ମ ଯୋଗୁ ୨୦୧୩ରେ ମହିଳା ଜଣଙ୍କ ଗର୍ଭବତୀ ହୋଇଥିଲେ। ଏକଥା ମହାରାଜ ଜାଣିବା ପରେ ତାଙ୍କ ସ୍କୁଲର କର୍ମଚାରୀଙ୍କୁ ମହିଳାଙ୍କ ପାଖକୁ ପଠାଇଥିଲେ। ଏହାପରେ ସେମାନେ ତାଙ୍କୁ ବହରୁମପୁର ସ୍ଥିତ ଗୋଟିଏ ଘରୋଇ ନର୍ସିଂ ହୋମକୁ ନେଇ ଯାଇଥିଲେ ଓ ସେଠାରେ ବଳପୂର୍ବକ ତାଙ୍କର ଗର୍ଭପାତ କରାଯାଇଥିଲା। ଗର୍ଭପାତଙ୍କୁ ପ୍ରଥମେ ପୀଡ଼ିତା ଜଣଙ୍କ ବିରୋଧ କରିଥିଲେ। କିନ୍ତୁ ମହାରାଜ ତାଙ୍କୁ ଧମକ ଦେଇ ସ୍କୁଲ କର୍ମଚାରୀ ଓ ଜଣେ ଡାକ୍ତରଙ୍କ ସହାୟତାରେ ତାଙ୍କର ଗର୍ଭପାତ କରାଇ ଦେଇଥିଲେ। ଏତେ ସବୁ ପରେ ମଧ୍ୟ ମହିଳା ଜଣଙ୍କ ଚାକିରି ପାଇବା ଆଶାରେ ରହିଥିଲେ। କିନ୍ତୁ ଅଭିଯୁକ୍ତ କାର୍ତ୍ତିକ ମହାରାଜ ତାଙ୍କୁ ଚାକିରି ବଦଳରେ ଯୌନ ନିର୍ଯାତନା ଦେଇ ଚାଲିଥିଲେ। ପୀଡ଼ିତା ଜଣଙ୍କ କହିଛନ୍ତି, "ସେ ମୋତେ ମୁର୍ଶିଦାବାଦ ଆଶ୍ରମର ବିଭିନ୍ନ ବ୍ରାଞ୍ଚରେ ଏକାଧିକ ଥର ଦୁଷ୍କର୍ମ କରିଛନ୍ତି। ସେ ମୋତେ ଚାକିରିର ପ୍ରତିଶ୍ରୁତି ଦେଇ ଚାଲିଥିଲେ ଓ ମୁଁ ମଧ୍ୟ ଅପେକ୍ଷା କରିଥିଲି। କିନ୍ତୁ ସମୟକ୍ରମେ ମୋର ଧୈର୍ଯ୍ୟ ଭାଙ୍ଗି ଯାଇଥିଲା। ଜୁନ ୧୨ରେ ମୁଁ ତାଙ୍କୁ ଫୋନ କରିଥିଲି। ସେ ମୋତେ ଜୁନ ୧୩ ସନ୍ଧ୍ୟା ୭ଟା ବେଳେ ବହରୁମପୁରର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଭେଟ ହେବ ବୋଲି କହିଥିଲେ। ସେ ମୋତେ କହିଥିଲେ ଯେ ଦୁଇ ଜଣ ଲୋକ ଆସି ମୋତେ ତାଙ୍କ ପାଖକୁ ନେଇଯିବେ। ସେହି ଅନୁସାରେ ଜୁନ ୧୩ ତାରିଖ ସନ୍ଧ୍ୟା ସମୟରେ ଦୁଇ ଜଣ ଲୋକ ଆସିଥିଲେ ଓ ମୁଁ ସେମାନଙ୍କ ଗାଡ଼ିରେ ବସିଥିଲି। କିନ୍ତୁ ସେମାନେ ମୋତେ ଗାଡ଼ି ବସାଇ ଧମକ ଦେବା ସହ ମହାରାଜଙ୍କ ସହ ଯୋଗାଯୋଗ ନ କରିବାକୁ ଚେତାବନୀ ଦେଇଥିଲେ। ସେମାନେ ମୋତେ ଦୁର୍ବ୍ୟବହାର କରିବା ସହ ଗାଡ଼ିରୁ ଠେଲି ଦେଇଥିଲା।" ମହିଳା ଜଣଙ୍କ ପୁଲିସ୍ ?ରେ ଏପରି ଅଭିଯୋଗ କରିବା ସହ ସନ୍ଥଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଅନ୍ୟପକ୍ଷରେ ମହାରାଜ ମହିଳାଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, "ସମୟ ସବୁ କିଛି କହିବ। ମୋତେ ବଦନାମ କରିବାକୁ ଏହା ଏକ ଷଡ଼ଯନ୍ତ୍ର। ଆମ ଆଶ୍ରମରେ ଅନେକ ମହିଳା କାମ କରୁଛନ୍ତି ଓ ଅନେକ ମହିଳା ଅନୁଗାମୀ ମଧ୍ୟ ରହିଛନ୍ତି। ଆପଣ ମୋ ବିଷୟରେ ସେମାନଙ୍କୁ ପଚାରି ପାରିବେ। ଆମେ ମହିଳାଙ୍କୁ ନିଜର ମା' ଭଳି ସମ୍ମାନ କରୁ।"

## ସଡ଼କ ଦୁର୍ଘଟଣାରେ ୪ଜଣଙ୍କ ମୃତ୍ୟୁ

ରାଜସ୍ଥାନ : ରାଜସ୍ଥାନ ଦୌସା ଜିଲ୍ଲାର ନ୍ୟାସନାଲ ହାଇୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଟ୍ରକକୁ ଧକ୍କା ଦେଲା ହରିୟାଣାର କାର୍ । ଏପରି ଅଘଟଣରେ ୪ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ୩ଜଣ ମହିଳା ଥିବାବେଳେ ଜଣେ ପୁରୁଷ ଥିବା ଜଣାପଡିଛି । ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଛି । ସୂଚନାନୁଯାୟୀ, ଶୁକ୍ରବାର ରାଜସ୍ଥାନ ଦୌସା ଜିଲ୍ଲାର ଜାତୀୟ ରାଜପଥ-୨୧ ରେ ଥିବା ଜଞ୍ଜଙ ଅଫିସ ନିକଟରେ ଏପରି ଅଘଟଣ ଘଟିଥିଲା । ଜଞ୍ଜଙବିଭାଗର ଯାଞ୍ଚ ସମୟରେ ଏପରି ଘଟଣା ଘଟିଥିଲା । ଜଞ୍ଜଙ ଅଧିକାରୀ ଝାଡଖଣ୍ଡ ନମ୍ବର ପ୍ଲେଟ ଥିବା ଟ୍ରକକୁ ଅଟକାଇଥିଲେ । କାର ଯୋଗେ ଜୟପୁର ଯାଉଥିଲେ । ସେହି ସମୟରୁ ହରିୟଣାର ନମ୍ବର ପ୍ଲେଟ ଥିବା କାରଟି ଟ୍ରକକୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ୪ଜଣଙ୍କର ମୃତ୍ୟୁ ଘଟିଥିଲା । ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରି ନାହିଁ । ମୃତକଙ୍କ ମଧ୍ୟରେ ତିନି ଜଣ ମହିଳା ଏବଂ ଜଣେ ପୁରୁଷ ଅଛନ୍ତି । ତୁରନ୍ତ ଘଟଣାସ୍ଥଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା । ସୂଚନା ପାଇବା ମାତ୍ରେ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଝାଡ଼ଖଣ୍ଡ ନମ୍ବର ପ୍ଲେଟ୍ ଥିବା ଟ୍ରକକୁ ଜବତ କରିଛି । ଏହା ସହିତ ମୃତଦେହଗୁଡ଼ିକୁ ଜିଲ୍ଲା ହସ୍ପିଟାଲର ପୋଷ୍ଟମର୍ଟମ ରୁମରେ ରଖାଯାଇଛି ।

## ଅପରେସନ ସିନ୍ଦୂରରେ ଧ୍ୱଂସ ପାଇଥିବା ଆତଙ୍କୀ ଲଞ୍ଚ ପ୍ୟାଡକୁ ପୁଣି ସଜାଡୁଛି ପାକିସ୍ତାନ

ନୂଆଦିଲ୍ଲୀ : ଭାରତୀୟ ସେନାର ଅପରେସନ ସିନ୍ଦୂରରେ ଧ୍ୱଂସ ପାଇ ଯାଇଥିବା ଆତଙ୍କବାଦୀଙ୍କ ଲଞ୍ଚ ପ୍ୟାଡ ଓ ଟ୍ରେନିଂ କ୍ୟାମ୍ପକୁ ପୁଣି ଥରେ ତିଆରି କରିବା ଆରମ୍ଭ କରିଛି ପାକିସ୍ତାନ। ଏପ୍ରିଲ ୨୨ ପହଲଗାମ ନରସଂହାରର ବଦଳା ନେବାକୁ ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଥିଲା। ଏବେ ପାକିସ୍ତାନ ସେଗୁଡ଼ିକୁ ପୁଣି ସଜାଡ଼ିବା ଆରମ୍ଭ କରିଥିବା ଜଣାପଡ଼ିଛି। ପାକିସ୍ତାନୀ ସେନ, ଗୁଇନ୍ଦା ସଂସ୍ଥା ଆଇଏସଆଇ ଓ ସରକାର ମିଳିତ ଭାବେ ଆତଙ୍କୀ ଭିତ୍ତିଭୂମିଗୁଡ଼ିକୁ ପୁଣି ତିଆରି କରୁଛନ୍ତି। ପାକିସ୍ତାନ ଅଧିକୃତ କଶ୍ମୀର ଓ ଏହାର ଆଖପାଖ ଅଞ୍ଚଳରେ ପୁଣି ଆତଙ୍କୀ ଲଞ୍ଚ ପ୍ୟାଡ ଓ ଟ୍ରେନିଂ କ୍ୟାମ୍ପ ତିଆରି କରାଯାଉଛି। ଗୁଇନ୍ଦା ଏଜେନ୍ସି ସୂତ୍ରରୁ ମିଳିଥିବା ଖବର ଅନୁସାରେ, ପାକିସ୍ତାନ ଅଧିକୃତ କଶ୍ମୀର ଓ ଏହାର ଆଖପାଖ ଜଙ୍ଗଲିଆ ଅଞ୍ଚଳରେ ଆତଙ୍କୀ ଲଞ୍ଚ ପ୍ୟାଡର ନିର୍ମାଣ କାମ ଚାଲିଛି। ନିର୍ମାଣ କାମକୁ ପାକିସ୍ତାନ ସେନା, ସରକାର ଓ ଆଇଏସ୍ ?ଆଇ ମିଳିତ ଭାବେ ସହାୟତା କରୁଛନ୍ତି। ଏଥିପାଇଁ ବାହାବଲପୁରରେ ଆଇଏସଆଇ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଜୈଶ, ଲସ୍କର, ହିଜବୁଲ ଓ ଟିଆରଏଫ ଭଳି ଆତଙ୍କୀ ସଂଗଠନର କମାଣ୍ଡରଙ୍କ ଗୋଟିଏ ବୈଠକ ହୋଇଥିଲା।



ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆତଙ୍କୀ ଲଞ୍ଚ ପ୍ୟାଡ ଓ ଟ୍ରେନିଂ କ୍ୟାମ୍ପକୁ ପୁଣି ତିଆରି କରିବା ପାଇଁ ପାକିସ୍ତାନ ବିଶ୍ୱ ବ୍ୟାଙ୍କ ଓ ଏଡିବି ଠାରୁ ପାଇଥିବା ପାଣ୍ଠିର ବଡ଼ ଅଂଶ ବ୍ୟବହାର କରୁଛି। ଏହି ସବୁ ଆତଙ୍କୀ କ୍ୟାମ୍ପକୁ ସଂପୂର୍ଣ୍ଣ ଭାବେ ହାଇଟେକ ଶୈଳୀରେ ତିଆରି କରାଯାଉଛି। କୁହାଯାଉଛି ଯେ ନୂଆ ଟ୍ରେନିଂ କ୍ୟାମ୍ପକୁ ଏଭଳି ଢଙ୍ଗରେ ତିଆରି କରାଯାଉଛି ଯେମିତି ସର୍ଭେଲାନ୍ସ ଓ ଏୟାର ଷ୍ଟ୍ରାଇକରୁ ଏହା ବର୍ତ୍ତି ପାରିବ।

ପ୍ରତିଟି କ୍ୟାମ୍ପର ସୁରକ୍ଷା ପାଇଁ ସ୍ପେଶାଲ ତାଲିମ ପ୍ରାପ୍ତ କମାଣ୍ଡୋ ମୁତୟନ ହେବେ। ଏମାନଙ୍କ ପାଖରେ ଆଧୁନିକ ଅସ୍ତ୍ରଶସ୍ତ୍ର ରହିବ। ତେବେ ଗୋଟିଏ କ୍ୟାମ୍ପରେ ୨୦୦ରୁ ଅଧିକ ଆତଙ୍କବାଦୀଙ୍କୁ ତାଲିମ ଦିଆଯିବ ନାହିଁ। ପର୍ଯ୍ୟାୟକ୍ରମେ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ଛୋଟ ଛୋଟ ଗ୍ରୁପରେ ଆତଙ୍କବାଦୀଙ୍କୁ ହମଲା ପାଇଁ ପ୍ରସ୍ତୁତ କରାଯିବ। ଭିଡ଼ ହେଲେ ଧରା ପଡ଼ି ଯିବାର ଆଶଙ୍କା ଥିବାରୁ ପାକିସ୍ତାନ ଏଭଳି ଯୋଜନା କରିଛି।

ସୂତ୍ର ଅନୁସାରେ, ପାକିସ୍ତାନ ଏବେ ଜଙ୍ଗଲିଆ ଓ ପାହାଡ଼ିଆ ଅଞ୍ଚଳରେ ଅଧିକ ସଂଖ୍ୟକ ଛୋଟ ଛୋଟ ଆତଙ୍କୀ ଟ୍ରେନିଂ କ୍ୟାମ୍ପ ତିଆରି କରିବା ଉପରେ ଫୋକସ କରୁଛି। କ୍ୟାମ୍ପରେ ଆତଙ୍କବାଦୀଙ୍କ ସଂଖ୍ୟା ସୀମିତ ରହିବ। ପାକିସ୍ତାନର ଲୁନି, ପୁଟୱାଲ, ତୈପୁ ପୋଷ୍ଟ, ଜାମିଲା ପୋଷ୍ଟ, ଉମରାନୱାଲି, ଚପରାର, ଫରୱାର୍ଡ କାହୁତା, ଛୋଟା ଚୌକ ଓ ଜଙ୍ଗଲୋରାରେ ଧ୍ୱଂସ ପାଇଥିବା ସବୁ ଆତଙ୍କୀ କ୍ୟାମ୍ପକୁ ପୁଣି ତିଆରି କରିବାକୁ ଅଣ୍ଟା ଭିଡ଼ିଛି। ଭାରତୀୟ ଏଜେନ୍ସିଗୁଡ଼ିକୁ ଚକମା ଦେବା ପାଇଁ କ୍ୟାମ୍ପଗୁଡ଼ିକୁ ହାଇଟେକ ଶୈଳୀରେ ତିଆରି କରାଯିବ। ଥର୍ମାଲ ଇମେଜର୍ସ, ରାଡାର ଓ ସ୍ୟାଟେଲାଇଟ ସର୍ଭେଲାନ୍ସରୁ କ୍ୟାମ୍ପଗୁଡ଼ିକୁ ସୁରକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଉଛି। ଏହାବାଦ ପାକିସ୍ତାନ ଆର୍ମି ଓ ଆଇଏସ୍‌ଆଇ ପିଓକେରେ ଭାରତର ଏୟାର ଷ୍ଟ୍ରାଇକରେ ନଷ୍ଟ ହୋଇଥିବା ୧୩ଟି ଲଞ୍ଚ ପ୍ୟାଡକୁ ପୁନଃ ବିକଶିତ କରୁଥିବା ଖବର ମିଳିଛି। କେଲ, ଶାର୍ଡି, ଦୁଧନିୟାଲ, ଅଥମୁକ୍ାମ, ଜୁରା, ଲିପା ଭ୍ୟାଲି, ପଚିବନ ଚମନ, ତଣ୍ଡପାନି, ନୈୟାଲି, ଜାନକୋଟ, ଚକୋଟି, ନିକାଇଲ ଓ ଫରୱାର୍ଡ କାଠୁଆରେ ଲଞ୍ଚ ପ୍ୟାଡର ମରାମତି କରାଯାଉଛି। ସେହିପରି ଅପରେସନ ସିନ୍ଦୂରରେ ଧ୍ୱଂସ ପାଇଥିବା ଅନ୍ତର୍ଜାତୀୟ ସୀମା ନିକଟ ୪ଟି ଲଞ୍ଚ ପ୍ୟାଡକୁ ମଧ୍ୟ ପୁଣି ସକ୍ରିୟ କରାଯାଉଛି। ଏହା ମଧ୍ୟରେ ପାକିସ୍ତାନ ରେଞ୍ଜର୍ସର ନିୟମିତ ପୋଷ୍ଟ ବି ରହିଛି। ଜମ୍ମୁ ସେକ୍ଟରର ଅନ୍ତର୍ଜାତୀୟ ସୀମାରେ ଆଇଏସଆଇ ୪ଟି ଲଞ୍ଚ ପ୍ୟାଡକୁ ପୁନଃ ବିକଶିତ କରୁଛି। ମସରୁର ବଡ଼ ଭାଇ, ଚରପରା, ଲୁନି ଓ ଶଙ୍କରଗଡ଼ ଠାରେ ଥିବା ଗୋଟିଏ ଡ୍ରୋନ ସେଣ୍ଟରକୁ ତିଆରି କରାଯାଉଛି। ପାକିସ୍ତାନ ଗୁଇନ୍ଦା ସଂସ୍ଥା ନୂଆ ରଣନୀତି ଅନୁସାରେ ବଡ଼ବଡ଼ ଟେରର କ୍ୟାମ୍ପକୁ ଛୋଟ ଛୋଟ ଭାଗରେ ବିଭକ୍ତ କରୁଛି। ଅଧିକ ସଂଖ୍ୟକ ଆତଙ୍କୀ ଯେମିତି ଗୋଟିଏ ସ୍ଥାନରେ ଏକାଠି ହେବେନି ଓ ଆକ୍ରମଣ ବେଳେ ଯେମିତି ଅଧିକ କ୍ଷୟକ୍ଷତି ହେବନି, ତା'ହା ଏଥର ଆଇଏସଆଇ ଗୁରୁତ୍ୱ ଦେଉଛି। ପ୍ରତିଟି ମିନି କ୍ୟାମ୍ପର ନିଜସ୍ୱ ସୁରକ୍ଷା ବ୍ୟବସ୍ଥା ରହିବ। ଏହାକୁ ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ ପାକିସ୍ତାନୀ ଆର୍ମି ଅଧିକାରୀ ମନିଟର କରିବେ। ସୁରକ୍ଷାରେ ନିୟୋଜିତ କମାଣ୍ଡୋଙ୍କ ପାଖରେ ଥର୍ମାଲ ସେନ୍ସର୍ସ, କମ ଫ୍ରିକ୍ୱେନ୍ସିର ରାଡାର ସିଷ୍ଟମ ଓ ଡ୍ରୋନ ନିରୋଧୀ ଟେକ୍ନୋଲୋଜି ରହିବ।

# ଏଜବାଷ୍ଟନରେ ଭାରତୀୟ ଦଳର ଅଭ୍ୟାସ



**ବର୍ମିଂହାମ, ୨୮।୬:** ଜୁଲାଇ ୨ ତାରିଖରୁ ଭାରତ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ୍ ଖେଳାଯିବ। ଏଥି ପାଇଁ ଯଶପ୍ରୀତ ବୁମରାଙ୍କ ବୋଲିଂ ଅଭ୍ୟାସ ସହ ଭାରତୀୟ ଦଳ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ପ୍ରଥମ ଟେଷ୍ଟରେ ଭଲ ବ୍ୟାଟିଂ କରିବା ସତ୍ୱେ ଦ୍ୱିତୀୟ ପାଳିରେ ପ୍ରଭାବୀ ବୋଲିଂ କରିପାରି ନଥିବା ଭାରତ ଏବେ ସଙ୍କଟରେ ପଡ଼ିଛି। ବିଶେଷ କରି ଭାରତର ଅଗ୍ରଣୀ ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ ବୁମ୍ରାଙ୍କ କାର୍ଯ୍ୟଭାର ପରିଚାଳନା ପାଇଁ ସେ ଏହି ଟେଷ୍ଟ୍ ଖେଳିବା ନେଇ ସ୍ପଷ୍ଟ ଚିତ୍ର ମିଳି ନଥିବାରୁ ବୋଲିଂ ୟୁନିଟ୍ ଉପରେ ସନ୍ଦେହ ଜାତ ହୋଇଛି। ଭାରତ ପ୍ରଥମ ଟେଷ୍ଟ୍ ହାରିସାରିଛି। ଶୃଙ୍ଖଳାକୁ ବରାବର ସ୍ତରକୁ ଆଣିବାକୁ ହେଲେ ଏଜ୍ବାଷ୍ଟନ୍ରେ ବିଜୟ ଆବଶ୍ୟକ ଥିବାରୁ ବୁମରାଙ୍କ ବସାଇବା ନିଷ୍ପତ୍ତି ବି ଅଡୁଆ ହେବ। ପ୍ରଥମ ଟେଷ୍ଟର ଅନ୍ତିମ ଦିବସରେ ବୁମ୍ରା ଶେଷ ଭାଗରେ ବୋଲିଂ କରିପାରି ନଥିଲେ। ୩୭୧ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୨୮୬/୪ରେ ଥିବାବେଳେ ବୁମରା ୧୯-୩-୫୭-୦ ଚିତ୍ରରେ ଥାଇ ଆଉ ବୋଲିଂ ଆକ୍ରମଣରେ ଲାଗିପାରି ନଥିଲେ।

ବିଜୟ ପାଇଁ ଆହୁରି ୮୫ ରନ୍ ଆବଶ୍ୟକ ଥିବାରୁ ଗୋଟିଏ ଦୁଇଟି ୱିକେଟ୍ ମ୍ୟାଚକୁ ରୋମାଞ୍ଚକ କରିପାରିଥାନ୍ତା। ଦ୍ୱିତୀୟ ନୂଆ ବଲ୍ ପାଇଁ ତାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଇଂଲଣ୍ଡ କିନ୍ତୁ ପରବର୍ତ୍ତୀ ୧୫ ଓଭରରେ ୪ରୁ ଉର୍ଦ୍ଧ୍ୱ ହାରରେ ୬୩ ରନ୍ ସଂଗ୍ରହ କରିନେଇଥିଲା। ନୂଆ ବଲ୍ ଆସିବା ବେଳକୁ ଆଉ ସମ୍ଭାବନା ନଥିବାରୁ ବୁମ୍ରାଙ୍କ ଆବଶ୍ୟକତା ପଡ଼ିନଥିଲା। ଏବେ ଏଜବାଷ୍ଟନରେ ୩୧ ବର୍ଷୀୟ ବୁମ୍ରାଙ୍କ ଖେଳିବା ଜରୁରି ରହିଛି। ପ୍ରଥମ ଟେଷ୍ଟ ଦ୍ୱିତୀୟ ପାଳିରେ ମହମ୍ମଦ ସିରାଜ ହତଭାଗ୍ୟ ଥିଲେ, ଭଲ ଲାଇନରେ ବୋଲିଂ କରିଥିଲେ ମଧ୍ୟ। ପ୍ରଥମ ପାଳି ବିଫଳତାକୁ ଦୂର କରିଥିଲେ ମଧ୍ୟ ସିରାଜ ସେତେ ସଫଳ ହୋଇ ନଥିଲେ। ତୃତୀୟ ଓ ଚତୁର୍ଥ ପେସ୍ ବୋଲର୍ ପ୍ରସିଦ୍ଧ କୃଷ୍ଣ ଓ ଶାର୍ଦ୍ଦୁଳ ଠାକୁର ବି ଅସରଦାର ରହିଥିଲେ। ଏହି ଦୁଇ ଜଣ ବି ମିଳିତ ଭାବେ ୧୬ ଟେଷ୍ଟ୍ ଖେଳି ଅପେକ୍ଷାକୃତ ଅନଭିଜ୍ଞ ରହିଛନ୍ତି। ଉଭୟ ମଧ୍ୟ ଓଭର ପିଛା ୫/୬ ରନ୍ ଉପରେ ରନ୍ ବ୍ୟୟ କରିଛନ୍ତି ଲିଡ୍ସରେ। ପ୍ରସିଦ୍ଧଙ୍କ ଉପରେ କିନ୍ତୁ ଭରସା ରଖିଛନ୍ତି ପୂର୍ବତନ ପେସ୍ ବୋଲର ଡୋଡା ଗଣେଶ। ଶାର୍ଦ୍ଦୁଳ ଠାକୁରଙ୍କ ବଦଳରେ କୁଲଦୀପ ଯାଦବଙ୍କୁ ଖେଳାଇବା ଦାବି ବି ଉଠିଛି। ରବୀନ୍ଦ୍ର ଜାଡ଼େଜା ମିତବ୍ୟୟୀ ବୋଲିଂ କରିଥିଲେ। ଲିଡ୍ସରେ ମୋଟ ୨୭.୪ ଓଭରରେ ୧୦୦ ରନ୍ ବିନିମୟରେ ୩ ୱିକେଟ୍ ନେଇଥିଲେ। ଦ୍ୱିତୀୟ ଟେଷ୍ଟ୍ ପାଇଁ ବି ୱାସିଂଟନ୍ ସୁନ୍ଦରଙ୍କ ନାମ ବିଚାରକୁ ନିଆଯାଉଛି। ସ୍ପିନ୍ ବୋଲିଂ ସହ ବ୍ୟାଟିଂ କ୍ଷମତା ବି ରଖିଛନ୍ତି। ଅଭ୍ୟାସ ଶିବିରରେ ଭାରତୀୟ ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମହମ୍ମଦ ସିରାଜ ନିଜ ବ୍ୟାଟିଂ ଉପରେ ବି ଢେର୍ ଫୋକସ କରିଥିଲେ। ଶୁବମନ ଗିଲ୍ ଓ ଋଷଭ ପନ୍ତ୍ ନେଟ୍ସରେ ଅଭ୍ୟାସ କରିଥିଲେ। ପୂର୍ବଦିନ ଭାରତୀୟ ଖେଳାଳି ମାନେ ସତେଜ ହେବାକୁ ବର୍ମିଂହାମରେ ପାର୍କ ବୁଲିଥିଲେ। ବୁମ୍ରା ପ୍ରଥମ ଟେଷ୍ଟରେ ୪୪ ଓଭର ବୋଲିଂ କରିଥିବାରୁ ବର୍ମିଂହାମରେ ବିଶ୍ରାମ ନେବାର ଆବଶ୍ୟକତା ପଡୁଛି।

### ଆଇସିସିର ବଡ଼ ନିଷ୍ପତ୍ତି

# କ୍ରିକେଟ୍ ପାଇଁ ବଦଳିବ ନିୟମ




**ଲଣ୍ଡନ, ୨୮।୬:** କ୍ରିକେଟକୁ ଅଧିକ ଆକର୍ଷଣୀୟ ଓ ପେସାଦାର କରିବା ଲକ୍ଷ୍ୟରେ ଆଇସିସି ସମସ୍ତ ଫର୍ମାଟ୍ ପାଇଁ ନୂଆ ନିୟମ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି । ବାଉଣ୍ଡରି ନିକଟରେ ବନି ହପ୍ କ୍ୟାଚ୍ ଉପରେ ବି କଟକଣା ଲାଗୁ କରାଯାଇଛି। ଏହା ସହିତ ପୁରୁଷ ଅନ୍ତର୍ଜାତୀୟ ଦିକିକିଆ କ୍ରିକେଟ୍ ମ୍ୟାଚ୍ ପାଇଁ ପ୍ରତି ପାଳି ଲାଗି ଗୋଟିଏ ନୂଆ ବଲ୍ ପରିବର୍ତ୍ତେ ୩୫ ଓଭର ପରଠାରୁ ଗୋଟିଏ ବଲରେ ଖେଳାଯିବ ବୋଲି କୁହାଯାଇଛି ।

ଧଳାବଲ୍ ପାଇଁ ଘୋଷିତ ନୂଆ ନିୟମ ଜୁଲାଇ ୨ରୁ ଆରମ୍ଭ ହେବ। ଧଳାବଲରେ ଷ୍ଟପ୍ କ୍ଲକ୍ ନିୟମ ଲାଗୁ କରିବାର ବର୍ଷକ ପରେ ଏହାକୁ ଟେଷ୍ଟ୍ କ୍ରିକେଟରେ ବି ଲାଗୁ କରାଯାଇଛି । ଟେଷ୍ଟ୍ କ୍ରିକେଟ୍ ପାଇଁ ମଧ୍ୟ ସ୍ଲୋ ଓଭର୍ ରେଟ୍ ନିୟମ ଲାଗୁ କରାଯିବ। ପୂର୍ବ ଓଭର ଶେଷ ହେବାର ଗୋଟିଏ ମିନିଟ୍ ଭିତରେ ପରବର୍ତୀ ଓଭର ଆରମ୍ଭ ହେବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ବିଫଳ ହେଲେ ଦୁଇଟି ଚେତାବନୀ ପଏଣ୍ଟ ମିଳିବା ବୋଲିଂ ଦଳ ଉପରେ ତତ୍କ୍ଷଣାତ ୫ ରନ୍ ପେନାଲ୍ଟି ବି ଲାଗୁ ହେବ। ପ୍ରତି ୮୦ ଓଭର ଅନ୍ତରାଳରେ ବୋଲିଂ ଦଳର ଚେତାବନୀ ପଏଣ୍ଟ 'ଶୂନ' ହୋଇଯିବ। ଉଦ୍ଦେଶ୍ୟମୂଳକ ଭାବେ ସର୍ଟ ରନ୍ ନିଆଯାଉଥିଲେ ବୋଲିଂ କରୁଥିବା ଦଳ ନିଷ୍ପତ୍ତି ନେବେ କେଉଁ ବ୍ୟାଟର୍ ଷ୍ଟ୍ରାଇକ୍ ପଟେ ରହିବେ। ଆଉ ଏକ ମଜାଦାର ନିୟମ ହେଉଛି ଯଦି କୌଣସି ଫିଲ୍ଡର ଉଦ୍ଦେଶ୍ୟମୂଳକ ଭାବେ ନକଲି କ୍ୟାଚ୍ ଦାବି କରେ ତେବେ ଟିଭି ଅମ୍ପାୟାର ଏହାକୁ ନୋ ବଲ୍ ଘୋଷଣା କରିପାରିବେ। ସ୍ୱଚ୍ଛ କ୍ୟାଚ୍ ହୋଇ ନଥିଲେ ନୋ ବଲ୍ ପାଇଁ ବ୍ୟାଟିଂ ଦଳକୁ ଅତିରିକ୍ତ ରନ୍ ମିଳିବା କ୍ୟାଚ୍ ସ୍ୱଚ୍ଛ ଥିଲେ ବ୍ୟାଟିଂ ଦଳ ସଂଗ୍ରହ କରିଥିବା ରନ୍ ଗଣାଯିବ। ବଲରେ ଲାଳ ରହିଥିଲେ ଏବେ ବଲ୍ ପରିବର୍ତ୍ତନ କରିବା ବାଧ୍ୟତାମୂଳକ ବି ହେବ ନାହିଁ।

# ପୁଣି ଭାରତ-ପାକିସ୍ତାନ ମ୍ୟାଚ



**ଲାଉସାନେ(ସୁଇଜରଲାଣ୍ଡ), ୨୮।୬:** ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଚେନ୍ନାଇ ଓ ମଦୁରାଇରେ ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରାଯାଉଛି। ଏଥିପାଇଁ ସ୍ଥାନୀ। ଏଫଆଇଏଚ୍ ମୁଖ୍ୟ କାର୍ଯ୍ୟାଳୟରେ ଡ୍ର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଗ୍ରୁପ୍ 'ବି'ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ବ୍ୟତୀତ ଚିଲି ଓ ସୁଇଜରଲାଣ୍ଡ ସ୍ଥାନ ପାଇଛନ୍ତି।

ଏହି ସଂସ୍କରଣରେ ପ୍ରଥମ ଥର ୨୪ଟି ଦଳ ଅଂଶଗ୍ରହଣ କରିବେ। ପୁଲ୍ 'ଏ'ରେ ଜର୍ମାନୀ, ଦକ୍ଷିଣ ଆଫ୍ରିକା, କାନାଡା ଓ ଆୟର୍ଲାଣ୍ଡ ସ୍ଥାନ ପାଇଥିବା ବେଳେ ପୁଲ୍ 'ସି'ରେ ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ ଓ ଚାଇନାକୁ ସ୍ଥାନ ମିଳିଛି। ପୁଲ୍'ଡି'ରେ ସ୍ପେନ, ବେଲଜିୟମ, ଇଜିପ୍ଟ ଓ ନାମ୍ବିଆ ଏବଂ ପୁଲ୍ 'ଇ'ରେ ନେଦରଲାଣ୍ଡ୍ସ, ମାଲେସିଆ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ରହିଛନ୍ତି। ସେହିପରି ପୁଲ୍ 'ଏଫ୍'ରେ ଫ୍ରାନ୍ସ, ଅଷ୍ଟ୍ରେଲିଆ, କୋରିଆ ଓ ବାଂଲାଦେଶକୁ ନିଆଯାଇଛି। ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ ସଭାପତି ତୟାବ ଇକ୍ରାମ, ହକି ଇଣ୍ଡିଆ। ସାଧାରଣ ସମ୍ପାଦକ ଭୋଳାନାଥ ସିଂ ଏବଂ ହକି ଇଣ୍ଡିଆ ମହାନିର୍ଦ୍ଦେଶକ ଆର୍.କେ. ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜର୍ମାନୀ ବର୍ତ୍ତମାନ ଜୁନିୟର ପୁରୁଷ ବିଶ୍ୱକପ୍ ଚାମ୍ପିୟନ। ୨୦୨୩ ସଂସ୍କରଣରେ ଦଳ ଫାଇନାଲରେ ଫ୍ରାନ୍ସକୁ ୨-୧ ଗୋଲ୍ରେ ପରାସ୍ତ କରିଥିଲା। ଜର୍ମାନୀ ରେକର୍ଡ ସର୍ବାଧିକ, ସେ ୬ଥର ଏହି ଟୁର୍ନାମେଣ୍ଟର ଟାଇଟଲ ବିଜୟୀ ହୋଇଛି।

# ଗର୍ଲଫ୍ରେଣ୍ଡଙ୍କୁ ହୋଟେଲ ଆଣୁଥିଲେ ଶିଖର ଧୱନ

**ନୂଆଦିଲ୍ଲୀ, ୨୮।୬:** ଟିମ ଇଣ୍ଡିଆର ପୂର୍ବତନ ଖେଳାଳି ଶିଖର ଧୱନ ସବୁବେଳେ ସଚ୍ଚୋଟ ବ୍ୟକ୍ତିତ୍ୱର ପରିଚୟ ଦେଇ ଆସିଛି। ସେ ସବୁବେଳେ ଜୀବନକୁ ଉପଭୋଗ କରିବାକୁ ଭଲ ପାଆନ୍ତି। ପଡ଼ିଆ ଭିତରେ ହେଉ କି ପଡ଼ିଆ ବାହାରେ, ସେ ସବୁବେଳେ ହସ ମଜାରେ ଜୀବନ ଅତିବାହିତ କରିଥାଆନ୍ତି।

ଭାରତୀୟ ଟିମର ଏହି ପୂର୍ବତନ ଓପନର ଏବେ ନିଜ ସମ୍ପର୍କରେ ଗୋଟିଏ ସାଂଘାତିକ ଘଟଣାର ଖୁଲାସା କରିଛନ୍ତି। ୨୦୦୬ ମସିହାର ଗୋଟିଏ ଘଟଣା ସେ ସମସ୍ତଙ୍କୁ ଜଣାଇଛନ୍ତି। ଭାରତୀୟ ଏ ଟିମ ଅଷ୍ଟ୍ରେଲିଆ ଗସ୍ତ ସମୟର କଥାକୁ ମନେ ପକାଇ ଧୱନ ଖୁଲାସା କରିଛନ୍ତି ଯେ ସେଠାରେ ସେ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ ଓ ପରବର୍ତ୍ତୀ ଅବସ୍ଥାରେ ସେ ତାଙ୍କୁ ନିଜ ହୋଟେଲ ରୁମକୁ ଗୁପ୍ତ ଭାବେ ଆଣୁଥିଲେ। ଏହି ଟୁର ବେଳେ ଧୱନ ଟିମ ଇଣ୍ଡିଆର ଦିନିକିଆ ଅଧିନାୟକ ରୋହିତ ଶର୍ମାଙ୍କ ସହ ରୁମ ଶେୟାର କରୁଥିଲେ। ଧୱନ ନିଜର ଗର୍ଲଫ୍ରେଣ୍ଡଙ୍କୁ ଗୁପ୍ତ ଭାବେ ହୋଟେଲ ରୁମକୁ ଆଣୁଥିବା ବେଳେ ରୋହିତଙ୍କ ପ୍ରତିକ୍ରିୟା କ'ଣ ଥିଲା, ତା'ର ମଧ୍ୟ ସୂଚନା ଦେଇଛନ୍ତି। ଅଷ୍ଟ୍ରେଲୀୟ ଯୁବତୀଙ୍କ ସହ ଧୱନଙ୍କ ପ୍ରେମ ସମ୍ପର୍କ ଟିମରେ ପୂରା ଭାଇରାଲ ବି ହୋଇଥିଲା। ଧୱନ ନିଜର ଅଟୋବାୟୋଗ୍ରାଫିରେ କହିଛନ୍ତି, ସେ (ଯୁବତୀ) ବହୁତ ସୁନ୍ଦର ଥିଲେ। ହଠାତ ତାଙ୍କ ସହ ମୋର ପୁଣି ଭଲ ପାଇବା ହୋଇଯାଇଥିଲା। ମୁଁ ଭାବି ନେଇଥିଲି ଯେ ସେ କେବଳ ମୋ ପାଇଁ ଓ ମୁଁ ତାଙ୍କୁ ବାହା ହେବି। ମୁଁ ଟୁରର ଆରମ୍ଭ ଅର୍ଦ୍ଧଶତକରୁ ଆରମ୍ଭ କରିଥିଲି। ମୋର ଗସ୍ତ ବେଶ ଚମତ୍କାର ରହିଥିଲା। ପ୍ରତିଟି ମ୍ୟାଚ୍ ପରେ ମୁଁ ତାଙ୍କୁ ଦେଖା କରିବାକୁ ଯାଉଥିଲି। ଏହାପରେ ମୁଁ ତାଙ୍କୁ ହୋଟେଲ ରୁମକୁ ଆଣିବା ଆରମ୍ଭ କରିଥିଲି। ରୋହିତ ଶର୍ମାଙ୍କ ସହ ମୁଁ ସେତେବେଳେ ରୁମ ଶେୟାର କରିଥିଲି। ସେ ଏବେ ଓ ସେତେବେଳେ ମୋ ଆଗରେ ଅଭିଯୋଗ କରୁଥିଲେ। କ'ଣ ତୁମେ ମୋତେ ଶୋଇବାକୁ ଦେବନି ବୋଲି ପ୍ରଶ୍ନ କରୁଥିଲେ। ଗୋଟିଏ ସନ୍ଧ୍ୟାରେ ମୁଁ ମୋ ଗର୍ଲଫ୍ରେଣ୍ଡ ସହ ଡିନର ପାଇଁ ଯାଇଥିଲି। ଏହି ସମୟରେ ମୋ ସହ ତାଙ୍କର ଉପସ୍ଥିତି ଟିମ ଭିତରେ ନିଆଁ ଭଳି ବ୍ୟାପି ସାରିଥିଲା। ଆମେ ହାତ ଧରାଧରି ହୋଇ ହୋଟେଲ ଲବିରେ ଚାଲୁଥିବା ବେଳେ ଆମ ସହ ଅଷ୍ଟ୍ରେଲିଆ। ଗସ୍ତ କରିଥିବା ଜଣେ ଜାତୀୟ ଚୟନକର୍ତ୍ତାଙ୍କ ନଜର ପଡ଼ି ଯାଇଥିଲା। ତାଙ୍କୁ ଦେଖି ମଧ୍ୟ ଆମେ ପରସ୍ପରର ହାତ ଛାଡ଼ି ନଥିଲୁ। କାରଣ ମୁଁ ଜାଣିଥିଲି ଯେ ଆମେ କୌଣସି ଅପରାଧ କରୁ ନାହୁଁ। ଅଷ୍ଟ୍ରେଲିଆ। ଟୁରରେ ଯଦି ମୁଁ ସ୍ଥିର ପ୍ରଦର୍ଶନ କରିଥାଆନ୍ତି, ତା'ହେଲେ ଜାତୀୟ ଟିମରେ ମୋର ଚୟନ ସୁନିଶ୍ଚିତ ଥିଲା। କିନ୍ତୁ ମୁଁ ପ୍ରଦର୍ଶନ ସେତେଟା ସେତେବେଳେ ଭଲ ନଥିଲା। ଭାରତ ପାଇଁ ଧୱନ ୩୪ଟି ଟେଷ୍ଟ, ୧୬୭ ଦିନିକିଆ ଓ ୬୮ଟି ଟି-୨୦ ଖେଳିଛନ୍ତି।



# ମାଷ୍ଟର୍ସ କପ୍ ହକି: ଓଡ଼ିଶା ମହିଳା ବିଜେତା

**ଭୁବନେଶ୍ୱର, ୨୮।୬:** ଚେନ୍ନାଇରେ ଆୟୋଜିତ ମାଷ୍ଟର୍ସ କପ୍ ହକିରେ ଓଡ଼ିଶା ମହିଳା ଦଳ ବିଜେତା ହୋଇଥିଲା ବେଳେ ପୁରୁଷ ଦଳ ଚତୁର୍ଥ ସ୍ଥାନରେ ପଦକରୁ ବଞ୍ଚିତ ହୋଇଛି। ମହିଳା ଫାଇନାଲ୍ରେ ଓଡ଼ିଶା ୧-୦ ଗୋଲରେ ପଞ୍ଜାବକୁ ହରାଇଛି। କଡ଼ାସଂଘର୍ଷ ପୂର୍ଣ୍ଣ ଫାଇନାଲର ପ୍ରଥମ ଦୁଇ କ୍ୱାର୍ଟର ଗୋଲ୍ ଶୂନ୍ୟରେ ଶେଷ ହୋଇଥିଲା। ୩୪ତମ ମିନିଟରେ ଓଡ଼ିଶାକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ରଞ୍ଜିତା ବେକ୍ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହା ପରେ ଦଳ ରକ୍ଷଣାତ୍ମକ ଖେଳି ବିପକ୍ଷ ଦଳକୁ ସୁଯୋଗ ଦେଇ ନଥିଲା। ଶେଷ କ୍ୱାର୍ଟର ଗୋଲ୍ଶୂନ୍ୟରେ ଶେଷ ହେବାରୁ ଓଡ଼ିଶା ଏହି ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ବିଜେତା ହେବାର ଗେରବ ଅର୍ଜନ କରିଥିଲା। ତୃତୀୟ ସ୍ଥାନ ମୁକାବିଲାରେ ହରିୟାଣା ୪-୩ ଗୋଲରେ ତାମିଲନାଡୁକୁ ହରାଇ କାଂସ୍ୟ ଜିତିଥିଲା। ପୁରୁଷରେ ତାମିଲନାଡୁ ବିଜେତା ହୋଇଥିଲା ବେଳେ ଓଡ଼ିଶା ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛି। ଶୁକ୍ରବାର ଫାଇନାଲରେ ତାମିଲନାଡୁ ୫-୦ ଗୋଲରେ ମହାରାଷ୍ଟ୍ରକୁ ମାତ ଦେଇଥିଲା। ତାମିଲନାଡୁର ଡି ମୁଥୁସେଲଭାନ (୩୦ ମିନିଟ୍), ଏସ୍ ସୁଦର୍ଶନ (୩୪ ମିନିଟ୍), ଗୋଥାମନ (୩୬ ମିନିଟ୍), ଥମରାଇକାନନ (୪୦ ମିନିଟ୍) ଓ ଭି ରାମଦଦୋସ (୫୨ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଏହା ପୂର୍ବରୁ ଖେଳାଯାଇଥିବା କାଂସ୍ୟ ମୁକାବିଲାରେ ଲାଜରୁସ ବାର୍ଲାଙ୍କ ନେତୃତ୍ୱାଧୀନ ଓଡ଼ିଶା ୧-୨ ଗୋଲ୍ରେ ଚଣ୍ଡିଗଡ଼ଠୁ ହାରି ପଦକ ହାତଛଡ଼ା କରିଛି। ପ୍ରଥମ କ୍ୱାର୍ଟର ଗୋଲ୍ଶୂନ୍ୟରେ ଶେଷ ହେବା ପରେ ଦ୍ୱିତୀ। କ୍ୱାର୍ଟରରେ ରବୀନ୍ଦର ସିଂହ (୨୬ ମିନିଟ୍)ଙ୍କ ଫିଲ୍ଡ ଗୋଲରେ ଚଣ୍ଡିଗଡ଼ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ୪୪ତମ ମିନିଟରେ ଲାଧୁ ଏକ୍କା (୪୪ ମିନିଟ୍) ଗୋଲ୍ଟି ଶୁଝି ଓଡ଼ିଶା ପାଇଁ ଆଶା ସଞ୍ଚାର କରିଥିଲେ। ୫୨ତମ ମିନିଟରେ ଚଣ୍ଡିଗଡ଼କୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ହରବିନ୍ଦର ସିଂହ ଗୋଲରେ ପରିଣତ କରି ଚଣ୍ଡିଗଡ଼କୁ ବିଜୟ ଦିଗରେ ନେଇଥିଲେ। ଗୋଲ୍ ଶୁଝିବାକୁ ଓଡ଼ିଶା ଖେଳାଳି ବହୁ ଚେଷ୍ଟା କରିବା ସତ୍ୱେ ବିଫଳ ହୋଇଥିଲା। ବିଜେତା ମହିଳା ଦଳ: ପୁନମ ଟୋପ୍ପୋ (ଗୋଲି), ଆନ୍ନାମେରି ସଞ୍ଜୟ ତିର୍କି, ସରିତା ଲାକ୍ରା, ପ୍ରତିମା ତିର୍କି, ପ୍ରତିମା ଏକ୍କା, ସରିତା କେର୍କେଟା, ଜସିନ୍ତା ଟୋପ୍ପୋ, ଦୁଲାରି ମିଞ୍ଜ, ରଞ୍ଜିତା ବେକ୍, ଇଜ୍ରେନ୍ ଦାଦେଲ, ସରିତା ରୋଶନ ମିଞ୍ଜ, ମାରିଆମ ଆଥୟା, ଜୁଲିଆନି ବାଗେ, ଆଞ୍ଜେଲା ବେକ, ଅସିମା ସଞ୍ଜୟ ମିଞ୍ଜ, ଲୁସେଲା ଏକ୍କା (ଅଧିନାୟକ)।



# ଲଣ୍ଡନ କୋର୍ଟରେ ରାଜସ୍ଥାନ ରୟାଲ୍ସର ବିବାଦ

**ଲଣ୍ଡନ, ୨୮।୬:** ଇଣ୍ଡିଆନ ପ୍ରିମିୟର ଲିଗ୍ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ସହ ଜଡିତ ବିବାଦ ଏବେ ଲଣ୍ଡନ ହାଇକୋର୍ଟରେ ପହଁଚିଛି। ଦଳର ମାଲିକ ମନୋଜ ବଡାଲେ ତାଙ୍କ ପୂର୍ବତନ ସାଥୀ ରାଜ କୁନ୍ଦ୍ରାଙ୍କ ଉପରେ ବ୍ଲାକମେଲିଂ ଅଭିଯୋଗ ଆଣିଛନ୍ତି । ବଡାଲେ ରାଜ କୁନ୍ଦ୍ରାଙ୍କ ଉପରେ ୨୦୧୯ର ଗୋପନୀୟତା ଚୁକ୍ତିନାମା ଭଙ୍ଗ କରିବାର ମଧ୍ୟ ଅଭିଯୋଗ ଆଣିଛନ୍ତି ।

ମନୋଜ ବଡାଲେ ଲଣ୍ଡନସ୍ଥିତ କମ୍ପାନି ଏମର୍ଜିଂ ମିଡିଆ। ଭେଞ୍ଚରର ମୁଖ୍ୟ ଏବଂ ରାଜସ୍ଥାନ ରୟାଲ୍ସରେ ତାଙ୍କର ୬୫ ପ୍ରତିଶତ ଅଂଶଧନ ଅଛି । ଅର୍ଥାତ୍, ଏହି ଫ୍ରାଞ୍ଚାଇଜିରେ ତାଙ୍କର ସର୍ବାଧିକ ଅଂଶଧନ ଅଛି ।

ଆପଣଙ୍କୁ କହି ରଖୁଛୁ ଯେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ପୂର୍ବରୁ ରାଜସ୍ଥାନ ରୟାଲ୍ସରେ ୧୧.୭ ପ୍ରତିଶତ ଅଂଶଧନ ଥିଲା । କିନ୍ତୁ ୨୦୧୫ରେ ଆଇପିଏଲ୍ ବେଟିଂରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ତାଙ୍କର ଅଂଶଧନ ହରାଇବାକୁ ପଡିଥିଲା । ଏହି କାରଣରୁ ରାଜସ୍ଥାନ ରୟାଲ୍ସକୁ ମଧ୍ୟ ଦୁଇ ବର୍ଷ ପାଇଁ ନିଲମ୍ବିତ କରାଯାଇଥିଲା ।

ଗତ ମାସରେ, ରାଜ କୁନ୍ଦ୍ରା ମନୋଜ ବଡାଲେଙ୍କୁ ଏକ ଇମେଲ୍ ପଠାଇଥିଲେ, ଯେଉଁଥିରେ ସେ ଦାବି କରିଥିଲେ ଯେ ତାଙ୍କୁ ଭ୍ରମିତ କରାଯାଇଥିଲା ଏବଂ ତାଙ୍କର ୧୧.୭ ପ୍ରତିଶତ ଅଂଶଧନର ପ୍ରକୃତ ମୂଲ୍ୟରୁ ବଂଚିତ କରାଯାଇଥିଲା । ବଡାଲେଙ୍କୁ ପଠାଯାଇଥିବା ଇମେଲରେ କୁନ୍ଦ୍ରା ଭାରତୀ। କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି ଏବଂ ବିସିସିଆଇକୁ ରିପୋର୍ଟ କରିବାକୁ ଧମକ ଦେଇଛନ୍ତି । ତଥାପି, ରାଜ କୁନ୍ଦ୍ରା କହିଛନ୍ତି ଯେ ସେ ରାଜସ୍ଥାନ ରୟାଲ୍ସ ଫ୍ରାଞ୍ଚାଇଜର ମୂଳ ଏବଂ ବର୍ତ୍ତମାନର ଅଂଶଧନକୁ ପ୍ରତିଫଳିତ କରି କ୍ଷତିପୂରଣ ପୁନଃସ୍ଥାପନ ସମ୍ବନ୍ଧୀ। ଏକ ଚୁକ୍ତି ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ । କୋର୍ଟର ଦଲିଲ ଅନୁଯାୟୀ ରାଜ କୁନ୍ଦ୍ରା ପୂର୍ବତନ ଆଇପିଏଲ କମିଶନର ଲଳିତ ମୋଦିଙ୍କୁ ମଧ୍ୟ ଏକ ବାର୍ତ୍ତା ପଠାଇଥିଲେ। ବାର୍ତ୍ତାରେ ଲେଖାଥିଲା, 'ବଡାଲେ ଜାଣି ନଥିଲେ ଯେ ମୋ ସହିତ ଠକେଇ ତାଙ୍କୁ କେତେ ମୂଲ୍ୟ ଦେବ ।' ଏମର୍ଜିଂ ମିଡିଆ। ଭେଞ୍ଚର୍ସ ମେ ୩୦ ତାରିଖରେ ରାଜ କୁନ୍ଦ୍ରାଙ୍କ ବିରୁଦ୍ଧରେ ଏକ ମଧ୍ୟବର୍ତ୍ତୀକାଳୀନ କୋର୍ଟ ଆଦେଶ ପାଇଥିଲା।




# ସାମସଙ୍ଗ ସଲଭ ଫର ଟୁମରୋ ନିମନ୍ତେ ଚୂଡ଼ାନ୍ତ ଡ଼ାକରା

**ନୂଆଦିଲ୍ଲୀ, ୨୮।୬:** ସହର ଏବଂ ଶ୍ରେଣୀଗୃହ ମଧ୍ୟ ଦେଇ, ନୂଆଦିଲ୍ଲୀର କେନ୍ଦ୍ରସ୍ଥଳୀକୁ ନେଇ କୋହ୍ଲାପୁର ଗଳିକନ୍ଦି ମଧ୍ୟରେ, ହଜାର ହଜାର ସଂଖ୍ୟାରେ ବିଦ୍ୟାର୍ଥୀ ମାନେ ଚାହିଁ ରହିଛନ୍ତି, ଏକ ଦୃଢ଼ ବିଶ୍ୱାସର ସହିତ ନିଜକୁ ଆଗେଇ ନେଇ- ଯେମିତିକି "ଆଇ କ୍ୟାନ ସଲଭ ଫର ଟୁମରୋ" (ମୁଁ ଆସନ୍ତାକାଲିର ସମାଧାନ କରିପାରିବି)। ଯେହେତୁ ବର୍ତମାନ ସାମସଙ୍ଗ ସଲଭ ଫର ଟୁମରୋ ଯାତ୍ରା ପ୍ରଦର୍ଶନର ଅନ୍ତିମ ଚରଣରେ ସମାପ୍ତ ହେବାକୁ ଯାଉଛି, ସେଥିପାଇଁ ଭାରତୀୟ ଯୁବ ପରିବର୍ତନକାରୀଙ୍କ ମଧ୍ୟରେ ସେମାନଙ୍କ ଧାରଣାକୁ ଏକ ନୂଆରୂପ ଦେବାର ଓଲଟା ଗଣତି ଆରମ୍ଭ ହୋଇଯାଇଛି। ଜୁନ ୩୦ ହେଉଛି ଏହି ସାମସଙ୍ଗସଲଭ ଫର ଟୁମରୋ ଆବେଦନ କରିବାର ଅନ୍ତିମ ତାରିଖ - ଯାହାକି ୧୪-୨୨ ବର୍ଷର ବୟସ୍କ ମାନଙ୍କ ପାଇଁ ଯେଉଁମାନେ କି ସମଗ୍ର ଦେଶରେ ଏକ ଆନ୍ଦୋଳନକୁ ଉଜ୍ଜିବିତ କରିଛନ୍ତି, ଏକ ଜାତୀୟ ନବୀକରଣ ପ୍ରତିଯୋଗୀତା ଯାହା ଅପ୍ରେଲ ୨୯, ୨୦୨୫ରେ ଶୁଭାରମ୍ଭ ହୋଇଥିଲା, ଏକ କାର୍ଯ୍ୟକ୍ରମ ସମଗ୍ର ଦେଶର ବିଦ୍ୟାର୍ଥୀ ମାନଙ୍କୁ ସଶକ୍ତ କରିବା ସହିତ, ସ୍ୱବିଚାରଧାରା ଉପକରଣର ପ୍ରସ୍ତୁତି, ସାମସଙ୍ଗ ତଥା ଆଇଆଇଟି ନୂଆଦିଲ୍ଲୀର ବିଶେଷଜ୍ଞ ମାନଙ୍କର ଉପଦେଷ୍ଟା, ବିନିଯୋଗ ସଂଯୋଗୀକରଣ, ମୌଳିକ ପଦାର୍ଥ ଉପରେ ସମର୍ଥନ ତଥା ୧ କୋଟି ଟଙ୍କା ଜିତିବାର ସମ୍ଭାବନା। ପୁରସ୍କାର ଠାରୁ ଆହୁରି ଉର୍ଦ୍ଧ୍ୱକୁ ଯାଇ ଏହି କାର୍ଯ୍ୟକ୍ରମକୁ ଯାହା ପ୍ରକୃତରେ ସଂଜ୍ଞା ପ୍ରଦାନ କରିପାରିଛି ଯାହା ହେଉଛି ଉଦ୍ଦେଶ୍ୟ। ବିଗତ ସପ୍ତାହ ମାନଙ୍କରେ, ଖୋଲା ମଂଚ୍ ଆଲୋଚ୍ନା ଏବଂ ପଥପ୍ରାନ୍ତ ପ୍ରଦର୍ଶନ ବିଦ୍ୟାର୍ଥୀ ମାନଙ୍କୁ ଏକାଠି କରି ସେମାନଙ୍କ ଭିତରେ ରହିଥିବା ଅନ୍ତର୍ନିହିତ ଅସାଧାରଣ ଦୂରଦର୍ଶୀତାକୁ ବାହାରକୁ ଆଣିପାରିଛି। ଦିଲ୍ଲୀ – ଏନସିଆର ଠାରେ – ବିଦ୍ୟାର୍ଥୀ ମାନେ ମାନସିକ ସ୍ୱାସ୍ଥ୍ୟ ଜନିତ ଆପ୍କୁ ତଥା ପ୍ରଦୂଷଣ ନିମନ୍ତେ କିଛି ଏଆଇ - ପରିଚାଳିତ ସମାଧାନକୁ ସାକାର ରୂପ ଦେଇପାରିଛନ୍ତି। ଗୁଜରାଟ ଏବଂ ମହାରାଷ୍ଟ୍ରରେ ଜୀବିକା ନିର୍ବାହ ପ୍ୟାକେଜ ଉପରେ ନିଜର ଧାରଣା ପ୍ରତିପୋଷଣ, ଐତିହ୍ୟର ପୁନଃରୁଦ୍ଧାର ତଥା ଶିକ୍ଷା ଅନ୍ତର୍ଭୁକ୍ତିକରଣ ସହିତ ଏକ ମଂଚ ପ୍ରାପ୍ତ ହେବା।

# ସାମସଙ୍ଗ ନୂତନ ଫୋଲଡ଼େବୁଲର ଶୁଭାରମ୍ଭ

**ନୂଆଦିଲ୍ଲୀ, ୨୮।୬:** ବର୍ଷ ବର୍ଷ ପାଇଁ ସାମସଙ୍ଗ ଏଭଳି ଏକ ଆଗକୁ ଆସୁଥିବା ଉପକରଣର ସମଗ୍ର ଡ଼ିଜାଇନ ଲୋକମାନଙ୍କର ପ୍ରକୃତ ଆବଶ୍ୟକତାକୁ ନେଇ କରିବାକୁ ଯାଉଛି ଯାହା ମଧ୍ୟରେ ରହିଛି ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, ତୀକ୍ଷ୍ଣଣ କ୍ୟାମେରା ତଥା ଏଥିରେ ସଂଯୋଗ ହେବା ପାଇଁ ଅନେକ ଗୁଡ଼ିଏ ବଳିଷ୍ଠ ତଥା ସ୍ମାର୍ଟ ପଦକ୍ଷେପ ଗୁଡ଼ିକ ଏବଂ,ଗାଲାକ୍ସି ଏଆଇ ସହିତ ଏହା ବ୍ୟତୀରେକ ଆଉ କେଉଁ ଉପକରଣ କରିପାରିବ – ଏହା ଲୋକମାନେ କିଭଳି ଏଥିସହିତ ସହଯୋଗ କରିବେ ଏହା ହିଁ ବିଷୟବସ୍ତୁ ଅଟେ। ଏଆଇ ଯେହେତୁ ଦ୍ରୁତ ଭାବରେ ବ୍ୟବହାରକାରୀ ମାନଙ୍କ ସହିତ ମିଳିତ ହୋଇପାରିଛି ସେଥି ପାଇଁ ଏହା ଜ୍ଞାନକୌଶଳ ସହିତ ସମ୍ପର୍କକୁ ଆହୁରି ଅଧିକ ଘନିଭୂତ କରିପାରିଛି। ଏହା କେବଳ ଆପ୍ସ ଏବଂ ଉପକରଣ ଗୁଡ଼ିକର ସଂଗ୍ରହକୁ କେବଳ ବୁଝାଉ ନାହିଁ ଏହାର ସ୍ମାର୍ଟଫୋନ ସ୍ମାର୍ଟ ସମ୍ପର୍କ ସ୍ଥାପନା ସହିତ ପ୍ରକୃତ ସମୟରେ ବ୍ୟହାରକାରୀ ମାନଙ୍କର ମନୋବୃତିକୁ ଗ୍ରହଣ କରି ଏ ଦିଗରେ ଗତିଶୀଳ ହୋଇପାରିଛି। ଏଭଳି ଏକ ପରିବର୍ତନ ଆମକୁ ପ୍ରତିକ୍ରିୟାଶୀଳକୁ ନେଇ ଯିବା ସହିତ ଏଥିସହିତ ସାମିଲ ହେବାକୁ ସୁଯୋଗ ଦେଉଛି ଯେଉଁଠାରେ ଏଆଇ ୟୁଆଇ ହୋଇଥିବା ବେଳେ ମନୋବୃତି ତତ୍କାଳରେ ପରିଣତ ହୋଇଛି।

ଆଗାମୀ ପିଢ଼ିର ଏହି ଗାଲାକ୍ସି ଉପକରଣ ଗୁଡ଼ିକ ପୁନଃ ପରିକଳ୍ପନାକୁ ନୂତନ ଏଆଇ କ୍ଷମତା ସହିତ ଏକାଠି କରିବାକୁ ଯାଉଛି ଯାହାକି କିଛି ଆଶ୍ଚର୍ଯ୍ୟାନ୍ୱିତ ହାଡ଼ୱେୟାରକୁ ପ୍ରତିଷ୍ଠା କରିବା ସହିତ ଏହାର ସମ୍ପୂର୍ଣ୍ଣ ସକ୍ଷମତାକୁ ଉନ୍ମୋକ୍ତ କରିପାରିବ।

# ୧୯ ବର୍ଷରୁ କମ କ୍ରିକେଟ : ଭାରତ ବିଜୟୀ




**ହୋଭ, ୨୮।୬:** ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ୧୯ ବର୍ଷରୁ କମ୍ (ଯୁବ) କ୍ରିକେଟ୍ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ପ୍ରଥମ ଦିନିକିଆରେ ଭ୍ରମଣକାରୀ ଭାରତ ୬ ୱିକେଟରେ ଘରୋଇ ଇଂଲଣ୍ଡକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ଭାରତୀୟ ବୋଲିଂକୁ ସାମ୍ନା କରି ନପାରି ୪୨.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୭୪ ରନ୍ କରିଥିଲା। ଆଣ୍ଡ୍ର୍ୟୁ ଫ୍ଲିଣ୍ଟଫଙ୍କ ପୁଅ ରକି ଫ୍ଲିଣ୍ଟଫ୍ ଅର୍ଦ୍ଧଶତକ (୫୬ ରନ୍) ଅର୍ଜନ କରିଥିଲା ବେଳେ ଇସାକ ମହମ୍ମଦ ୪୨ ରନ୍ କରିଥିଲେ। ଭାରତ ପକ୍ଷରୁ କନିଷ୍କ ଚେହାନ ୩ ଏବଂ ହେନିଲ ପଟେଲ, ଆର୍ଏସ୍ ଆମ୍ବ୍ରିସ୍ ଓ ମହମ୍ମଦ ଏନାନ ୨ ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ବୈଭବ ସୂର୍ଯ୍ୟବଂଶୀ (୪୮, ୧୯ ବଲ୍, ୩ ଚୌକା, ୫ ଛକା)ଙ୍କ ବିସ୍ଫୋରକ ପାଳି ପରେ ଅଭିଜ୍ଞ କୁଣ୍ଡୁଙ୍କ ଅପରାଜିତ ୪୫ (୩୪ ବଲ୍, ୪ ଚୌକା, ୧ ଛକା) ରନ୍ ବଳରେ ଭାରତ ୪ ୱିକେଟ୍ ହରାଇ ୨୬ ଓଭର ପୂର୍ବରୁ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାରେ ଭାରତ ୧-୦ରେ ଆଗୁଆ ହୋଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ